

୪୦୦୦ କୋଟିର 'ରାମାୟଣ'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-24 ◆FRIDAY ◆18 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪ ◆ଶୁକ୍ରବାର ◆୧୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଇରାକ ସପିଙ୍ଗ୍ ମଲ୍‌ରେ ଅଗ୍ନିକାଣ୍ଡ; ୬୦ ମୃତ



**ବାଗଦାଦ, ୧୭ ।୭ (ଏଜେନ୍ସି):** ଇରାକ୍‌ର କୁଟ୍ ସହରର ଏକ ବଡ଼ ସପିଙ୍ଗ୍ ମଲ ତଥା ସୁପର ମାର୍କେଟ୍‌ରେ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ୬୦ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଅଗିକାଣ୍ଡକୁ ଆୟତ୍ତ କରାଯାଇଥିଲେ ମଧ୍ୟ ୧୧ ଜଣ ନିଖୋଜ ରହିଛନ୍ତି ବୋଲି ଇରାକର ସରକାରୀ ସମାଚାର ଏଜେନ୍ସି ଆଇଏନ୍‌ଏ ସୂଚନା ଦେଇଛି । ଏଥିରେ କୁହାଯାଇଛି ଯେ ୫୯ ଜଣ ମୃତକଙ୍କ ପରିଚୟ ମିଳିସାରିଛି ଏବଂ ଜଣେ ବ୍ୟକ୍ତିର ମୃତଦେହ ଅତି ଭୟଙ୍କର ଭାବେ ଜଳି ଯାଇଥିବାରୁ ତା'ର ପରିଚୟ ମିଳିପାରି ନାହିଁ । ୫ ଦିନ ପୂର୍ବରୁ ଏହି ସୁପରମାର୍କେଟ ଖୋଲାଯାଇଥିଲା । ତେବେ କ'ଣ ପାଇଁ ଏହି ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଜଣାପଡ଼ିନାହିଁ । ଘଟଣା ଯାଞ୍ଚ ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୩ରେ ଉତ୍ତର ଇରାକର ଏକ ୱେଡିଂ ହଲ୍‌ରେ ନିଆଁ ଲାଗିଯିବାରୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ପାଟନା ହସ୍ପିଟାଲ୍‌ରେ ଗ୍ୟାଙ୍ଗଷ୍ଟରକୁ ଗୁଳିକରି ହତ୍ୟା



**ପାଟନା, ୧୭ ।୭(ଏଜେନ୍ସି):** ୫ ଜଣ ସଶସ୍ତ୍ର ଯୁବକ ଆସିଲେ । ହାତରେ ପିସ୍ତଲ ଧରି ମେଡିକାଲ ଭିତରେ ପଶିଲେ । ମେଡିକାଲରେ ଚିକିତ୍ସାଧୀନ ଥିବା ରୋଗୀ ଉପରେ ଗୁଳି ବର୍ଷା କଲେ । ସେ ମରିଯିବା ପରେ ୩୦ ସେକେଣ୍ଡ ଭିତରେ ମେଡିକାଲରୁ ଫେରାର ହୋଇଯାଇଥିଲେ । ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ, ବରଂ ଏହା ହେଉଛି ବିହାର ରାଜଧାନୀ ପାଟନାରେ ଅପରାଧୀଙ୍କ ଜଘନ୍ୟ କାଣ୍ଡର ନଗ୍ନ ନମୁନା । ମୃତ ବ୍ୟକ୍ତି ଜଣକ ହେଉଛି ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ମିଶ୍ର । ୧୨ଟି ହତ୍ୟା ମାମଲାରେ ଜେଲରେ ସଜା କାଟୁଥିବା ଚନ୍ଦନ ପାରୋଲରେ ଆସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାକୁ ଏଭଳି ହତ୍ୟା କରାଯାଇଛି । ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ଗୋଷ୍ଠୀ ଶେରୁ ସିଂ ଗ୍ୟାଙ୍ଗର ହାତ ଥିବାର ସନ୍ଦେହ କରାଯାଉଛି ।

ପାଟନାର ପାରସ ହସ୍ପିଟାଲ୍‌ରେ ସ୍ପଷ୍ଟ ଦିବାଲୋକରେ ଗୁରୁବାର ଫିଲ୍ମ ଷ୍ଟାଇଲ୍‌ରେ ଗ୍ୟାଙ୍ଗଷ୍ଟର ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ଏଥିରେ ୫ ଜଣ ▶ପୃଷ୍ଠା-୭

## ସୌମ୍ୟାଶ୍ରୀ ନିର୍ଯାତନା ନିଆଁ; ସାରା ରାଜ୍ୟରେ କ୍ରୋଧ

# ବନ୍ଦ ସ୍ୱତଃସ୍ଫୂର୍ତ୍ତ, ଶାନ୍ତିପୂର୍ଣ୍ଣ

**ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଛି । ମିଳିତ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇ ସାରା ଓଡ଼ିଶାର ଜନସାଧାରଣ ଦିବଂଗତ ଛାତ୍ରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ପରୋକ୍ଷରେ ଧିକ୍କାର କରିଛନ୍ତି । ନାରୀ ସୁରକ୍ଷା ଓ ମହିଳା ସଶକ୍ତୀକରଣର ନାରା ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାରର ମାତ୍ର ଏକ ବର୍ଷର ଶାସନ ପରେ ସାଧାରଣ ଜନତାଙ୍କ ତିକ୍ତ ଉପଲବ୍ଧିର ସ୍ୱର ସରକାରଙ୍କ ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।**

### ଦୋକାନବଜାର ବନ୍ଦ, ବସ୍ ଓ ରେଳ ଚଳାଚଳ ପ୍ରଭାବିତ
### କଂଗ୍ରେସ ସମେତ ସାମିଲ ହେଲେ ୮ ସମଭାବାପନ୍ନ ଦଳ
### ଯୋଗଦେଲେ ମହିଳା ଓ ଛାତ୍ର କଂଗ୍ରେସ ଜାତୀୟ ସଭାପତି



**ଭୁବନେଶ୍ୱର, ୧୭।୭ (ସମିସ):** ସାରା ରାଜ୍ୟବାସୀଙ୍କ ମନରେ କ୍ରୋଧ ସୃଷ୍ଟି କରିଛି ସୌମ୍ୟାଶ୍ରୀ ନିର୍ଯାତନା ଓ ଆତ୍ମଦାହ ନିଆଁ । ଗାଁଠୁ ସହର, ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସୃଷ୍ଟି କରିଛି ଆଲୋଡ଼ନ । ଯାହାର ପ୍ରତିଫଳନ ଆଜି ସାରା ରାଜ୍ୟରେ ଦେଖିବାକୁ ମିଳିଛି କଂଗ୍ରେସ ଓ ସମଭାବାପନ୍ନ ୮ ବିରୋଧୀଦଳ ଡକରାରେ ଆଜି ବନ୍ଦ ହୋଇ ଯାଇଛି ଅଖଚକ, ଦୋକାନବଜାର । ଶୂନଶାନ ହୋଇ ଯାଇଛି ସଡ଼କ, ଅଚଳ ହୋଇଯାଇଛି ବେପାରବଣିଜ । ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବରେ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦକୁ ସମର୍ଥନ ପ୍ରଦାନ କରିଛନ୍ତି । କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଗାଡ଼ିକୁ ଛାଡ଼ି ଦେଲେ ରାଜ୍ୟସାରା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାରିପଦା, ଅନୁଗୋଳ, ଜୟପୁର, ବଲାଙ୍ଗିର ସହ ରାଜ୍ୟର ବିଭିନ୍ନ ସହରରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଛି । ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍, ଏପରିକି ଗାଁରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି ।

ସାରା ରାଜ୍ୟରେ ଖାଁ ଖାଁ ସ୍ଥିତି ସୃଷ୍ଟି ହୋଇଛି । ସକାଳ ୬ଟାରୁ ବନ୍ଦର ପ୍ରଭାବ ଆରମ୍ଭ ହୋଇଥିବାରୁ କଂଗ୍ରେସ ଓ ସହଯୋଗୀ ବିରୋଧୀ ଦଳର ନେତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ବସ୍ ଓ ଟ୍ରେନ୍ ଚଳାଚଳ ବ୍ୟାହତ ହେବା ଯୋଗୁଁ ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି । କାଁ ଭାଁ ଛୋଟଛୋଟ ଘଟଣାକୁ ବାଦ ଦେଲେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି । ରାଜଧାନୀ ଭୁବନେଶ୍ୱରେ ସକାଳୁ ସକାଳୁ ପିସିସି ▶ପୃଷ୍ଠା-୭

### ୨୧ରୁ ସଂସଦର ମୌସୁମୀ ଅଧିବେଶନ

## କେନ୍ଦ୍ର ପାଇଁ ଶିରପୀଡ଼ା ହେବ ଓଡ଼ିଶା ପ୍ରସଙ୍ଗ

**ଭୁବନେଶ୍ୱର/ନୂଆଦିଲ୍ଲୀ ୧୭।୭ (ସମିସ):** ଆସନ୍ତା ୨୧ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ । ଏଥିପାଇଁ ୨୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ମାତ୍ର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବା ନିମନ୍ତେ ୧୯ରେ ରଣନୀତି ପ୍ରସ୍ତୁତ କରିବ ବିରୋଧୀଙ୍କ ଇଣ୍ଡିମେଣ୍ଟ । ବିଶେଷ ଭାବରେ ଆଗାମୀ ଅଧିବେଶନରେ ଜାତୀୟ ପ୍ରସଙ୍ଗ ସହ ବିରୋଧୀଙ୍କ ପାଇଁ ଓଡ଼ିଶା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିବ ବୋଲି କୁହାଯାଉଛି । ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି । ଗୋପାଳପୁର ଗଣ ବଳାତ୍କାର ଘଟଣା, ରଥଯାତ୍ରା ଅଘଟଣ ଓ ଦଳାଚକଟାରେ ୩ ମୃତ, ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼, ଧରାକୋଟରେ ଦୁଇ ଦଳିତଙ୍କ ପ୍ରତି ବର୍ବର ବ୍ୟବହାର ଏବଂ ଏବେ ବ୍ୟବସ୍ଥା ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ରାଜ୍ୟର ଆଇନଶୃଙ୍ଖଳା ଓ ପ୍ରଶାସନିକ ଅପାରଗତା ଯୋଗୁଁ ଏପରି ଘଟଣା ଘଟୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ, ବରିଷ୍ଠ ନେତା ଜୟରାମ ରମେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଯେପରି ଓଡ଼ିଶା ପ୍ରସଙ୍ଗରେ ସକ୍ରିୟ ହୋଇଛନ୍ତି; ତାହା ବିରୋଧୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ସେହିପରି ଓଡ଼ିଶାରେ ବଙ୍ଗଳାଭାଷୀ ଶ୍ରମିକଙ୍କୁ ଅଟକ ପ୍ରସଙ୍ଗକୁ ନେଇ ତୃଣମୂଳ



### ୧୯ରେ ଇଣ୍ଡିମେଣ୍ଟ ବୈଠକ; ପ୍ରସ୍ତୁତ ହେବ ରଣନୀତି

କଂଗ୍ରେସ କଠୋର ଆଭିମୁଖ୍ୟ ପୋଷଣ କରିଛି । ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଓ ଏହି ଦଳ ଶାସିତ ରାଜ୍ୟକୁ ନିଶାଣ କରିଛନ୍ତି । ପଶ୍ଚିମ ବଙ୍ଗ ଲୋକଙ୍କୁ ବିଜେପି ଶାସିତ ରାଜ୍ୟରେ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ କରି କୋଲକାତାରେ ଏକ ବିଶାଳ ରାଲିର ଆୟୋଜନ କରିଥିଲେ । ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗକୁ ▶ପୃଷ୍ଠା-୭

### ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

## କ୍ରାଇମବ୍ରାଞ୍ଚ ଟିମ୍‌ର ଖୋଳତାଡ଼

**ବାଲେଶ୍ୱର/କଟକ, ୧୭ ।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି କ୍ରାଇମବ୍ରାଞ୍ଚ । ଆଜି ଅପରାହ୍ଣରେ କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ କଲେଜରେ ପହଞ୍ଚି ଖୋଳତାଡ଼ କରିଛି । ଏହି ଟିମ୍‌ରେ ୱିମେନ ୱିଙ୍ଗର ଆଇଜି ଏସ୍‌ଏସ୍ ସାଇନିଙ୍କ ସହ ଡିଏସ୍‌ପି ଇମାମ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଂଚାଳି ରାଉତ ପ୍ରମୁଖ ରହିଥିଲେ । ଅପରାହ୍ଣ ପ୍ରାୟ ୪ଟା୧୫ରେ ସର୍କିଟ ହାଉସଠାରୁ ବାହାରି ଉକ୍ତ ଟିମ୍ ଫକୀର ମୋହନ ମହାବିଦ୍ୟାଳୟକୁ ଯାଇଥିଲେ । ଆଜି ପେଟ୍ରୋଲକୁ ନେଇ ତନାଘନା ହୋଇଥିବା ଜଣାଯାଇଛି । ଘଟଣା ଦିନ ସୌମ୍ୟାଶ୍ରୀ ସାଙ୍ଗରେ କଲେଜକୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ଯଦି ଅନ୍ୟ କିଏ ତାଙ୍କୁ ଯୋଗାଇଛି ତେବେ ସେ କିଏ? ସେହିପରି, କଲେଜ ପରିସରକୁ ପଲିଥିନ୍‌ରେ ପେଟ୍ରୋଲ ଅଣାଯାଇଥିଲା ନା କୌଣସି ଡବାରେ ଏବଂ କେଉଁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଅଣାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି । ଘଟଣା ଘଟିବାର କିଛି ସମୟ ପୂର୍ବରୁ ଜଣେ କଲେଜ ଛାତ୍ର ନିକଟସ୍ଥ ▶ପୃଷ୍ଠା-୭

**କ୍ୟାମ୍ପସକୁ କିଏ ଆଣିଥିଲା ପେଟ୍ରୋଲ, ଦିଆସିଲି?**

**ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ପଚରାଉଚରା**

## ଆଜିଠୁ ଉଚ୍ଚସ୍ତରୀୟ କମିଟି ତଦନ୍ତ

**ଭୁବନେଶ୍ୱର, ୧୭ ।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ମାମଲାରେ କ୍ରାଇମବ୍ରାଞ୍ଚ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରିଛି । ମାମଲାରେ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ଜେଲ୍ ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆଉ ଏକ ଉଚ୍ଚସ୍ତରୀୟ କମିଟି କଲେଜକୁ ଯିବ । ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ଗୋଟି ଗୋଟି କରି ପଚରାଉଚରା ▶ପୃଷ୍ଠା-୭

**ବ୍ୟକ୍ତିଗତ ହାଜିରା ଦେବେ ସମସ୍ତ ଆଇସିସି ସଦସ୍ୟ**

## ଛାତ୍ରୀଙ୍କୁ ଯୌନ ଶୋଷଣ; ଅଧ୍ୟାପକ ଗିରଫ



**ସମ୍ବଲପୁର, ୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ହାରିବା ଘଟଣାକୁ ଦିନ ୨ଟା ନ ବିତୁଣୁ ସମ୍ବଲପୁରରୁ ପୁଣି ଏକ ଛାତ୍ରୀ ନିର୍ଯାତନାର ଖବର ଆସିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଭଳି ସଂଗିନ୍ ଅଭିଯୋଗ ହୋଇଛି । ଏନେଇ ଥାନାରେ ମାମଲା ପରେ ପୁଲିସ୍ ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଗୋପିକାନ୍ତ ସୁନା (୩୨) ଙ୍କୁ ଗିରଫ କରିଛି । ତାଙ୍କ ଘର ବରଗଡ଼ ଜିଲ୍ଲାରେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି ।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ବିଏ ବିଏଡ୍ ଯୁକ୍ତ ଦୁଇବର୍ଷର ଜଣେ ଛାତ୍ରୀ ଗତକାଲି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବରରୁ ଏକାଡେମିକ୍ କ୍ଷେତ୍ରରେ ସାହାଯ୍ୟ କରିବା ଆଳରେ ଗୋପିକାନ୍ତ ତାଙ୍କ ସହ ସଂପର୍କ ବଢ଼ାଇଥିଲେ । ଏପରିକି, ପରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ, ବର୍ତ୍ତମାନ ଅଧ୍ୟାପକ ଜଣଙ୍କ ବିବାହ କରିବା ପାଇଁ ରାଜି ହେଉନାହାନ୍ତି । ଏଥିରେ ଛାତ୍ରୀଜଣଙ୍କ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି । ତେଣୁ, ନ୍ୟାୟ ପାଇବା ଆଶାରେ ବାଧ୍ୟ ହୋଇ ବୁଧବାର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଗୋପିକାନ୍ତଙ୍କୁ ବୁଢ଼ାରଜାରୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଘଟଣା ସାମ୍ନାକୁ ଆସିବା ▶ପୃଷ୍ଠା-୭

**ସମ୍ବଲପୁରରେ ଲଜ୍ଜା!**

### ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ

## ଆବାସିକ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ଗର୍ଭବତୀ

**ବିଷମ କଟକ, ୧୭।୭ (ସମିସ):** ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ । ରାୟଗଡ଼ା ଜିଲ୍ଲାରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା । ବିଷମକଟକ ବ୍ଲକ୍ ଡକୁମ୍ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ତଥା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ବୁଧବାର ରାତିରେ ବିଷମକଟକ ଥାନାରେ ଏତଲା ଦିଆଯାଇଛି । ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଛାତ୍ରୀଙ୍କ ପୁନଃ ଡାକ୍ତରୀମାଇନା ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କହିଛନ୍ତି ।

ଗତକାଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ଦଳ ଡୁକୁମ ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟ ଆନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା ବେଳେ ପରୀକ୍ଷାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଚିକିତ୍ସକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଡାକି ସମସ୍ତ କଥା ପଚାରି ବୁଝିଥିଲେ । ଛାତ୍ରୀଜଣଙ୍କ ଗ୍ରୀଷ୍ମଛୁଟିରେ ଘରକୁ ଯାଇଥିବା ବେଳେ ତାଙ୍କ ମାମୁପୁଅ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲା । ଏ ସମସ୍ତ କଥା ଝିଅର ବାପା, ମା'ଙ୍କୁ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ । ଛାତ୍ରୀଜଣଙ୍କ ଗର୍ଭବତୀ ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ । କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

### ନାଳିଫିତା ତଳେ ତଦନ୍ତ

## ନ୍ୟାୟ ଅପେକ୍ଷାରେ ଆଉଜଣେ ସୌମ୍ୟା

**ପଟ୍ଟାମୁଣ୍ଡାଇ, ୧୭।୭ (ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମଦାହ ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣ ସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି । ଘଟଣାର ୫ ମାସ ପରେ ବି ତଦନ୍ତ ନାଳିଫିତା ତଳେ ଚାପି ହୋଇରହିଛି । ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରି ନାହିଁ । ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି ।

ଅନ୍ୟପକ୍ଷରେ ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି । କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି ।

ଘଟଣାରେ ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇନଥିବା ବେଳେ ମୃତା ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନକରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି ।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କହିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ନହୋଇଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ▶ପୃଷ୍ଠା-୭

**▶▶ ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା**

**▶▶ ମାମଲା ନକରିବାକୁ ପୁଲିସ ପକାଉଥିଲା ଚାପ**

**▶▶ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ**

# ସମାଧି ତଳେ ଶତାଧିକ ଦୁଷ୍କର୍ମ ପୀଡ଼ିତା

୧୯ ବର୍ଷ ପରେ ମୁହଁ ଖୋଲିଲେ ସଫେଇ କର୍ମଚାରୀ


କୋର୍ଟରେ ସଫେଇ କର୍ମଚାରୀ

**ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି):** କର୍ଣ୍ଣାଟକ ଦକ୍ଷିଣ କନ୍ନଡ ଜିଲ୍ଲା ସ୍ଥିତ ଧର୍ମସ୍ଥଳ ସହରରୁ ଯୌନ ଉତ୍ପୀଡ଼ନ, ହିଂସା ଏବଂ ହତ୍ୟାର ହୃଦୟ ବିଦାରକ କାହାଣୀର ପର୍ଦ୍ଦାଫାସ ହୋଇଛି। ମହିଳା, ଛାତ୍ରୀ, ନାବାଳିକା ଆଦିଙ୍କୁ ଅପହରଣ କରି କ୍ଷମତାଶାଳୀଙ୍କ ଯୌନସୁଖ ମେଣ୍ଟା ଯାଉଥିଲା। ନିର୍ଯାତନା ଦେବା ପରେ ହତ୍ୟା କରି ମୃତଦେହକୁ ଠିକଣାରେ ଲଗା ଯାଉଥିଲା। କୌଣସି ଗୋଟିଏ ସ୍ଥାନରେ ପୋତିଲେ ଜଣାପଡ଼ିବା ବୋଲି କର୍ମଚାରୀଙ୍କୁ ଲଗାଇ ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ପୋତି କିମ୍ବା ଜଳାଇ ଦିଆଯାଉଥିଲା। ଏହାର କୌଣସି ଖବର ମଧ୍ୟ ମିଳୁ ନଥିଲା। ଦୀର୍ଘ ବର୍ଷ ଧରି ଏହି ମୃତ୍ୟୁ ଏବଂ ଅତ୍ୟାଚାରର ଖେଳ ଚାଲିଥିଲା। ସହରରୁ ଜଣଙ୍କ ପରେ ଜଣେ ଯୁବତୀ, ମହିଳା, ଛାତ୍ରୀ ନିଖୋଜ ହେବାରେ ଲାଗିଥିଲେ। ଅଭିଯୋଗ ସତ୍ତ୍ୱେ ଯାଞ୍ଚ ଆଗେଇ ପାରୁ ନ ଥିଲା। ପୁଲିସ ପୀଡ଼ିତାଙ୍କ ଖୋଜ ଖବର ମଧ୍ୟ ପାଉ ନଥିଲା। କିଛି ଦିନ ପରେ ପୁଣି ମାମଲା ଦବି ଯାଉଥିଲା। ଶହେରୁ ଅଧିକ ମହିଳାଙ୍କ ମୃତଦେହ ଧର୍ମସ୍ଥଳର ଆଖପାଖରେ ପୋତା ଯାଇଛି। ଯିଏ ଏ ବିଷୟରେ ମୁହଁ ଖୋଲୁଥିଲା ତାକୁ ଧମକ ଦିଆଯାଉଥିଲା। ନ ମାନିଲେ ମାରି ଦିଆଯାଉଥିଲା। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେଙ୍ଗାଲୁରୁର ନେତ୍ରାବତୀ ନଦୀକୂଳରେ ଥିବା ଏହି ମଞ୍ଜୁନାଥ ମନ୍ଦିରରେ ୧୯ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଜଣେ ସଫେଇ କର୍ମୀ ଏହି ଦାବି କରିଛନ୍ତି।

**ଯୌନ ସୁଖ ମେଣ୍ଟାଉଥିଲେ କ୍ଷମତାଶାଳୀ**

**ହତ୍ୟା କରି ପୋତିବାକୁ ଦେଉଥିଲେ ଶବ**

ଅନେକ ବର୍ଷ ପର୍ଯ୍ୟନ୍ତ ସେ ଏହି ହତ୍ୟାର ମୂକସାକ୍ଷୀ ହୋଇ ରହିଥିଲେ। ଏହା ସତ୍ତ୍ୱେ ତାଙ୍କ ପରିବାରର ଝିଅକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ଏହା ଦେଖିବା ପରେ ଉକ୍ତ ସଫେଇ କର୍ମୀ ପରିବାର ସହ ଉକ୍ତ ଅଞ୍ଚଳ ଛାଡ଼ି ପଳାଇ ଥିଲେ। ଡରି ଡରି କର୍ଣ୍ଣାଟକ ଆଖପାଖ ରାଜ୍ୟରେ ଶରଣ ନେଉଥିଲେ। ମାତ୍ର ୧୯ ବର୍ଷର ଏହି ଯନ୍ତ୍ରଣା ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଇ ନଥିଲା। ଶେଷରେ ସେ ବେଲ୍‌ଥାଗଣ୍ଡି କୋର୍ଟରେ ଏକ ଖପୁରୀ ସହ ହାଜର ହୋଇ ଏହି କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ଏହି ମନ୍ଦିରରେ ହିନ୍ଦୁ ପୂଜା କରୁଥିବାବେଳେ ତାହାକୁ ଏକ ଜୈନ ପରିବାର ଚଳାଉ ଥିଲା। ଗତ ୧୧ ତାରିଖରେ କୋର୍ଟରେ ହାଜର ହୋଇ ଉକ୍ତ ବ୍ୟକ୍ତି ଏହି ତଥ୍ୟ ଦେଇଛନ୍ତି। ତାଙ୍କୁ କୋର୍ଟରେ ହାଜର କରିବା ସମୟରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ଶରୀର ମୁଖା ଲଗାଇ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କେବଳ ଦେଖିବା ପାଇଁ ଟିକେ ଫାଙ୍କ ରହିଥିଲା। ଜୀବନ ଏବଂ ପରିବାର ପ୍ରତି ବିପଦ ଥିବାରୁ ଏବଂ କେହି ତାଙ୍କ ପରିଚୟ ନ ଜାଣିବା ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ବୟାନ ରେକର୍ଡ କରିବା ପରେ ତାଙ୍କୁ ଏକ ଅଜଣା ସ୍ଥାନକୁ ନେଇ ରଖା ଯାଇଥିଲା। ସେ କରିଥିବା ଦାବି ଯଦି ସତ୍ୟ ସାବ୍ୟସ୍ତ ହୁଏ ତେବେ ଏହା ଦେଶକୁ ଦୋହଲାଇ ଦେଇଥିବା ଖୁଲାସା ହେବ।

ଧର୍ମସ୍ଥଳର ପୂର୍ବରୁ କାମ କରୁଥିବା ଏହି ସଫେଇ କର୍ମୀ କହିଥିଲେ ଯେ ୧୯ ବର୍ଷ ହେଲା ଧର୍ମସ୍ଥଳ ଗାଁରେ ଅନେକ ମୃତଦେହକୁ ସେ ଠିକଣାରେ ଲଗାଇଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ମହିଳା ଏବଂ ଯୁବତୀ ସାମିଲ ଅଛନ୍ତି। ତାଙ୍କ ଦେହରେ କପଡ଼ା ନ ଥିଲା କି ଅନ୍ତବସ୍ତ୍ର ପିନ୍ଧି ନ ଥିଲେ। ଶରୀରରେ କ୍ଷତ ଚିହ୍ନ ଥିଲା। ବେକ କାଟି ହତ୍ୟା କରାଯାଇଥିଲା। ସମସ୍ତେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ୧୯୯୫ରୁ ୨୦୧୪ ମଧ୍ୟରେ ଏଭଳି କାଣ୍ଡ ଘଟିଥିଲା। ଏକ ପ୍ରଭାବଶାଳୀ ପରିବାର ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ପୂର୍ବରୁ ଏହି ଧାରା ଜାରି ରହିଥିଲା ବୋଲି କୁହାଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଅଭିଯୋଗ ହେବା ସତ୍ତ୍ୱେ ପୁଲିସ ଏ ପର୍ଯ୍ୟନ୍ତ ମାମଲାର ତଦନ୍ତ ଆରମ୍ଭ କରିନାହିଁ। ସେ ପୂର୍ବରୁ ଦକ୍ଷିଣ କନ୍ନଡ ଜିଲ୍ଲାର ଏସଏସପିଙ୍କୁ ଚିଠି ଲେଖି ଏହି ଅଭିଯୋଗ କରିଥିଲେ। ସେ କୋର୍ଟ ଏବଂ ପୁଲିସକୁ ପ୍ରମାଣ ଦେବା ଲାଗି ଖପୁରୀ ଧରି କୋର୍ଟକୁ ଆସିଥିଲେ।

ଏହି ବ୍ୟକ୍ତି ଅଭିଯୋଗ କରିବା ପରେ ଅନେକ ପୀଡ଼ିତ ସାମ୍ନାକୁ ଆସିଲେଣି। ସୌଜନ୍ୟା (୨୦୧୨), ଅନନ୍ୟା (୨୦୦୩ ମେଡିକାଲ ଛାତ୍ରୀ), ନାରାୟଣ, ଯମୁନା, ବେଦାବଲ୍ଲି, ପଦ୍ମଲତା ଆଦିଙ୍କ ମାମଲାର ସତ୍ୟ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ।

## ବ୍ରିଟେନରେ ମତଦାନ ବୟସ ୧୬କୁ ହ୍ରାସ

**ଲଣ୍ଡନ, ୧୭।୭(ଏଜେନ୍ସି):** ଦୀର୍ଘ ୫୬ ବର୍ଷ ପରେ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ଏବେ ଏହି ଦେଶରେ ୧୬ ଓ ୧୭ ବର୍ଷର ପିଲାଙ୍କୁ ମତଦାନ ଅଧିକାର ମିଳିଛି। ବ୍ରିଟେନରେ ମତଦାନର ସର୍ବନିମ୍ନ ବୟସ ୧୬କୁ ହ୍ରାସ କରାଯାଇଛି। ପୂର୍ବରୁ ୧୯୬୯ରେ ବ୍ରିଟେନରେ ମତଦାନର ବୟସ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଏହାକୁ ୨୧ରୁ ୧୮ ବର୍ଷ କରାଯାଇଥିଲା। ଏହାକୁ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପୂର୍ବରୁ କେବଳ ସ୍କଟଲାଣ୍ଡ ଓ ୱେଲ୍ସରେ କେତୋଟି ନିର୍ବାଚନରେ ଯୁବ ଭୋଟରମାନେ ମତଦାନ ଦେବାର ଅଧିକାର ପାଇଥିଲେ। କିନ୍ତୁ ଏବେ ସାରା ବ୍ରିଟେନ୍‌ରେ ୧୬ ବର୍ଷ ବୟସର ପିଲାମାନେ ମତଦାନ କରିପାରିବେ। ଏହାଦ୍ୱାରା ସାରା ଦେଶରେ ୯୫ ଲକ୍ଷ ଲୋକ ଲାଭବାନ ହୋଇପାରିବେ। ଏଥିସହ ସରକାର ଭୋଟ ପରିଚୟ ପତ୍ର ନିୟମରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ କାର୍ଡ ଦେଖାଇ ଭୋଟର ମତଦାନ କରିପାରିବେ।

## ବିଏଲ୍‌ଏ ଆକ୍ରମଣରେ ୨୭ ପାକ୍ ସୈନ୍ୟ ମୃତ

**କ୍ୱେଟା, ୧୭।୭(ଏଜେନ୍ସି):** ପାକିସ୍ତାନର ବେଲୁଚିସ୍ଥାନ ରାଜ୍ୟରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଆଉ ଏକ ବଡ଼ କାଣ୍ଡ ଘଟାଇଛି। ବିଏଲ୍‌ଏ ଆକ୍ରମଣରେ ୨୭ ଜଣ ପାକିସ୍ତାନ ସୈନ୍ୟ ପ୍ରାଣ ହରାଇଛନ୍ତି। ଗତ ୧୨ ଘଣ୍ଟା ମଧ୍ୟରେ ଅବାରାନ, କ୍ୱେଟା ଓ କଲାଜ ଜିଲ୍ଲାରେ ବିଏଲ୍‌ଏ ଆକ୍ରମଣ କରି ପାକିସ୍ତାନ ସେନାର ବଡ଼ କ୍ଷତି ଘଟାଇଛି। ସେନାର ଏକ ଟ୍ରାନ୍ସପୋର୍ଟ ବସକୁ ଟାର୍ଗେଟ କରି ବିଏଲ୍‌ଏ ବିଦ୍ରୋହୀ ଆକ୍ରମଣ କରିଥିଲେ। ଏଥିରେ ଏକାଧିକ ସୈନ୍ୟ ଆହତ ହୋଇଛନ୍ତି। ଏହି ବସ୍ କରାଚୀରୁ କ୍ୱେଟା ଯାଉଥିଲା। ସେହିପରି ଅନ୍ୟ ଏକ ଘଟଣାରେ କ୍ୱେଟାର ହାଜରଗଞ୍ଜି ଅଞ୍ଚଳରେ ବିଏଲ୍‌ଏ ବିଦ୍ରୋହୀଙ୍କ ଆକ୍ରମଣରେ ୨ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି।

## ଭାଇଭାଉଜ, ପୁତୁରା ଉପରେ କାର୍ ଚଢ଼ାଇଦେଲେ ଓକିଲ

**ମୋଗା, ୧୭।୭(ଏଜେନ୍ସି):** ପଞ୍ଜାବର ମୋଗା ଜିଲ୍ଲାରେ ଏକ ପରିବାରରେ ଚାଲିଥିବା ଜମି ବିବାଦ ଶେଷରେ ହିଂସକ ରୂପ ଧାରଣ କରିଛି। ଜଣେ ବ୍ୟକ୍ତି ନିଜ ଭାଇ, ଭାଉଜ ଓ ପୁତୁରା ଉପରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୩ ଜଣ ଯାକ ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏହି ୩ ଜଣଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘର ବାହାରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହା ଭାଇରାଲ ହେବାରେ ଲାଗିଛି। ପୁତୁରାର ମୁଣ୍ଡ ଓ ନାକରେ ଆଘାତ ଲାଗିଥିବା ବେଳେ ବଡ଼ ଭାଇ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ୩.୫ ଏକର ଜମି ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଚାଲିଛି।

## ୟୁଲିଆ ୟୁକ୍ରେନର ନୂଆ ପ୍ରଧାନମନ୍ତ୍ରୀ



**କିଭ୍, ୧୭।୭(ଏଜେନ୍ସି):** ଯୁଦ୍ଧ ବିଧ୍ୱସ୍ତ ୟୁରୋପୀୟ ଦେଶ ୟୁକ୍ରେନରେ ଏବେ ଜଣେ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ୩୯ ବର୍ଷୀୟା ୟୁଲିଆ ସିରିଡେଙ୍କୋ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କି ତାଙ୍କ ନାମ ସୁପାରିସ କରିଥିଲେ। ପରେ ୟୁଲିଆଙ୍କୁ ସଂସଦରେ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଥିଲା। ସେ ଜେଲେଁସ୍କିଙ୍କ ବିଶ୍ୱସ୍ତ ଅନୁଗତ ଭାବେ ଜଣାଶୁଣା। ପୂର୍ବରୁ ୟୁଲିଆ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ମଧ୍ୟ ଜଣେ ଅର୍ଥଶାସ୍ତ୍ରୀ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଖଣିଜ ଚୁକ୍ତି କରାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସେ ସବୁ ମହଲରୁ ପ୍ରଶଂସିତ ହୋଇଥିଲେ। ଏଥିସହ ନୂଆ କ୍ୟାବିନେଟ୍‌ରେ ମଧ୍ୟ କିଛି ପରିବର୍ତ୍ତନ ହୋଇଛି। ୨୦୦୮ ରେ ସେ ଅର୍ଥଶାସ୍ତ୍ରୀ ଭାବେ କ୍ୟାରିଅର ଆରମ୍ଭ କରିଥିଲେ।

## ଆମନ୍ତ୍ରଣ ପରେ ଫଡ଼ନାଭୀସଙ୍କୁ ଭେଟିଲେ ଉଦ୍ଧବ, ଆଦିତ୍ୟ

ଚର୍ଚ୍ଚାରେ ପୁଣି ମହାରାଷ୍ଟ୍ର ରାଜନୀତି

**ମୁମ୍ବାଇ, ୧୭।୭ (ଏଜେନ୍ସି):** ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ପଡ଼ିଛି। ରାଜ୍ୟରେ ନୂଆ ସମୀକରଣ ନେଇ ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଭେଟଘାଟକୁ ନେଇ ଏହି ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନେତା ବିଧାନପରିଷଦ ଅଧ୍ୟକ୍ଷ ରାମ ସିନ୍ଦେଙ୍କ କାର୍ଯ୍ୟାଳୟରେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ସମୟରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକରେ ମଧ୍ୟ ଉପସ୍ଥିତ ଥିଲେ। ଏହାର ଦିନକ ତଳେ ବୁଧବାର ମୁଖ୍ୟମନ୍ତ୍ରୀ ଫଡନାଭିସ ଏକ କାର୍ଯ୍ୟକ୍ରମରେ ଉଦ୍ଧବଙ୍କୁ ସରକାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେ ଉଦ୍ଧବଙ୍କୁ କହିଥିଲେ ଯେ ୨୦୨୯ ପର୍ଯ୍ୟନ୍ତ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ। କିନ୍ତୁ ଉଦ୍ଧବ କ୍ଷମତାସୀନଙ୍କ ପକ୍ଷକୁ ଆସିପାରିବେ। ଏହା ଉପରେ ମଧ୍ୟ ବିଚାର କରାଯାଇପାରେ। ଚଳିତ ଥର ଆମେ ଅଲଗା ଭାବେ ଚିନ୍ତା କରିବୁ ବୋଲି ଫଡନାଭିସ କହିଥିଲେ। ଏହାର ମାତ୍ର ୨୪ ଘଣ୍ଟା ଭିତରେ ଉଦ୍ଧବ ନିଜ ପୁଅକୁ ଧରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଘଟଣା ଭିନ୍ନ କିଛି ସଙ୍କେତ ଦେଉଛି ବୋଲି କୁହାଯାଉଛି। ଏହି ସମୟରେ ଉଦ୍ଧବ ଫଡନାଭିସଙ୍କୁ ଏକ ପୁସ୍ତକ ଉପହାର ଦେଇଥିଲେ। ଏଥିରେ ଲେଖା



ଯାଇଥିଲା ଯେ ହିନ୍ଦୀ ପ୍ରତି କଠୋର କାହିଁକି ଏବଂ ତ୍ରିଭାଷା ଜରୁରୀ କାହିଁକି? ଏବେ ଏହି ଚର୍ଚ୍ଚାକୁ ନେଇ ରାଜନୈତିକ ଅଙ୍କକଷା ଜାରି ରହିଛି। ତେବେ ପୂର୍ବରୁ ବିଜେପି ଉଦ୍ଧବଙ୍କୁ ଧୋକାବାଜ କହିଥିଲା। ଆଉ ତାଙ୍କ ସହ ମେଣ୍ଟ କରାଯିବ ନାହିଁ ବୋଲି କୁହାଯାଇଥିଲା।

୨୦୧୪ ପର୍ଯ୍ୟନ୍ତ ଶିବସେନା-ବିଜେପି ମେଣ୍ଟ ଠିକ୍‌ଠାକ୍ ଚାଲିଥିଲା। ମାତ୍ର ୨୦୧୪ ବିଧାନସଭା ନିର୍ବାଚନରେ ଆସନ ବୁଝାମଣାକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ହେବାରୁ ଦୁଇ ଦଳ ଅଲଗା ହୋଇଥିଲେ। କଂଗ୍ରେସ, ଏନ୍‌ସିପି

**ବିଜେପି-ଶିବସେନା ଏକାଠି ହେବା ନେଇ ଚର୍ଚ୍ଚା !**

ସହ ମିଶି ସରକାର ଗଠନ କରି ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରେ ଶିବସେନାକୁ ଭାଙ୍ଗି ଫଡନାଭିସ ଏହାର ପ୍ରତିଶୋଧ ନେଇଥିଲେ। ଗତ କିଛି ଦିନ ତଳେ ରାଜନୀତି ପାଇଁ ୨୦ ବର୍ଷର ତିକ୍ତତାକୁ ଭୁଲି ଉଦ୍ଧବ ଏବଂ ଏମଏନଏସ ମୁଖ୍ୟ ରାଜ୍ ଠାକରେ ଏକାଠି ହୋଇଛନ୍ତି। ତେଣୁ ପୁଣି ବିଜେପି-ଶିବସେନା (ୟୁବିଟି) ଏକାଠି ହେବା ନେଇ ଚର୍ଚ୍ଚା ହେଉଛି।

## ସୁନା ଚୋରା ଚାଲାଣ: ରାନ୍ୟାଙ୍କୁ ଏକବର୍ଷ ଜେଲ୍



**ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି):** କନ୍ନଡ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ସୁନା ଚୋରା ଚାଲାଣ ମାମଲାରେ ଏକ ବର୍ଷର ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ବୁଧବାର ଉପଦେଷ୍ଟା କମିଟି ମୁଦ୍ରା ସଂରକ୍ଷଣ ଓ ଚୋରା ଚାଲାଣ ଗତିବିଧିକୁ ରୋକିବା ଅଧିନିୟମ (ସିଓଏଫ୍‌ଇପିଓଏସ୍‌ଏ) ଅନୁସାରେ ଏହି ଦଣ୍ଡାଦେଶ ଦେଇଛି। ଜେଲ୍‌ରେ ରହିବା ବେଳେ ରାନ୍ୟାଙ୍କୁ ଏହି କମିଟି ଜାମିନ ଆବେଦନ ଓ ପାଇବାର ଅଧିକାର ଦେବାକୁ ମନା କରିଛି। ଗତ ମେ ୨୦ରେ ବେଙ୍ଗାଲୁରୁର ଏକ କୋର୍ଟ ରାନ୍ୟାଙ୍କ ସହ ଅନ୍ୟ ଅଭିଯୁକ୍ତ ତରୁଣ ରାଜୁଙ୍କୁ ଜାମିନ ଦେଇଥିଲା। ୨ ଲକ୍ଷ ଟଙ୍କାର ବଣ୍ଡରେ କୋର୍ଟ ଏହି ଦୁଇଜଣଙ୍କୁ କେତୋଟି ସର୍ତ୍ତ ସହ ଡିଫଲ୍ଟ ଜାମିନ ଦେଇଥିଲା। ଦୁଇଜଣଙ୍କୁ ଦେଶ ଛାଡି ନ ଯିବା ପାଇଁ ଓ ଏହି ଅପରାଧ ନ ଦୋହରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା।

## ବେଙ୍ଗାଲୁରୁ ଦଳାଚକଟାରେ ଆର୍‌ସିବି, ବିରାଟ କୋହଲିଙ୍କ ଭୂମିକା ରହିଛି

**ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି):** ଆଇପିଏଲ ବିଜୟ ପରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ପରେଡରେ ହୋଇଥିବା ଦଳାଚକଟାର ସରକାରୀ ରିପୋର୍ଟ ସାମ୍ନାକୁ ଆସିଛି। ଏହି ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଦୁର୍ଘଟଣା ପାଇଁ ଆରସିବିକୁ ଦାୟୀ କରାଯାଇଛି। ଏଥିରେ କ୍ରିକେଟର ବିରାଟ କୋହଲିଙ୍କ ନାମ ମଧ୍ୟ ରହିଛି। କର୍ଣ୍ଣାଟକ ସରକାର କହିଛନ୍ତି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ବିଜୟ ପରେଡ୍ ପାଇଁ ଆରସିବି ସରକାରଙ୍କଠାରୁ କୌଣସି ଅନୁମତି ନେଇ ନ ଥିଲା। କିନ୍ତୁ ଖାଲି ଏହାର ସୂଚନା ଦିଆଯାଇଥିଲା। ଆଇନ ଅନୁଯାୟୀ ଏପରି କାର୍ଯ୍ୟକ୍ରମ ପାଇଁ ଅତିକମରେ ସାତ ଦିନ ପୂର୍ବରୁ ଅନୁମତି ନେବାକୁ ପଡେ। କିନ୍ତୁ ଆରସିବି ସରକାରୀ ଅନୁମତି ପାଇଁ ଆବେଦନ କରି ନ ଥିଲା। କେତେ ଲୋକ ଆସିବେ, ବ୍ୟବସ୍ଥା କିମ୍ବା ସମ୍ଭାବ୍ୟ ସମସ୍ୟା ବିଷୟରେ ଅବଗତ କରାଯାଇ ନ ଥିଲା। ତେଣୁ ଅନୁମତି ଦିଆଯାଇ ନ ଥିଲା। ବିରାଟ କୋହଲିଙ୍କ ନାମରେ ଲୋକଙ୍କୁ ଡକା ଯାଇଥିଲା। ମାଗଣା ପାସ୍ ମଧ୍ୟ ବଣ୍ଟା ଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ ଜଣ ଆହତ ହୋଇଥିଲେ। ରିପୋର୍ଟରେ କୁହାଯାଇଛି ଯେ ଯଦି କାର୍ଯ୍ୟକ୍ରମକୁ ହଠାତ୍ ବାତିଲ କରାଯାଇଥାନ୍ତା ତେବେ ହିଂସା ସୃଷ୍ଟି ହେବାର ଆଶଙ୍କା ଥିଲା। ସହରରେ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଥାନ୍ତା। ଗତ ୧୫ ତାରିଖରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଗୋପନୀୟ ରଖିବା ପାଇଁ ସରକାର ଅନୁରୋଧ କରିଥିଲେ। ମାତ୍ର ଏପରି ଗୋପନୀୟତାର କୌଣସି ଆଇନଗତ ଆଧାର ନାହିଁ ବୋଲି ହାଇକୋର୍ଟ କହିଥିଲେ। ସେହିପରି କର୍ଣ୍ଣାଟକ ମନ୍ତ୍ରୀ ଶରଣ ପ୍ରକାଶ ପାଟିଲ କହିଛନ୍ତି ଯେ କୌଣସି ବଡ଼ ଆୟୋଜନ ବିଭାଗର ଦାୟିତ୍ୱ ହୋଇଥାଏ। ନିଶ୍ଚିତ ଭାବେ ଏଠାରେ ଭୁଲ୍ ହୋଇଛି। ଯୁବ ବର୍ଗଙ୍କ ଜୀବନ ଯାଇଛି। ଏହାକୁ ସହଜରେ ନ ନେଇ ଆମେ କାର୍ଯ୍ୟାନୁଷ୍ଠାନ ନେବୁ।

**ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍**

**ମାଗଣା ପାସ୍ ଯୋଗୁଁ ଅଣାୟତ୍ତ ହୋଇଥିଲା ସ୍ଥିତି**

## ହନିଟ୍ରାପ୍‌ରେ ଫସିଛନ୍ତି ୭୨ରୁ ଊର୍ଦ୍ଧ୍ୱ ଅଧିକାରୀ: ନାନା ପଟୋଲେ

**ମୁମ୍ବଇ, ୧୭।୭(ଏଜେନ୍ସି):** ମହାରାଷ୍ଟ୍ର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାନା ପାଟୋଲେ ରାଜ୍ୟ ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସାମ୍ନାକୁ ଆସିଥିବା ହନିଟ୍ରାପ୍ କାଣ୍ଡରେ ରାଜ୍ୟର କେତେଜଣ ମନ୍ତ୍ରୀ, ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଫସିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୭୨ ଜଣ ଏଥିରେ ଫସିଛନ୍ତି। କିନ୍ତୁ ପ୍ରକୃତରେ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି ଏଥିରେ ଫସିଛନ୍ତି। ମୋ ପାଖରେ ଥିବା ପେନ୍ ଡ୍ରାଇଭ୍‌ରେ ସବୁ ପ୍ରମାଣ ରହିଛି। ତେବେ ଆମେ କାହାର ବ୍ୟକ୍ତିଗତ ଚରିତ୍ର ସଂହାର କରିବାକୁ ଚାହୁଁନାହୁଁ ଓ ଏଥିପାଇଁ ଏହାକୁ ସାର୍ବଜନୀନ କରୁନାହୁଁ। କିନ୍ତୁ ସରକାର ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ବିରୋଧୀ ଦଳ ଏହାକୁ ସାର୍ବଜନୀନ କରିବାକୁ ବାଧ୍ୟ ହେବ ବୋଲି ସେ ସତର୍କ କରାଇଛନ୍ତି।

## ଭଦ୍ରାଙ୍କ ବିରୋଧରେ ଆରୋପପତ୍ର

**ଗୁରୁଗ୍ରାମ୍, ୧୭।୭(ଏଜେନ୍ସି):** ହରିୟାଣାର ଗୁରୁଗ୍ରାମ୍‌ରେ ଜମି ଚୁକ୍ତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ତଥା ସାଂସଦ ପ୍ରିୟଙ୍କା ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରିଛି। ଏହା ଜମି କାରବାର ସହିତ ଜଡିତ ମନି ଲଣ୍ଡରିଂ ବାବଦରେ ଏହି ଆରୋପ ପତ୍ର ଜାରି କରାଯାଇଛି। ପ୍ରଥମଥର ପାଇଁ କୌଣସି ଯାଞ୍ଚ ଏଜେନ୍ସି କୌଣସି ଅପରାଧ ମାମଲାରେ ରବର୍ଟଙ୍କ ବିରୋଧରେ ଆରୋପ ପତ୍ର ଦାଏର କରିଛି। ଏଥିରେ ଅନ୍ୟ ବ୍ୟକ୍ତିଙ୍କ ସହ କମ୍ପାନୀଗୁଡିକର ନାମ ମଧ୍ୟ ସାମିଲ କରାଯାଇଛି। ୨୦୦୮ ରେ ଗୁରୁଗ୍ରାମ୍‌ର ଶିକୋହପୁରରେ ଏହି ଲ୍ୟାଣ୍ଡ ଡିଲ୍ ହୋଇଥିଲା। ଏହି ମାମଲାରେ ସେବେକାର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂ ହୁଡ୍ଡା, ରିୟଲ ଇଷ୍ଟେଟ କମ୍ପାନୀ ଡିଏଲ୍‌ଏଫ୍ ଓ ଜଣେ ପ୍ରପର୍ଟି ଡିଲରଙ୍କ ନାମରେ ୨୦୧୮ ରେ ମାମଲା ରୁଜୁ କରାଯାଇଥିଲା। ଏହି ଏଫ୍‌ଆଇଆରରେ ଦୁର୍ନୀତି, ଷଡ଼ଯନ୍ତ୍ର, ଠକାମୀ ସହିତ ଅନ୍ୟ ଅଭିଯୋଗ ମଧ୍ୟ ହୋଇଥିଲା। ରବର୍ଟଙ୍କ ସହିତ ଜଡିତ କମ୍ପାନୀ ୭ କୋଟି ଟଙ୍କାରେ ଜମି କିଣି ୫୮ କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି।

## 'ସତ୍ୟଜିତ ରାୟଙ୍କ ପୈତୃକ ଘର ଭଙ୍ଗାଯିବା ଖବର ଠିକ୍ ନୁହେଁ'

**ନୂଆଦିଲ୍ଲୀ, ୧୭।୭(ଏଜେନ୍ସି):** ପ୍ରଖ୍ୟାତ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରାୟଙ୍କ ପୈତୃକ ବାସଭବନ ଭଙ୍ଗାଯିବା ନେଇ ଚାଲିଥିବା ଚର୍ଚ୍ଚା ଓ ଖବରକୁ ବାଂଲାଦେଶ ସରକାର ଖଣ୍ଡନ କରିଛନ୍ତି। ମିମେନସିଂ ସହରରେ ସତ୍ୟଜିତଙ୍କ ଘରକୁ ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି ବୋଲି ଗଣମାଧ୍ୟମଗୁଡିକରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଭଙ୍ଗାଯାଇଥିବା ଘର ସହିତ ସତ୍ୟଜିତଙ୍କ ପରିବାରର କୌଣସି ସମ୍ପର୍କ ନାହିଁ ବୋଲି ସରକାର କହିଛନ୍ତି। ଏହି ଘର ଜମିଦାର ଶଶିକାନ୍ତ ଆଚାର୍ଯ୍ୟ ଚୌଧୁରୀଙ୍କ ଥିଲା। ଜମିଦାରୀ ପ୍ରଥା ଉଠିଯିବା ପରେ ଏହି ଘର ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା ଓ ଏହାକୁ ବାଂଲାଦେଶ ଶିଶୁ ଏକାଡେମୀକୁ ପ୍ରଦାନ କରାଯାଇଥିଲା। ତେବେ ସତ୍ୟଜିତଙ୍କ ବାସଭବନ ବହୁପୂର୍ବରୁ ବିକ୍ରି ହୋଇସାରିଛି ଓ ଏଠାରେ ଏକ ବହୁତଳ କୋଠା ନିର୍ମାଣ କରାଯାଇଛି। ମେମେନସିଂର ହରିକିଶୋର ରାୟ ରୋଡ୍‌ରେ ଥିବା ଘର ସତ୍ୟଜିତ୍‌ଙ୍କ ଅଣ ଜେଜେ ହରିକିଶୋର ରାୟଙ୍କ ନାମରେ ରହିଥିଲା। ଏହି ଘର ପୂର୍ବରୁ ବିକ୍ରି ହୋଇସାରିଛି ବୋଲି ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି।

## ପାଇଲଟଙ୍କୁ କାହିଁକି ଦୋଷ ଦେଉଛି ବିଦେଶୀ ଗଣମାଧ୍ୟମ

ଅହମଦାବାଦ ବିମାନ ଦୁର୍ଘଟଣା

**ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି):** ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ୍ ଷ୍ଟ୍ରିଟ ଜର୍ଣ୍ଣାଲ' (ଡବ୍ଲ୍ୟୁଏସ୍‌ଜେ) ନୂଆ ଦାବି କରିଛି। ଏହି ବିମାନର ପାଇଲଟ ସୁମିତ ସଭରୱାଲ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଛି। ଉଭୟ ପାଇଲଟଙ୍କ ମଧ୍ୟରେ ହୋଇଥିଲା ବାର୍ତ୍ତାଳାପର କକ୍‌ପିଟ ରେକର୍ଡିଂରୁ ଏହି ସୂଚନା ମିଳିଛି। ଉଏସ ରେକର୍ଡିଂରୁ ଜଣାପଡ଼ିଛି ଯେ ବୋଇଂ ବିମାନ ଉଡ଼ାଉ ଥିବା କୋ-ପାଇଲଟ କ୍ଲାଇଭ କୁନ୍ଦର ସୁମିତଙ୍କୁ କହିଥିଲେ ଯେ ଆପଣ ଫୁଏଲ ସ୍ୱିଚ୍‌କୁ 'କଟ୍‌ଅଫ୍' ପୋଜିସନ୍‌କୁ କାହିଁକି ଆଣିଥିଲେ? ଏହି ପ୍ରଶ୍ନ କରିବା ସମୟରେ କୋ-ପାଇଲଟ ବିଚଳିତ ହୋଇ ଯାଇଥିଲେ। ତାଙ୍କ ସ୍ୱରରେ ଭୟ ଥିଲା। କିନ୍ତୁ କ୍ୟାପ୍ଟେନ୍ ସୁମିତ ଶାନ୍ତ ଥିଲେ ବୋଲି ଡବ୍ଲ୍ୟୁଏସ୍‌ଜେ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାର ଯାଞ୍ଚ ସମ୍ବନ୍ଧିତ ଆମେରିକା ସୂତ୍ରରୁ ଖବରକାଗଜ ଏହି ସୂଚନା ଦେଇଛି। ତେବେ ଭାରତୀୟ ଏଜେନ୍ସି ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ବିମାନ କମ୍ପାନୀ ବୋଇଂକୁ ବଞ୍ଚାଇବା ଲାଗି ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କ

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଦୋଷ ଲଦାଯାଉଛି: ଏଏଆଇବି**

**ଭାରତଠାରୁ ଅଧିକ ସୂଚନା ରଖିଛ କି: ଭାରତୀୟ ବିଶେଷଜ୍ଞ**

ଉପରେ ଦୋଷ ବୋଳିବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣାର ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ସୁରକ୍ଷା ଦିଆଯାଇଥିବା ନଜିର ରହିଛି। ରିପୋର୍ଟ



ଅନୁଯାୟୀ ଏବେ ସୁଦ୍ଧା ସାରା ବିଶ୍ୱରେ ୬ ହଜାରରୁ ଅଧିକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏଥିରେ ୯ ହଜାର ଲୋକଙ୍କ ଜୀବନ ଯାଇଛି। ତେଣୁ ବୋଇଂକୁ ଉଡ଼ନ୍ତା ମୃତ୍ୟୁ ବୋଲି କୁହାଯାଏ। ଏପରି ସ୍ଥଳେ ବୋଇଂର ଛବି ଖରାପ ନ କରିବା ପାଇଁ ଡବ୍ଲ୍ୟୁଏସ୍‌ଜେ ଏପରି ରିପୋର୍ଟିଂ କରୁଥିବା କୁହାଯାଉଛି।

ଅନ୍ୟପଟେ ଡବ୍ଲ୍ୟୁଏସ୍‌ଜେର ରିପୋର୍ଟକୁ ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଆଧାରହୀନ କହିଛି। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏବଂ ବିନା ଯାଞ୍ଚ ରିପୋର୍ଟିଂ କରାଯାଇଥିବା କୁହାଯାଇଛି। ଚୂଡ଼ାନ୍ତ ରିପୋର୍ଟ ନ ଆସିବା ପୂର୍ବରୁ ନିଷ୍କର୍ଷରେ ପହଞ୍ଚିବାକୁ ଆମେରିକା ଖବରକାଗଜ ପ୍ରୟାସ କରୁଛି। ତଦନ୍ତ ଜାରି ରହିଥିବାବେଳେ ଏଭଳି ଦାବି କରିବା ଦାୟିତ୍ୱହୀନତାର ପରିଣାମକୁ ଦର୍ଶାଉଛି। ସେହିପରି ଆଭିଏସନ ବିଶେଷଜ୍ଞ ସଞ୍ଜୟ ଲଜାର ଯାଞ୍ଚ ରିପୋର୍ଟ ଲିକ୍ ହେବା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଗଣମାଧ୍ୟମ ଭାରତର ସଂସଦ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଠାରୁ ଅଧିକ ସୂଚନା ରଖିଛି କି। ଏହା ରିପୋର୍ଟ ସ୍ୱଚ୍ଛତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଉଛନ୍ତି।

### ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ୍

# ଦେଶରେ ଦ୍ୱିତୀୟ ସ୍ଥାନରେ ଆସ୍କା, ଚିକିଟି

ଭୁବନେଶ୍ୱର, ୧୭।୭ (ସମିସ): ବର୍ଷ ୨୦୨୪-୨୫ ପାଇଁ ଜାତୀୟସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ଆସ୍କା ଓ ଚିକିଟି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ୯ମ, ରାଉରକେଲା ୧୫ତମ ଓ କଟକ ୩୦ତମ ସ୍ଥାନ ଅକ୍ତିଆର କରିଛି। ସେହିପରି, ସ୍ୱଚ୍ଛ ସର୍ବେକ୍ଷଣରେ

**ନବମ ସ୍ଥାନରେ ଭୁବନେଶ୍ୱର, ୧୫ତମ ସ୍ଥାନରେ ରାଉରକେଲା**

ରାଜ୍ୟରେ ଆସ୍କା ପ୍ରଥମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଏହି ରାଙ୍କ୍ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ରୀୟ ଗୃହ ଏବଂ ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରକୁ ଏଥିପାଇଁ ମନ୍ତ୍ରଣାଳୟ ସ୍ତରୀୟ ପୁରସ୍କାର- ପ୍ରମିଜିଂ ସ୍ୱଚ୍ଛ ସହର ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ରାଙ୍କିଙ୍ଗ୍‌ରେ ଆସ୍କା ଏନ୍‌ଏସି ଶ୍ରେଷ୍ଠ ପ୍ରଦର୍ଶନ କରି ୧ନମ୍ବର ସ୍ଥାନ ହାସଲ କରିଥିଲା କେନ୍ଦ୍ରୀୟ ରାଙ୍କିଙ୍ଗ୍‌ରେ ୨ନମ୍ବର ସ୍ଥାନ ପାଇ ରାଷ୍ଟ୍ରପତି ପୁରସ୍କାର ପାଇଛି। ରାଉଲକେଲା ୧୫ ନମ୍ବର ସ୍ଥାନରେ ରହିଥିଲା ବେଳେ କଟକ ୩୦ତମ ସ୍ଥାନରେ ରହିଛି।

ଭୁବନେଶ୍ୱରକୁ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କି ୨୦୨୪-୨୫ରେ ୧୦୫୪୮ ନମ୍ବର ନିଆଯାଇଛି। ଏଣୁ ରାଜ୍ୟ ସମସ୍ତ ସହର ମଧ୍ୟରେ ରାଙ୍କିରେ ୨ନମ୍ବର ସ୍ଥାନରେ ରହିଛି। ଗାର୍ବେଜ୍ ଫ୍ରି' ସିଟିରେ ୩ଷ୍ଟାର୍ ଦିଆଯାଇଛି। ଘଟଣାସ୍ଥଳରେ ଅଳିଆ ପୃଥକୀକରଣ ପାଇଁ ୭୮ପ୍ରତିଶତ ନମ୍ବର ଦିଆଯାଇଛି। ସେହିପରି ଓଡିଏଫ୍ ଷ୍ଟାଟସ୍ ୱାଟର+ ରହିଥିଲା ବେଳେ ପ୍ରକ୍ରିୟାକରଣରେ ୯୮ ପ୍ରତିଶତ ଏବଂ ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ୯୭ ପ୍ରତିଶତ ରହିଛି।

ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ବିଏମସି କମିସନର ରାଜେଶ ପ୍ରଭାକର ପାଟିଲ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱର ବ୍ୟତୀତ, ଗଞ୍ଜାମ ଜିଲ୍ଲାର ଆସ୍କା ଏବଂ ଚିକିଟି ଏନଏସିକୁ ମଧ୍ୟ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଆସ୍କା ଏନଏସି ୨୦,୦୦୦ରୁ ୫୦,୦୦୦ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛତା ପୁରସ୍କାର ପାଇଛି। ରାଙ୍କିଙ୍ଗ୍‌ରେ ୧୦୭୭୨ ନମ୍ବର ରଖି ରାଜ୍ୟର ସମସ୍ତ ସହର ତୁଳନାରେ ଭଲ ପ୍ରଦର୍ଶନ କରି ୧ ନମ୍ବର ସ୍ଥାନ ଅକ୍ତିଆର କରିଥିଲା ବେଳେ ଦେଶରେ ୨ନମ୍ବର ସ୍ଥାନରେ ରହିଛି। ସେହିପରି ଚିକିଟି ଏନ୍‌ଏସି ୨୦,୦୦୦ ରୁ କମ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ସହର ପୁରସ୍କାର ପାଇଛି। ବିଏମସି କର୍ତ୍ତୃପକ୍ଷ ରାଜଧାନୀ ନଗରୀର ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ କରିଥିବା ପ୍ରୟାସ ବଦଳରେ ଧନ୍ୟବାଦ ଜଣାଇଛନ୍ତି।



### ସେବାଶ୍ରମ ସ୍କୁଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା କରି ଗଛରେ ଟାଙ୍ଗିଦେଲେ!

ନୂଆପଡ଼ା, ୧୭।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟରେ ବୁଧବାର ବିଳମ୍ବିତ ରାତିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଅଶ୍ୱିନୀ ବନ୍‌ଛୋର (୧୩)। ତାଙ୍କ ଘର ଖଡ଼ିଆଳ ଥାନା ବଡମହେଶ୍ୱରରେ ହୋଇଥିବା ବେଳେ କୁଲିଗାଁ ନିବାସୀ ତଥା ସାହଜଟ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜଗଦୀଶ ନାଗଙ୍କ ତତ୍ତ୍ୱାବଧାନରେ ରହି ପାଠ ପଢୁଥିଲେ। ଶିକ୍ଷକ ଓ କିଛି ଛାତ୍ର ତାଙ୍କୁ ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କୋମନା ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଏକ ଯୋଜନାବଦ୍ଧ ହତ୍ୟା କାଣ୍ଡ ବୋଲି କିଛି ନେତା ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଏସ୍‌ସି/ଏସ୍‌ଟି ସେବାଶ୍ରମ ବିଦ୍ୟାଳୟ ହୋଇଥିବା ବେଳେ ଜଣେ ଓବିସି ବର୍ଗର ଛାତ୍ର ହଷ୍ଟେଲରେ ଦୀର୍ଘ ୩ ବର୍ଷ ଧରି ରହୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁଧବାର ରାତି ପ୍ରାୟ ୯ଟା ବେଳେ ସମସ୍ତ ପିଲା ଖାଇ ସାରି ହଷ୍ଟେଲରେ ପ୍ରବେଶ କରିଥିଲେ। ହେଲେ ଅଶ୍ୱିନୀ ମଳତ୍ୟାଗ ଆଳରେ ବାହାରକୁ ଯାଇଥିଲେ। ବିଳମ୍ବ ହେବାରୁ ସହପାଠୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ହଷ୍ଟେଲ ନିକଟ ଏକ ମହୁଲ ଗଛରେ ତାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେତେବେଳକୁ ରାତି ପ୍ରାୟ ୧୨ଟା ହୋଇଥିଲା। ହଷ୍ଟେଲରେ ଜଗୁଆଳି କି ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ପାଖରେ ନଥିଲେ। ଖବର ପାଇ ଶିକ୍ଷକ ଆସି ତାଙ୍କୁ ହସ୍‌ପିଟାଲକୁ ନେଇଥିଲେ।

ଅଶ୍ୱିନୀ କିଛି ଦିନ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ତାଙ୍କର ସାଙ୍ଗମାନେ ପ୍ରକାଶ କରିଛନ୍ତି। ଏହି ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ



ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଏସ୍‌ଡିପିଓ ସ୍ୱାଧୀନ ମିଶ୍ରଙ୍କ ନେତୃତ୍ୱରେ ପୁଲିସ୍‌ର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଘଟଣା ସ୍ଥଳରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ସଭାପତି ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ସମ୍ପାଦକ ସୁଧୀର ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପପୁ ଅହୀର ପ୍ରମୁଖ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

### ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ଘଟଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚେତା ପଶିଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପରି ବିଦ୍ୟାଳୟରେ ମଧ୍ୟ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ତତ୍ପରତା ପ୍ରକାଶ କରିଛି। କର୍ମ କ୍ଷେତ୍ରରେ ମହିଳାଙ୍କୁ

**■ ଆଇସିସି ଗଠନ କରିବାକୁ କଡ଼ା ନିର୍ଦ୍ଦେଶ**
**■ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ**
**■ ପ୍ରମୁଖ ସ୍ଥାନରେ ଲାଗିବ ସଚେତନତା ପୋଷ୍ଟର**

ଯୌନ ନିର୍ଯାତନା ଆଇନ ୨୦୧୩କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶାନାମା ଜାରି କରିଛି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯିବା ସହ ୪ଟି ହେଲ୍ପଲାଇନ ନମ୍ବର ଜାରି କରିଛି।

ବିଦ୍ୟାଳୟରେ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଓମେନ୍ସ ହେଲ୍ପଲାଇନ- ୧୮୧, ଶିଶୁ ହେଲ୍ପଲାଇନ-୧୦୯୮ ଓ ପୁଲିସ୍ ହେଲ୍ପଲାଇନ-୧୧୨କୁ ଯୋଗାଯୋଗ ପାଇଁ କୁହାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଡିଇଓ ଏବଂ ଡିପିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ଲିଙ୍ଗଭିତ୍ତିକ ହିଂସା ଦୂର କରିବା ପାଇଁ ଉଦ୍ଦିଷ୍ଟ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ତୁରନ୍ତ ହେଲ୍ପଲାଇନ ନମ୍ବର ୧୮୦୦୩୪୫୬୭୨୨ ନମ୍ବରରେ ଯୋଗାଯୋଗ କରିପାରିବେ। ସମସ୍ତ ହେଲ୍ପଲାଇନ ନମ୍ବର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯିବ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କୁହାଯାଇଛି।

### ସାଂସଦ ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି

# ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି

ଭୁବନେଶ୍ୱର,୧୭।୭(ସମିସ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦେଇଥିବା ମନ୍ତବ୍ୟକୁ ବିଜେଡି କଟୁ ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିବା ସହ ତାଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି। ଶ୍ରୀମତୀ ଛୁରିଆ କହିଛନ୍ତି, ସାଂସଦ ଅପରାଜିତା ଜଣେ ନାରୀ ହୋଇ ଆଉ ଜଣେ ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ସେ ଆଜି ଦେଇଥିବା ମନ୍ତବ୍ୟ କେବଳ ନିଜ ଦଳର ସରକାରଙ୍କ ପିଠି ଥାପୁଡ଼ାଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ମ୍ରିୟମାଣ, ସେତେବେଳେ ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାର ଥିଲା। ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି। ଶ୍ରୀମତୀ ଛୁରିଆ କହିଥିଲେ, ଅନ୍ୟ ଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧ କରି ଟାହିଟାପରା କରୁଥିଲେ। ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟକଲା ବୋଲି ବିଜେପି କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଆଯାଉ। ମାତ୍ର ଅନ୍ୟ ଉପରେ ଦୋଷ ଲଦି ଜନମାନସକୁ ବିଭ୍ରାନ୍ତ କରା ନ ଯାଉ। ଆରମ୍ଭରୁ ପୀଡ଼ିତାଙ୍କ ଏତଲା ଗ୍ରହଣ କରି କ'ଣ ପାଇଁ ପୁଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୁଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଛାତ୍ରୀଙ୍କ ମୃତ୍ୟୁ ପରେ ଅପରାଜିତା ଶୂନ୍ୟସହନଶୀଳତା କଥା କହୁଛନ୍ତି। କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ବାର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ



ନିଦ୍ରାରେ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସମପରିମାଣରେ ଦାୟୀ। ସାଂସଦ ଅପରାଜିତା ସେହିଦିଗ ପ୍ରତି ନିରବ କାହିଁକି ବୋଲି ବେଜେଡି ପ୍ରଶ୍ନ କରିଛି।

ସେହିପରି ଡଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା।

**■ ଛାତ୍ରୀଙ୍କ ମୃତ୍ୟୁ ପୂର୍ବରୁ ସରକାରଙ୍କ ଶୂନ୍ୟସହନଶୀଳତା କେଉଁଠି ଥିଲା**
**■ ଅନ୍ୟକୁ ଆକ୍ଷେପ ଛାଡ଼ି ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ**

ଯେଉଁଥିପାଇଁ ଓଡ଼ିଶାର ଜନସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ। ସାଂସଦ ଭାବେ ତାଙ୍କ ଉପଲବ୍‌ଧି କଣ ରହିଛି? କେବଳ ଏକ ଫୁଟ୍ ଓଭରବ୍ରିଜ ବ୍ୟତୀତ ଆଉ ବିଶେଷ କିଛି ନାହିଁ। ତେଣୁ ସେ ଅନ୍ୟକୁ ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡଃ ମଲ୍ଲିକ କହିଛନ୍ତି। ସୂଚନା ଥାଉ କି ଗୁରୁବାର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ବିଜେଡିକୁ ପ୍ରତିଆକ୍ଷେପ କରିବା ସହ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି।

### ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ଗାଁ ଦାଣ୍ଡରେ ୧୫ ପୁଲିସ୍ ୪ ଘଣ୍ଟା ଅଟକ

ପାଟଣାଗଡ଼, ୧୭।୭ (ସମିସ): ଅଭିଯୁକ୍ତମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଏବଂ ତଦନ୍ତରେ ଅବହେଳା ଅଭିଯୋଗରେ ଗାଁ ଦାଣ୍ଡରେ ପୁଲିସ୍‌କୁ ଘଣ୍ଟାଘଣ୍ଟା ଧରି ଅଟକ। ବଲାଙ୍ଗିର ଜିଲ୍ଲା ଭଇଁଷା ଗାଁ ନୂଆପଡ଼ାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମବାସୀମାନେ ପାଟଣାଗଡ଼ ଥାନାର ୧୫ କର୍ମଚାରୀଙ୍କୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରିସ୍ଥିତି କ୍ରମଶଃ ଜଟିଳ ଘଟଣାସ୍ଥଳରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସମେତ ପୁଲିସ ଫୋର୍ସ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଆନ୍ଦୋଳନକାରୀମାନେ ପୁଲିସ୍‌କୁ ଛାଡ଼ି ଦେଇଥିଲେ।

ସୂଚନାନୁଯାୟୀ, ନୂଆପଡ଼ାର ମଧୁସୂଦନ ବର୍ଗେଙ୍କ ନାବାଳିକା ଝିଅ ଭୂମିସୂତାଙ୍କ ଝୁଲନ୍ତା ମୃତଦେହ ଗତ ଜୁନ ୧୫ ତାରିଖରେ ତାଙ୍କ ଘରୁ ଉଦ୍ଧାର କରିଥିଲା। ତେବେ ପଡ଼ୋଶୀ ଘର ମାଆ-ଝିଅ ଓ ବୋହୂ ମିଶି ଝିଅକୁ ତଣ୍ଟି ଚିପି ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା



କରିଛନ୍ତି ବୋଲି ଭୂମିସୂତାର ବାପା ଓ ମାମୁ ଏହାର ପରଦିନ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏହାର ପ୍ରତିବାଦରେ ଗତ ୫ ତାରିଖରେ ଭୂମିସୂତାଙ୍କ ପରିବାର ସହ ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ବଲାଙ୍ଗିର ଏସ୍‌ପି ଅଭିଳାଷଜୀଙ୍କୁ ଭେଟି ମାମଲାରେ ହସ୍ତକ୍ଷେପ କରିବାକୁ ଗୁହାରି କରିଥିଲେ। ପରେ ପାଟଣାଗଡ଼ ପୁଲିସର ଏକ ଟିମ୍ ପଡ଼ୋଶୀ ପରିବାରର ମା', ଝିଅ ଓ ବୋହୂଙ୍କୁ ସେହିଦିନ ସନ୍ଧ୍ୟାରେ ଥାନାକୁ ଉଠାଇ ଆଣି ଅଟକ ରଖିଥିଲା। କିନ୍ତୁ ପରଦିନ ସେମାନଙ୍କୁ ଛାଡ଼ି ଦେବାରୁ ଗ୍ରାମବାସୀମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ତେବେ ଆଜି ମଧ୍ୟାହ୍ନ ପ୍ରାୟ ୧ଟାରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଦୁଇଟି ଗାଡ଼ିରେ ୧୫ରୁ ଊର୍ଦ୍ଧ୍ୱ ପୁଲିସ୍ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଥାନା ଅଧିକାରୀଙ୍କ ସହ କିଛି କର୍ମଚାରୀ ଅଭିଯୁକ୍ତଙ୍କ ଘର ଭିତରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକ କରିବାରୁ ଏହାକୁ ନେଇ ମୃତ ନାବାଳିକାଙ୍କ ପରିବାର ଏବଂ ପଡ଼ୋଶୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ଗାଁର ମହିଳାମାନେ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଅଭିଯୁକ୍ତଙ୍କ ଘର ଭିତରେ କ'ଣ ପାଇଁ ରୁଦ୍ଧଦ୍ୱାର ବୈଠକ ଚାଲିଛି ବୋଲି ପ୍ରଶ୍ନ କରିବା ସହ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଘେରି ଯାଇଥିଲେ। ଏସ୍‌ପି ଏବଂ ଜିଲ୍ଲାପାଳ ଘଟଣାସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ କାହାରିକୁ ଛାଡ଼ିବେ ନାହିଁ ବୋଲି କହିଥିଲେ। ତେବେ ଖବର ପାଇ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସହ ପୁଲିସ୍ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ପୁଲିସ ଗାଡ଼ି ସହ କର୍ମଚାରୀଙ୍କୁ ଛାଡ଼ି ଦେବାକୁ କହିଥିଲେ। ପୁଲିସ ଅଭିଯୁକ୍ତ ପରିବାରର ମାଆ ଭାରତୀ ବାରଲେଣ୍ଡି(୫୫), ବୋହୂ ଝରବାରଲେଣ୍ଡିଆ (୩୨) ଏବଂ ନାବାଳିକା ଝିଅଙ୍କୁ ଗିରଫ କରି ଥାନାକୁ ନେଇଥିବା ସହ ପରିବାରବର୍ଗ ଏବଂ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ପୁଲିସକୁ ଛାଡ଼ି ଦେଇଥିଲେ।

# ଜାଲରେ ପଡ଼ିଲା କ୍ୱିଣ୍ଟାଲ ଓଜନର ମାଛ

ବିନିକା,୧୭।୭(ସମିସ): ବିନିକା ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀରୁ ୧ କ୍ୱିଣ୍ଟାଲର ବୋଦା ମାଛ ମିଳିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିନିକାର ମତ୍ସ୍ୟଜୀବୀ ଅନ୍ତରାମ ମୁଦୁଲି ଓ ସୁଜିତ ସେଠୀ ଡଙ୍ଗାରେ ନଦୀକୁ ଯାଇ ମାଛ ମାରୁଥିଲେ। ଏହି ସମୟରେ ତାଙ୍କ ଜାଲରେ ଏକ ୬ଫୁଟ୍ ଲମ୍ବର ବୋଦା ମାଛ ପଡ଼ିଥିଲା। ସେମାନେ ଟିକିଏ ଭୟଭୀତ ହୋଇଥିଲେ ହେଁ



ସାହସ କରି ମାଛକୁ ୩ଜଣ ବହୁ କଷ୍ଟରେ ଟେକି ଆଣିଥିଲେ। ମାଛଟିର ଓଜନ ୧କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ମାଛକୁ ଦେଖିବା ପାଇଁ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଏହି ମାଛର ବହୁ ଔଷଧୀୟ ଗୁଣ ଥିବା କିଛି ମତ୍ସ୍ୟଜୀବୀ କହିଛନ୍ତି।

### ଲଗାଣ ବର୍ଷାରେ ବେହାଲ ଚାଷୀ

# ଆର୍ଥିକ ମେରୁଦଣ୍ଡକୁ ମାଡ଼

ଭୁବନେଶ୍ୱର, ୧୭।୭(ସମିସ): ଖରିଫ ଧାନ ଅମଳ ପରେ କିଛି ରୋଜଗାର ଆଶାରେ ଚଳିତ ରବିଋତୁରେ ଚାଷୀ ପନିପରିବା ଚାଷ କରିଥିଲା। ଚାଷ ଆରମ୍ଭରୁ ପାଗ ଭଲ ରହିଲା। ଆବଶ୍ୟକ ବର୍ଷା-ଖରା ହେଲା। ଫଳରେ ଭଲ ପରିବା ଉତ୍ପାଦନ ହେବ ବୋଲି ଆଶା ଥିଲା। ହେଲେ ମୌସୁମୀ ଓ ଲଗାଣ ବର୍ଷା ଚାଷୀର ସେ ଆଶାକୁ ମାରିଦେଛି।

ଗତ ମାସେ ହେଲା ଲଗାଣ ବର୍ଷା ହେବା କାରଣରୁ ଜମିରେ ଲାଗିଥିବା ଅମୃତଭଣ୍ଡା, ଭେଣ୍ଡି,କାକୁଡି, ଜହ୍ନି, ଛଚିନ୍ଦ୍ରା, ବାଇଗଣ ଆଦି ବର୍ଷା ପାଣିରେ ପଚିଗଲାଣି। ବିଶେଷକରି ଅମୃତଭଣ୍ଡା ମୂଳରେ ବର୍ଷା ପାଣି ରହି ଗଛକୁ ନଷ୍ଟ କରୁଛି। ସେହିପରି ବାଇଗଣ ଫସଲ ମଧ୍ୟ ବିଶେଷ ନଷ୍ଟ ହେଉଛି। ବର୍ଷା ଯୋଗୁଁ ପନିପରିବା ଫସଲ ଜମିରୁ ପାଣି ସମ୍ପୂର୍ଣ ନିଷ୍କାସନ ହୋଇ ନ ପାରି ଫସଲ ମୂଳରେ ଜମି ରହୁଛି। ଏଥିସହ ବର୍ଷା ପ୍ରଭାବରେ ଫୁଲରେ ଫଳ ଆସିବା କମି ଯାଇଛି। ମେଘୁଆ ପାଗ ସାଙ୍ଗକୁ ମାଟିରେ ଆର୍ଦ୍ରତା କାରଣରୁ ଫସଲରେ ଅଧିକ ରୋଗପୋକଙ୍କ ଆକ୍ରମଣ ବି ଦାଉ ସାଧିଲାଣି। ଏଥିସହ ଚାଷୀ ବହୁ କମ୍ ପରିମାଣରେ ପରିବା ଅମଳ କରୁଛନ୍ତି। ଏହାର ପ୍ରଭାବ ବଜାର ଉପରେ ପଡୁଛି। ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହେଉଛି। ଆଗରୁ ଯେତିକି ପରିବା ଘରକୁ ନେଉଥିଲେ, ସେତିକି ନ ନେଇ ଅଳ୍ପରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଖାଉଟିମାନେ କହୁଛନ୍ତି। ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବାଳକାଟି, ଝିଣ୍ଟି ସମେତ ରାଜ୍ୟର ପ୍ରମୁଖ କଞ୍ଚା ପରିବା ଉତ୍ପାଦନ କରୁଥିବା କଟକ, ବାଙ୍କୀ, ଅନୁଗୋଳ ସମେତ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର

**■ ବଢୁଛି ପନିପରିବା ଦର**
**■ ଆହୁରି ଦୁଇ ମାସ କନ୍ଦେଇବ**

ପର୍ଯ୍ୟନ୍ତ ସବୁଆଡେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି।

ଏବେ ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ ପର୍ଯ୍ୟନ୍ତ ପ୍ରାୟତଃ ସ୍ଥାନୀୟ ପନିପରିବା ବଜାର ଚାହିଦା ମେଣ୍ଟାଇଥା'ନ୍ତି। ପରବର୍ତ୍ତୀ ସମୟରେ କାର୍ତ୍ତିକ ମାସ ବେଳକୁ ବାହାର ପରିବା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଏବେ ବର୍ଷାରେ ଫସଲ ନଷ୍ଟ ହୋଇଯିବାରୁ କଞ୍ଚାପରିବାର ଅଭାବ ଦେଖାଯିବ। ତେଣୁ ଆସନ୍ତା ଦୁଇ ତିନି ମାସ ପର୍ଯ୍ୟନ୍ତ ପରିବା ଦର ଉଚ୍ଚା ରହିବ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

ଏକ ନମ୍ବର ହାଟର ଗ୍ରାହକ ବିଶ୍ୱରଞ୍ଜନ ବେହେରା କହିଛନ୍ତି, ପରିବା ଫସଲ ପ୍ରଭାବିତ କାରଣରୁ ପରିବା ଚାଷୀମାନେ କ୍ଷତି ସହିବା ସାଙ୍ଗକୁ ବଜାରରେ ମଧ୍ୟ ପରିବା ଦର ବଢୁଛି। ଆମେ ଦରବୃଦ୍ଧିର ଶିକାର ହେଉଛୁ। ପରିବା ଦର ଆମ ପକେଟ ଖାଲି କରିଦେଉଛି। ସ୍ଥିତି ଏମିତି ହୋଇଛି ଯେ ପରିବା ମାର୍କେଟ୍‌ରେ ହାତ ମାରି ହେଉନି। ପରିବା କିଣିଲା ବେଳକୁ ବ୍ୟାଗ୍ ଭର୍ତ୍ତି ହେଉନି ବୋଲି ସେ କହିଛନ୍ତି। ବ୍ୟବସାୟୀ ନକୁଳନାଥ ସାହୁ କହିଛନ୍ତି, ଯେଉଁ ପରିବା ଦର କିଛିଦିନ ପୂର୍ବେ କେଜି ପ୍ରତି ୨୦, ୩୦ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ରୁ ୭୦ ଟଙ୍କା ହୋଇଛି। ବାଇଗଣ ୭୦ରୁ ୮୦ ଦର ପାର କରିଛି। ଝୁଡ଼ଙ୍ଗ ୬୦, କଲରା ୬୦ଟପିଛି। ଚାଷୀ ନଟବର ଗିରି କହିଛନ୍ତି, ବିଗତ ବର୍ଷ ବି ଏମିତି କ୍ଷତି ହୋଇଥିଲା। ଗଲା ଡିସେମ୍ବର ମାସ ଶେଷ ସପ୍ତାହରେ ଅଦିନିଆ ଲଗାଣ ବର୍ଷା ପରକୁ ଜାନୁଆରୀ ମାସର ପ୍ରଥମ ସପ୍ତାହରେ ଘନ କୁହୁଡି ପିଆଜ, ଫୁଲକୋବି, ବାଇଗଣ, କାକୁଡି ସମେତ ବିଭିନ୍ନ ପନିପରିବା ଚାଷକୁ କ୍ଷତିଗ୍ରସ୍ତ କରିଥିଲା। ତେଣୁ ଦଇବ ଯେଉଁଭଳି ଦାଉ ସାଧୁଛ. ଚାଷ ଆଉ କରିହେବନି ବୋଲି ସେ କହିଛନ୍ତି।

# ଜଙ୍ଗଲ ଭିତରେ ମାଓବାଦୀଙ୍କ ବଙ୍କର

ଭୁବନେଶ୍ୱର,୧୭।୭(ସମିସ): କାଶ୍ମୀର ଆତଙ୍କବାଦୀ ରାସ୍ତାରେ ଏବେ ମାଓବାଦୀ। ସୁରକ୍ଷାକର୍ମୀଙ୍କୁ ଚକମା ଦେବାକୁ ଯାଇ ସେମାନେ ମାଟିତଳେ ବଙ୍କର କରି ଲୁଚିରହୁଛନ୍ତି। ସେମାନଙ୍କୁ ନା ଡ୍ରୋନ୍ ଆକାଶ ମାର୍ଗରୁ ଠାବ କରିପାରୁଛି, ନା ସୁରକ୍ଷାକର୍ମୀ। ସେମାନେ ବଙ୍କର ଭିତରେ ଲୁଚି ରହି ଷଡ଼ଯନ୍ତ୍ର କରୁଛନ୍ତି। ତା ଭିତରେ ବୋମା ଏବଂ ଲ୍ୟାଣ୍ଡମାଇନ୍ ପ୍ରସ୍ତୁତ କରୁଛନ୍ତି। ବଙ୍କରରେ ନିଜର ସୁରକ୍ଷା ସହ ଅସ୍ତ୍ରଶସ୍ତ୍ରକୁ ସୁରକ୍ଷିତ ରଖୁଛନ୍ତି।

କନ୍ଧମାଳ ଜିଲ୍ଲା ଗୁମ୍ମା ସଂରକ୍ଷିତ ଜଙ୍ଗଲରେ ବାଓବାଦୀଙ୍କର ଏଭଳି ଠାବ କରାଯାଇଛି। ମାଟିତଳେ ନକ୍ସଲ ପୋତି ରଖିଥିଲେ ୬୦୦ ଡିଟୋନେଟର ସହ ରିମୋଟ୍। ମାଓବାଦୀ ବିସ୍ଫୋରକ ଲୁଚାଇ ରଖିଥିବା ସୂଚନା ଆଧାରରେ ଆରମ୍ଭ ହୋଇଥିଲା ବଡ଼ ଧରଣର ଅପରେସନ। ମାଟି ତଳେ ପୋତାଯାଇଥିବା ସମସ୍ତ ଡିଟୋନେଟର ଜବତ ହୋଇଛି। ଏହାପୂର୍ବରୁ ଗତ ସପ୍ତାହ ମାଓବାଦୀ ବଙ୍କରରୁ ମିଳିଥିଲା ବିପୁଳ ଅସ୍ତ୍ରଶସ୍ତ୍ର। ଝାଡ଼ଖଣ୍ଡ ଚାଇବାସା ଛୋଟାନାଗରାରେ ମଧ୍ୟ ନକ୍ସଲଙ୍କ ବଡ଼ ବଙ୍କର ଠାବ କରାଯାଇଥିଲା। ଏହି ବଙ୍କର୍ ତଳେ ବିସ୍ଫୋରକ ଖଞ୍ଜିଥିଲେ ମାଓବାଦୀ। ଏଭଳି ୫ଟି ବଡ଼ ବଡ଼ ବଙ୍କରକୁ ଠାବ କରି ଧ୍ୱଂସ କରିଛନ୍ତି ସୁରକ୍ଷା ଯବାନ।

**■ ଆକାଶ ମାର୍ଗରୁ ଡ୍ରୋନ୍ ଠାବ କରିପାରୁନି**
**■ ଲ୍ୟାଣ୍ଡମାଇନ୍, ବନ୍ଧୁକ ବି ଲୁଚାଇ ରଖୁଛନ୍ତି**
**■ ସୁରକ୍ଷା ବାହିନୀର ଚିନ୍ତା ବଢ଼ିଲା**

ମିଳିଥିବା ସୂଚନା ଅନୁସାରେ ମାଓବାଦୀମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କାରଣ ସେମାନେ ଜଙ୍ଗଲ କିମ୍ବା ଗୁମ୍ଫାରେ ରହିଲେ ପୁଲିସର ଡ୍ରୋନ୍ ଏବଂ ସାଟ୍‌ଲାଇଟ୍ ଇମେଜ ସେମାନଙ୍କୁ ଧରି ଦେଉଛି। ତେଣୁ ଏହାର ବିକଳ୍ପ ଭାବେ ଜଙ୍ଗଲରେ ମାଟି ଖୋଳି ବଙ୍କର ତିଆରି କରୁଛନ୍ତି। ତାହା ଭିତରେ ରୋଷେଇ ଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର ଲୁଚାଇବା କାମ କରାଯାଉଛି। ଏହି ବଙ୍କର ଗେଟ୍‌ରେ ସେମାନେ ଜଙ୍ଗଲ ପତର ଏବଂ ମାଟି ଘୋଡାଇ ଦେଉଛନ୍ତି। ଯାହାଫଳରେ ଏହାକୁ ସୁରକ୍ଷାକର୍ମୀ ଠାବ କରିବା ସହଜ ହୋଇନଥାଏ। ଆନ୍ଧ୍ର କ୍ୟାଡର ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବା ପରେ ଏଭଳି ବଙ୍କର ପନ୍ଥା ଆପଣାଇଛନ୍ତି। କନ୍ଧମାଳ, ମାଲକାନଗିରି, କୋରାପୁଟ ଆଦି ମାଓ ପ୍ରବଣ ଅଞ୍ଚଳରେ ଏଭଳି ଅନେକ ବଙ୍କର ରହିଥିବା ସନ୍ଦେହ କରାଯାଉଛି।

ଆଣ୍ଟି ନକ୍ସଲ ଅପରେସନ ବେଳେ ଏଭଳି ବଙ୍କର ଉପରେ ଫୋକସ କରାଯାଉଥିବା କହିଛନ୍ତି ଏଡିଜି ସଞ୍ଜିବ ପଣ୍ଡା। ସେ କହିଛନ୍ତି ଯେ ପୁଲିସ ପାଖରେ ଥିବା ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଏହି ବଙ୍କର ଠାବ କରାଯାଉଛି ଏବଂ ସେଗୁଡ଼ିକୁ ଧ୍ୱଂସ କରାଯାଉଛି।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ସଫଳ































ଡେଲାଙ୍ଗ,୧୭।୭(ସମିସ):

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରାଯାଇଛି। କଂଗ୍ରେସ ଓ ବାମପନ୍ଥୀ ଦଳ ସମେତ ମୋଟ୍ ୮ଟି ବିରୋଧୀ ଦଳ ପକ୍ଷରୁ ବନ୍ଦ ଡକରା ଦିଆଯାଇଥିଲା। ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିବାବେଳେ ସ୍ଥାନୀୟ ଅଞ୍ଚଳର ଦୋକାନୀ ଓ ଜନସାଧାରଣ ସ୍ୱଇଚ୍ଛାରେ ବନ୍ଦ ଡକରାକୁ ସମର୍ଥନ ଦେଇଥିଲେ। ସିପିଆଇଏମ୍‌ଏଲ୍ ନେତା ଅଶୋକ ପ୍ରଧାନ ଓ କଂଗ୍ରେସ ନେତା ନିର୍ମଳ ପରିଡ଼ାଙ୍କ ନେତୃତ୍ୱରେ ରାମଚନ୍ଦ୍ର ମହାରଣା, ତ୍ରିଲୋଚନ ବେହେରା, ସତ୍ୟମନ୍ୟୁ ପ୍ରଧାନ, ଉମାକାନ୍ତ ବରାଳ, ବୁବୁ ବେହେରା, ନାଥ ବେହେରା, ଅଶ୍ରୁମୋଚନ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଡେଲାଙ୍ଗ ହାଟ ବଜାର ଛକଠାରେ ଧାରଣା ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହା ସହିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ ମୃତକଙ୍କ ପରିବାରକୁ ୨ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା, ତୁରନ୍ତ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେହିପରି ଡେଲାଙ୍ଗ ଷ୍ଟେସନ ବଜାରଠାରେ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ପ୍ରହ୍ଲାଦ ପ୍ରଧାନ, ଜୟମନ୍ୟୁ ସାମନ୍ତରାୟ, ମାନସ ସ୍ୱାଇଁ, ବିଶ୍ୱରଞ୍ଜନ ମିଶ୍ର, ଅଶୋକ ବେହେରା ପ୍ରମୁଖ ଧାରଣା ଦେଇଥିଲେ। ଏସ୍‌ୟୁସିଆଇ ପକ୍ଷରୁ କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ, ଦୀନବନ୍ଧୁ ପରିଡ଼ା, ଜଟାଧାରୀ ପରିଡ଼ା, ସର୍ବେଶ୍ୱର ପରିଡ଼ା, ପଦ୍ମଚରଣ ଜେନା ପ୍ରମୁଖ ଡେଲାଙ୍ଗ ତହସିଲ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତ କଲେଜ ଓ ଦୋକାନ ବଜାର ବନ୍ଦ ରହିଥିବାବେଳେ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଖୋଲାରହିଥିଲା। କଣାସ ରୋଡ୍ ରେଳ ଷ୍ଟେସନଠାରେ ଯାତ୍ରୀବାହୀ ଟ୍ରେନ୍‌କୁ ଅଧଘଣ୍ଟା ଧରି ଅଟକାଯାଇଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କର୍ମୀମାନେ ଟ୍ରେନ୍‌କୁ ଛାଡ଼ିଥିଲେ।

**ନିମାପଡ଼ା :** ନିମାପଡ଼ା ଦୋଳବେଦୀ ଛକ ନିକଟରେ ଥିବା ମୋହନ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ସୌମ୍ୟାଶ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ଦାବିରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ମୁଖ୍ୟ ରାସ୍ତାକୁ ଅବରୋଧ କରିବା ସହିତ ହରତାଳ କରିଥିଲେ। ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣଭାବେ ବନ୍ଦ ଡକରା ଦିଆଯାଇଥିବାବେଳେ ପୁଲିସ ପକ୍ଷରୁ ପାଣିମାଡ଼, ଲୁହବୁହା ଗ୍ୟାସ୍ ପ୍ରୟୋଗ, ରବର ବୁଲେଟ୍ ମାଡ଼ କରି ଶତାଧିକ ବିଜେଡି ନେତା ଓ କର୍ମୀ ଆହତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ହାତରେ ଘରୋଇ ବିଭାଗ ରହିଥିବାବେଳେ ରାଜ୍ୟ ପୁଲିସର ଏହି ଅମାନୁସିକ ଓ ବର୍ବର କାଣ୍ଡ ପାଇଁ ସାରା ଓଡ଼ିଶାବାସୀଙ୍କ ସମେତ ଦେଶବାସୀ ଏହାକୁ ଦୃଢ଼ ନିନ୍ଦା କରିବା ସହ ଏହାର କ୍ଷମା ଦେବେ ନାହିଁ। ଗୁରୁବାର ନିମାପଡ଼ା ମୁଖ୍ୟ ରାସ୍ତା ଅବରୋଧ ସମୟରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଓଡ଼ିଶାରେ ଆଇନ କାନୁନ୍ ଠିକ୍ ନାହିଁ ବୋଲି କହିଛନ୍ତି। ଭୋକ ଉପାସରେ ପିଲାମାନେ କାନ୍ଦି କାନ୍ଦି ଆଉଟୁପାଉଟୁ ହେଉଥିବା ନେଇ ଅନେକ ପର୍ଯ୍ୟଟକଙ୍କଠାରୁ ଶୁଣିବାକୁ ମିଳିଛି। ପର୍ଯ୍ୟଟକମାନେ ଅନେକବାର ଅନୁରୋଧ କରିବା ପରେ ଆନ୍ଦୋଳନକାରୀମାନେ ସେମାନଙ୍କୁ ଛାଡ଼ିଦେଇଥିଲେ। ଏହି ବନ୍ଦ ଡକରାରେ ନିମାପଡ଼ା ବ୍ଲକ୍ କଂଗ୍ରେସ ସଂଯୋଜକ କାଳନ୍ଦୀ ବାରିକ, ଓଡ଼ିଶା କଂଗ୍ରେସ ସେବା ଦଳର ନିମାପଡ଼ା ବ୍ଲକ୍ ସମ୍ପାଦକ ସୁବାସ ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ପପୁନି ବସ୍ତିଆ, ନିଲୁ ସାହୁ, ପର୍ଶୁରାମ ପରିଡ଼ା, ନାରୀନେତ୍ରୀ ପ୍ରଗତୀ ବରାଳ, ରେଣୁବାଳା ମାଝୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ମଲ୍ଲିକଙ୍କ ସମେତ ଶତାଧିକ ଯୁବ କର୍ମୀ ମୁଖ୍ୟରାସ୍ତା ଅବରୋଧ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଗାଦିଛାଡ଼ ନାରା ଦେବା ସହ କୁଶପୁତ୍ତଳିକା ଦାହ କରାଯାଇଛି।

**କଣାସ :** ସାରା ରାଜ୍ୟରେ ଛାତ୍ରୀ ଆତ୍ମହତ୍ୟାକୁ ନେଇ ୧୨ଘଣ୍ଟିଆ ବନ୍ଦ ପାଳନ ଡକରା ଦିଆଯାଇଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ କଂଗ୍ରେସ ଓ ବାମପନ୍ଥୀ ଦଳ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଯାଇଛି। କଣାସ ବ୍ଲକ୍ ସଭାପତି ଆଇନଜୀବୀ ସଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପାଣ୍ଡିଆକେରା ସରପଞ୍ଚ ପ୍ରତିନିଧି ତ୍ରିନାଥ ଛୋଟରାୟ, ନିରଞ୍ଜନ ଜେନା, ପୂର୍ବତନ ସମିତିସଭ୍ୟ ସୁମନ୍ତ ବଳବନ୍ତରାୟ, ଅଭିମନ୍ୟୁ ସାମନ୍ତରାୟ ପ୍ରମୁଖ ଶତାଧିକ କର୍ମୀ ଏକ ରାଲିରେ କଣାସ ଗୋଲାବଜାର, ବସ୍‌ଷ୍ଟାଣ୍ଡ ବଜାର, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ, ବ୍ଲକ୍ ବଜାର, ଜଙ୍କିଆ ବଜାର, ବିଜିପୁର ବଜାର ପରିକ୍ରମା କରି ଦୋକାନ, ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଗାଡ଼ି ମୋଟର ବନ୍ଦ କରିବାକୁ ନିବେଦନ କରିଥିଲେ। ବାମପନ୍ଥୀ ଦଳ ନେତା ଅଶୋକ ପ୍ରଧାନ, ଅନାମ ବେହେରା ପ୍ରଭୃତି ୫୦ରୁ ଉର୍ଦ୍ଧ୍ୱ କର୍ମୀ ବନ୍ଦ ପାଳନ ରାଲିରେ ଯୋଗଦେଇଥିଲେ।

**ଚାରିଛକ :** ଚାରିଛକ ବଜାରରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟ ରାସ୍ତା ଉପରେ କଂଗ୍ରେସ ଓ ସିପିଆଇ ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ବାଲେଶ୍ୱର ଏଫ୍‌ଏମ୍ କଲେଜ ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ସହ ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ସକାଳ ୬ଟାରୁ ଚାରିଛକ ନିକଟ ତୁଳସୀପୁର ବଜାରରେ କଂଗ୍ରେସ ପଞ୍ଚାୟତ ସଭାପତି ରଘୁନାଥ ବେହେରା, ଯୁବନେତା ବିଜୟ ମଲ୍ଲିକ, ଦେବଦତ୍ତ ପାତ୍ର, ହରିହର ବେହେରା, ଅର୍ଜୁନ ସ୍ୱାଇଁ, ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ, ଜଟାଧାରୀ ବେହେରା ଏବଂ ଚାରିଛକଠାରେ କଳାପାଞ୍ଚଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରକ୍ଷୀତ ଜେନା, ବାହାରଣାର ପୂର୍ବତନ ସରପଞ୍ଚ ଗୋବିନ୍ଦ ମଳିକ, ବରିଷ୍ଠ କର୍ମୀ ରାମଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗଙ୍ଗାଧର ମହାନ୍ତି, ପ୍ରଭାକର ପ୍ରଧାନ ପ୍ରମୁଖ ମୁଖ୍ୟ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ନାରାବାଜି କରିଥିଲେ। ମୁଖ୍ୟ ରାସ୍ତାରେ କେବଳ ଜରୁରୀକାଳୀନ ସେବା ଗାଡ଼ିକୁ ଛାଡୁଥିବାବେଳେ ଅନ୍ୟ ଗାଡ଼ି ସବୁ ଚଳାଚଳ ବନ୍ଦ ରହିଥିଲା।

**ବଳଙ୍ଗା :** ବଳଙ୍ଗା ଥାନା ହରିପୁର, କେତକୀ ପାଟଣା, ବଳଙ୍ଗା ବଜାର ମୁଖ୍ୟ ରାସ୍ତାରେ ଟାୟାର ଜାଳି କଂଗ୍ରେସ କର୍ମୀଙ୍କ ପକ୍ଷରୁ ପ୍ରବେଶ ପଥ ବନ୍ଦ କରାଯାଇଥିଲା। ଏହା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ବ୍ୟାଙ୍କ, ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରିବା ପାଇଁ ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ବଳଙ୍ଗା କଂଗ୍ରସ ନେତା ବିରଞ୍ଚି ନାରାୟଣ ରଥ ଓ ନବକିଶୋର ମଲ୍ଲିକଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଏହି ବନ୍ଦ ପାଳନରେ ଚନ୍ଦ୍ରମଣି ମଲ୍ଲିକ, ସର୍ବେଶ୍ୱର ନାଥ, ବନମାଳୀ ରାଉତ, ମହେନ୍ଦ୍ର ପ୍ରଧାନ, ଭାସ୍କର ସାହୁ, ଭଗବାନ କାଣ୍ଡିଙ୍କ ସମେତ ଶତାଧିକ କର୍ମୀ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

**କାକଟପୁର:** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିଲା। ଏହି ବନ୍ଦକୁ ବାମପନ୍ଥୀ ଦଳ ସମେତ ଅନେକ ବିରୋଧୀ ଦଳ ସମର୍ଥନ କରିଥିଲେ। କାକଟପୁରରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ଅନ୍ୟ ନେତୃବୃନ୍ଦ ଓ ବାମପନ୍ଥୀ ଦଳର ନେତା ଏବଂ କର୍ମୀମାନେ ଏହି ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିଥିଲେ। ବନ୍ଦ ଯୋଗୁଁ କାକଟପୁରରେ ଦୋକାନ, ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହିପରି ଗାଡ଼ି ମୋଟର ଚଳାଚଳ ମଧ୍ୟ ପ୍ରାୟତଃ ବନ୍ଦ ରହିଥିବା ଦେଖାଯାଇଥିଲା।

**କୋଣାର୍କ :** କଂଗ୍ରେସ ଓ ବାମପନ୍ଥୀ ଦଳର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରାରେ କୋଣାର୍କ ବନ୍ଦ ସଫଳ ହୋଇଛି। କୋଣାର୍କ ଓ ଚନ୍ଦ୍ରଭାଗା ବଜାର ଶୂନ୍‌ଶାନ୍ ହୋଇପଡ଼ିଥିଲା। ସୂର୍ଯ୍ୟମନ୍ଦିର ସମେତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସିପିଆଇ ନେତା ମନୋରଞ୍ଜନ ପରିଡ଼ା, କୋଣାର୍କ କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ସୁବାସ ନାୟକ, ସ୍ୱାଧୀନ ନାୟକ, କାଉନ୍‌ସିଲର ନିହାର ରଞ୍ଜନ ବେଉରା, ସୁରେଶ ଚନ୍ଦ୍ର ନାୟକ, ଲୋକନାଥ ବେହେରା, ପ୍ରତାପ କାଣ୍ଡି ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି ଓ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସୂର୍ଯ୍ୟମନ୍ଦିର ଟିକଟ କାଉଣ୍ଟର, ମୁଖ୍ୟ ପ୍ରବେଶ ପଥ ବନ୍ଦ କରିବା ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କୋଣାର୍କ ଓ ଚନ୍ଦ୍ରଭାଗାର ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରହିଥିବାବେଳେ ସମସ୍ତ ଶିକ୍ଷାନୁଷ୍ଠାନ, ଯାତ୍ରୀନିବାସ, ହୋଟେଲ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା।

**ଅସ୍ତରଙ୍ଗ :** ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନ୍ୟାୟ ଦାବିରେ ସାରା ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ତାଙ୍କୁ ଉଚିତ୍ ନ୍ୟାୟ ମିଳିବା, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦଙ୍କ ଇସ୍ତଫା ଦାବିକରି ଗୁରୁବାର ଓଡ଼ିଶା କଂଗ୍ରେସ ପାର୍ଟି ଓ ବାମପନ୍ଥୀ ଦଳ ତରଫରୁ ଅସ୍ତରଙ୍ଗ ବ୍ଲକ୍‌ରେ ବନ୍ଦ ପାଳନ କରାଯାଇଛି। ବ୍ଲକ୍ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବଜାରରେ ପିକେଟିଂ କରିବା ସହିତ ମୁଖ୍ୟ ବଜାରରେ ବେଞ୍ଚ ପକାଇ ବସି ରାସ୍ତା ଅବରୋଧ କରିଥିଲେ। ଗାଡ଼ି ମୋଟର ଦୋକାନ ସବୁ ବନ୍ଦ ରହିଥିଲା।

**ଗମ୍ଭାରୀପଦା :** ସୌମ୍ୟାଶ୍ରୀଙ୍କ ଅକାଳ ବିୟୋଗ ଓ ନାରୀ ନିର୍ଯ୍ୟାତନା ବିରୋଧରେ ଜାତୀୟ କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ବନ୍ଦ ଡକରା କାକଟପୁରରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ପୂର୍ବତନ ବ୍ଲକ୍ କଂଗ୍ରେସ କମିଟି ଅଧ୍ୟକ୍ଷ ଅବଧୂତ ସ୍ୱାଇଁ, ପୁରୀ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ, ଯଶୋବନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ଦାଶ, ବାଙ୍ଗୁରୀଗାଁ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ହୃଷୀକେଶ ବେହେରା, ସୁହାଗପୁର ନାଏବ ସରପଞ୍ଚ ନରେନ୍ଦ୍ର କୁମାର ପୃଷ୍ଟି, ଅରକ୍ଷିତ କାଣ୍ଡି, ନରେନ୍ଦ୍ର ଦାସ ପ୍ରମୁଖଙ୍କ ସହଯୋଗରେ ଶତାଧିକ କଂଗ୍ରେସ, ସିପିଆଇ-ସିପିଏମ୍ ଓ ମିଳିତ ମଞ୍ଚର କର୍ମୀମାନେ ଓଡ଼ିଶା ବନ୍ଦରେ ସାମିଲ୍ ହୋଇ କାକଟପୁର ବ୍ଲକ ଛକ, କଲେଜ ଛକ ଓ ମେଡିକାଲ ଛକରେ ରାସ୍ତା ଅବରୋଧ କରିଥିଲେ। ଏକ ବିଶାଳ ପଟୁଆରରେ କାକଟପୁର ବଜାର ପରିକ୍ରମା କରି ରାଜ୍ୟ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ବିଧାୟକ ଓ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ପ୍ରତିକାତ୍ମକ ଶବକୁ ଶବଧାରାରେ ନେଇ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଦାହ କରାଇଥିଲେ।

**ସାକ୍ଷୀଗୋପାଳ :** ଏଫ୍‌ଏମ୍ ଛାତ୍ରୀ ସୌମାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଆହୁତ ଓଡ଼ିଶା ବନ୍ଦ ପୁରୀ ଜିଲ୍ଲା ସତ୍ୟବାଦୀରେ ସଫଳ ହୋଇଛି। ସକାଳ ସାଢ଼େ ୯ଟାରୁ ଭୁବନେଶ୍ୱର-ପୁରୀ ୩୧୬ ନଂ ଜାତୀୟ ରାଜପଥ ଉପରେ ଟାୟାର ଜାଳି କଂଗ୍ରେସ କର୍ମୀମାନେ ରାସ୍ତାରୋକ ଆନ୍ଦୋଳନ ଚଳାଇଥିଲେ। ଫଳରେ ୪ ଘଣ୍ଟା କାଳ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ସାଧାରଣ ଯାତ୍ରୀ, ତୀର୍ଥଯାତ୍ରୀ ଓ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପର୍ଯ୍ୟଟକମାନେ ନିଜ ନିଜ ଯାନବାହନରୁ ଓହ୍ଲାଇ ରାସ୍ତା ପାଶ୍ୱର୍ରେ ବିଶ୍ରାମ ନେଇଥିବାବେଳେ ଶବ ନେଇଯାଉଥିବା ସ୍ୱର୍ଗରଥ ଭିଡ଼ ଭିତରେ ଫସି ରହିଥିବା ଦେଖାଯାଇଥିଲା। ସାକ୍ଷୀଗୋପାଳ ବଜାର, ଜାତୀୟ କରଣ ବ୍ୟାଙ୍କ, ପେଟ୍ରୋଲ ପମ୍ପ, ସାକ୍ଷୀଗୋପାଳ ରେଳ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟ ଖାଁ ଖାଁ ଲାଗୁଥିଲା। ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଭକ୍ତ ଓ ତୀର୍ଥଯାତ୍ରୀଙ୍କ ଦର୍ଶନ ଓ ସମାଗମ ନ ଥିଲା। ସେହିପରି ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶୁକଳ ଛକ ନିକଟରେ କଂଗ୍ରେସ କର୍ମୀମାନେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଆଇନଶୃଙ୍ଖଳା ବଜାୟ ରଖିବାକୁ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପୁଲିସ ଫୋର୍ସ ସହିତ ଉପସ୍ଥିତ ଥିଲେ।

**ନୟାହାଟ :** କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡକରା ନୟାହାଟ ଅଞ୍ଚଳରେ ସଫଳ ହୋଇଛି। ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁଙ୍କ ନେତୃତ୍ୱରେ କୈଳାସ ପାତ୍ର, କାବୁ ସାହୁ, ହୃଦାନନ୍ଦ ସାହୁ ପ୍ରମୁଖଙ୍କ ସହିତ କେତେକ କର୍ମୀ ନୟାହାଟ ବଜାର ଓ ପାଣିଛାତ୍ରଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହା ସହିତ ମୃତ ଛାତ୍ରୀଙ୍କ ପରିବାରକୁ ୨କୋଟି ଟଙ୍କା କ୍ଷତିପୂରଣ ଦେବା ସହିତ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ନୟାହାଟ ଅଞ୍ଚଳରେ ସମସ୍ତ ବେସରକାରୀ ଓ ସରକାରୀ ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, କଲେଜ, ଦୋକାନ ବଜାର ୧୦ ଘଣ୍ଟା ଧରି ବନ୍ଦ ରହିଥିଲା। ପଲ୍ଲୀ ଓ ଜହ୍ନିମଳିଆ ଛକଠାରେ ଟାୟାର ଜାଳି କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିବା ସହିତ ଦୋକାନ ବଜାର ବନ୍ଦ କରାଇଥିଲେ।

**ପିପିଲି :** ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବରଖାସ୍ତ ଆଦି ଦାବି ନେଇ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ତରଫରୁ ଗୁରୁବାର ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ଭାବେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। କୌଣସି ସ୍ଥାନରେ ହିଂସାକାଣ୍ଡ ଘଟି ନ ଥିବା ଜଣାପଡ଼ିଛି। ପିପିଲି ଟୋଲ୍‌ଗେଟ୍ ଓ ହାଟଛକଠାରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଯାତ୍ରୀବାହୀ ବସ୍ ଓ ଗାଡ଼ି ମୋଟର ଚଳାଚଳ ବନ୍ଦ ଥିବାବେଳେ କେବଳ ଜରୁରୀକାଳୀନ ପରିସ୍ଥିତିରେ କେତେକ ଯାନବାହନ ଚଳାଚଳ କରୁଥିବା ଦେଖାଯାଇଛି। କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବନ୍ଦ ଡକରାରେ ବରିଷ୍ଠ ନେତା ମାନସ ଆଚାର୍ଯ୍ୟ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ନାରୀନେତ୍ରୀ ନିରୁପମା ମହାପାତ୍ର, ଏସ୍.କେ. ମେହେବୁବ, ସଞ୍ଜୟ ଶତପଥୀ, ରଞ୍ଜିତ ମହାପାତ୍ର, ଟୁଟୁ ପରିଡ଼ା, ଫିରୋଜ ଖାନ, ଅକ୍ଷୟ ଦାଶ, ପ୍ରଶାନ୍ତ ଜେନା ଏବଂ ସିପିଆଇ (ଏମ୍‌ଏଲ୍) ଲିବରେସନର ସର୍ବେଶ୍ୱର ଭାରତୀଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ ଅବସରରେ କିଶାନ ପଟ୍ଟନାୟକ, ସୁନନ୍ଦ ଗଡ଼ନାୟକ, ରବି ସ୍ୱାଇଁ, ଗଙ୍ଗାଧର ସେଠୀ, ରାଜ କିଶୋର ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ।

## ଆଉ ଦେଖିବାକୁ ମିଳୁନି ତାଳପତ୍ର ପଖିଆ

ନୟାହାଟ,୧୭।୭(ସମିସ): ବର୍ଷା ଋତୁରେ ଗାଁଗହଳିରେ ଲୋକମାନେ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପ୍ରତି ଘରେ ବା ପରିବାରରେ ତାଳପତ୍ର ପଖିଆ ଦେଖିବାକୁ ମିଳୁଥିଲା। ବର୍ଷା ହେଲେ ଚାଷୀ ତାଳପତ୍ର ପଖିଆକୁ ବ୍ୟବାହାର କରୁଥିଲେ। ଆଜିକାଲି ଚାଷୀଠାରୁ ଶ୍ରମିକ ପର୍ଯ୍ୟନ୍ତ ବର୍ଷା ସମୟରେ ପଖିଆ ପରିବର୍ତ୍ତେ ଛତା ଓ ବର୍ଷାତି ବ୍ୟବହାର କରୁଛନ୍ତି। ଯାହାଫଳରେ ତାଳପତ୍ର ପଖିଆର ଆଦର କମିଯାଇଛି। ଯାହାଦ୍ୱାରା ପଖିଆ କାରିଗରଙ୍କ ବ୍ୟବସାୟ ଧୀରେ ଧୀରେ କମିଯିବାରୁ ସେମାନେ ଜୀବିକା ହରାଇବାକୁ ବସିଛନ୍ତି। ପଖିଆ କାରିଗର ଦୁଃଖରେ କାଳିତିପାତ କରୁଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## କଣାସରେ ଥମୁନି ଝାଡ଼ାବାନ୍ତି; ପୁଣି ୨୧ ଆକ୍ରାନ୍ତ



କଣାସ,୧୭।୭(ସମିସ): ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକ୍‌ରେ ଦୀର୍ଘ ୨୦ ଦିନରୁ ଉର୍ଦ୍ଧ୍ୱ ହେବ ଝାଡ଼ାବାନ୍ତି ଲାଗିରହିଥିବା ବେଳେ ପ୍ରତ୍ୟେକ ଦିନ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୫ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତି ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଗୁରୁବାର ମଧ୍ୟ ମୂଳବସନ୍ତ ଗ୍ରାମର କୃତିବାସ ପ୍ରଧାନ, ଗଙ୍ଗାଧରପୁର ଗ୍ରାମର ବାଜି ବେହେରା ଓ ଆନନ୍ଦ ବେହେରା, ଜାଗୁଳେଇପଦରର ଅପର୍ଣ୍ଣା ବେହେରା, କଣାସ ଗ୍ରାମର ସୌଦାମିନୀ ରାଉତ, ହଳଦୀପଦର ଗ୍ରାମର ସୁଇଟ୍ ମଲ୍ଲିକ, ଚୁପୁରିଙ୍ଗି ଗ୍ରାମର କବିତା ପ୍ରଧାନ, ସୁମା ନାୟକ, କଳାପଦର ଗ୍ରାମର ପଞ୍ଚାନନ ଜେନା ଓ ଅନ୍ୟାନ୍ୟ ଗ୍ରାମରୁ ୨୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉ କି, ଝାଡ଼ାବାନ୍ତି ଲାଗିରହିଥିବାରୁ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ ଶତପଥୀ କଣାସ ବ୍ଲକ୍‌ର ଝାଡ଼ାବାନ୍ତି ଲାଗିଥିବା ଗ୍ରାମକୁ ଯାଇ ଏହାର କାରଣ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଥିଲେ ମଧ୍ୟ ଝାଡ଼ାବାନ୍ତି ଥମୁନାହିଁ। ପୂର୍ବରୁ ୩ ମାସ ତଳେ କଣାସ ବ୍ଲକ୍‌ର ନୂଆଗାଁ, ନଇକୂଳପାଟଣା, ଗଡ଼ିଶାଗୋଦା, ଜାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଝାଡ଼ାବାନ୍ତି ଲାଗିରହି ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ସେ ସମୟରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଥିଲା। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁଁ ଝାଡ଼ାବାନ୍ତି ଲାଗିରହିଥିବାରୁ ନଦୀଜଳ ବ୍ୟବହାର ନ କରିବା ପାଇଁ ଅଧିକାରୀମାନେ ପରାମର୍ଶ ଦେବା ପରେ ଝାଡ଼ାବାନ୍ତି ଥମିଥିଲା।

## ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହମବତି ଶୋଭାଯାତ୍ରା

ନିମାପଡ଼ା,୧୭।୭(ସମିସ): ଜାତୀୟ ମାନବାଧିକାର ନ୍ୟାୟିକ ପରିଷଦ ଭାରତ ଓଡ଼ିଶା ଓ ସେଲ୍ଫ ଏମ୍ପାୱାରମେଣ୍ଟ ଗ୍ରୁପ୍ ନିମାପଡ଼ା, ପୁରୀ ମିଳିତ ଆନୁକୁଲ୍ୟରେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମହମବତି ଶୋଭାଯାତ୍ରା ଓ ସ୍ଥାନୀୟ ପୂର୍ଣ୍ଣେଶ୍ୱରଙ୍କ ମନ୍ଦିରରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବାଧିକାର ନ୍ୟାୟିକ ପରିଷଦର ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ନୃସିଂହ ଚରଣ ମାନସିଂହ, ସ୍ୱଦର୍ଶନା ପ୍ରଧାନ, ଦୀପକ ସାହୁ, ଗୋପୀନାଥ ପାତ୍ର, ଆଲୋକ ସାହୁ, ଜୟାପ୍ରଦ ସାହୁ, କଲ୍ୟାଣୀ ସାହୁ, ଇତିଶ୍ରୀ ସାହୁ, ଗୀତାଞ୍ଜଳି ଚାନ୍ଦ, ମିଲ୍ଲି ସିଂ, ଗୀତାଞ୍ଜଳି ସାହୁ, ପ୍ରମୋଦ ବରାଳ ଓ ଭବାନୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭୟ କୁମାର ସ୍ୱାଇଁ
ଗୋଡା, ବୋରିକିନା, ଜଗତସିଂହପୁର
ଆବିର୍ଭାବ - ୨୪/୦୭/୧୯୬୯
ତିରୋଧାନ - ୦୮/୦୭/୨୦୨୫
ବାବା! ଏ ଯିବାର ବୟସ ନ ଥିଲା। ହେଲେ ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଆମେ ଯଥାସମ୍ଭବ ଚେଷ୍ଟା କଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: ହତଭାଗ୍ୟ ଝିଅ- ଦୀପ୍ତି ପୁଅ- ଅରୁ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

୧୭/୭/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୯,୮୭୫/- ସୁନା: ୦୧.୧୦୦ ଗ୍ରାମ୍ ରୁପା: ୬୪.୨୦୦ ଗ୍ରାମ୍





### ପୁରୀରେ ଓଡ଼ିଶା ବନ୍ଦକୁ ବିପୁଳ ସମର୍ଥନ

# ଗଡ଼ିଲାନି ଗାଡ଼ି, ଖୋଲିଲାନି ଦୋକାନ ବଜାର








- ବସ୍‌ଷ୍ଟାଣ୍ଡ ଖାଁ ଖାଁ, ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ହ୍ରାସ
- ଷ୍ଟେସନରେ ଟ୍ରେନ୍ ଅଟକାଇଲେ ଆନ୍ଦୋଳନକାରୀ
- ଶାନ୍ତିପୂର୍ଣ୍ଣ ବନ୍ଦ, ସମର୍ଥନକୁ ନେଇ ଧନ୍ୟବାଦ ଜଣାଇଲା କଂଗ୍ରେସ

ପୁରୀ,୧୭।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ, ଘଟଣାର ନ୍ୟାୟିକ ତଦନ୍ତ, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ସମେତ ଯେଉଁମାନେ ଏଥିରେ ଦାୟୀ ସେମାନଙ୍କୁ ଗିରଫ ଆଦି ଦାବିରେ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦେଇଥିଲା କଂଗ୍ରେସ ସମେତ ୮ ବାମପନ୍ଥୀ ଦଳ। ପୁରୀରେ ଓଡ଼ିଶା ବନ୍ଦକୁ ମିଳିଛି ବିପୁଳ ଜନସମର୍ଥନ। ସେମିତି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିବାବେଳେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଶେଷ ହୋଇଥିବାରୁ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଜଣାଇଛି କଂଗ୍ରେସ।

ଓଡ଼ିଶା ବନ୍ଦ ଯୋଗୁଁ ପୁରୀରେ ସକାଳୁ ଦୋକାନ ବଜାର ବନ୍ଦ ରହିଥିଲା। ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲାବେଳେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଥିଲା। ବନ୍ଦର ପ୍ରଭାବ ଶ୍ରୀମନ୍ଦିର ଉପରେ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଆଗମନ କମ୍ ରହିଥିଲା। ବସ୍ ଚଳାଚଳ ବନ୍ଦ ଥିବାରୁ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିଲା। ଓଡ଼ିଶା ବନ୍ଦ ପାଳନ ନେଇ ସକାଳୁ କଂଗ୍ରେସ ଓ ବାମ ଦଳ କର୍ମୀମାନେ ପୁରୀ ବସ୍‌ଷ୍ଟାଣ୍ଡ ଏବଂ ବଡ଼ଶଙ୍ଖଠାରେ ପ୍ରତିବାଦ ସଭା କରିଥିଲେ। ପୂର୍ବରୁ ଓଡ଼ିଶା ବନ୍ଦ ନେଇ ଘୋଷଣା ହୋଇଥିବାରୁ କୌଣସି ଅପ୍ରୀତିକର ସ୍ଥିତିକୁ ଦୃଷ୍ଟିରେ ରଖି ବସ୍ ମାଲିକମାନେ ବସ୍ ଚଳାଚଳ ବନ୍ଦ ରଖିଥିଲେ। ଫଳରେ ବସ୍‌ଷ୍ଟାଣ୍ଡ ଖାଁ ଖାଁ ରହିଥିଲା। କିନ୍ତୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଥିଲା। କଂଗ୍ରେସ ଓ ବାମଦଳ କର୍ମୀମାନେ ଷ୍ଟେସନରେ ପହଞ୍ଚିଥିଲେ। ସେମାନେ ପୁରୀ-କଟକ ସଟଲ ଟ୍ରେନ୍‌କୁ ଅଟକାଇ ଟ୍ରାକ୍‌ରେ ଛିଡ଼ା ହୋଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କିଛି ସମୟ ପାଇଁ ଏହି ଟ୍ରେନ୍ ଅଟକି ରହିଥିଲା। ଆର୍‌ପିଏଫ୍, ଜିଆର୍‌ପି ଆନ୍ଦୋଳନରତ କର୍ମୀଙ୍କୁ ଟ୍ରାକ୍‌ରୁ ହଟାଇବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଏହାପରେ କଂଗ୍ରେସ କର୍ମୀମାନେ ବାଇକ୍‌ରେ ପୁରୀ ସହର ବୁଲି ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଖୋଲାଥିବା ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। କଚେରି ଛକରେ ଟାୟାର ଜାଳି ଉଭୟ କଂଗ୍ରେସ ଓ ବାମଦଳ କର୍ମୀମାନେ ରାସ୍ତାରୋକ କରିଥିଲେ। ଏହି ବିକ୍ଷୋଭ ଯୋଗୁଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଅଫିସ, ଦପ୍ତର ବନ୍ଦ ହୋଇଥିଲା।

ଆନ୍ଦୋଳନକାରୀମାନେ କହିଛନ୍ତି, ଅପାରଗ ବିଜେପି ସରକାର ଜଣେ ଛାତ୍ରୀକୁ ସୁରକ୍ଷା ଦେଇପାରିଲେନି। ଆଜି ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ସବୁଆଡ଼େ ନାରୀଙ୍କ ଉପରେ ଅତ୍ୟାଚାର, ଅପରାଧ ବୃଦ୍ଧି ପାଇଛି। ଓଡ଼ିଶା ବନ୍ଦକୁ ପୁରୀବାସୀ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ଦୋକାନ ବଜାର, ଯାନବାହନ ଚଳଚାଳ ବନ୍ଦ ସହିତ ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଇସ୍ତଫା ନ ଦେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ। କଂଗ୍ରେସ ଜିଲ୍ଲା ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର କହିଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ପୁରୀ ଜିଲ୍ଲା କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିଲା। ସମସ୍ତ କଂଗ୍ରେସ କର୍ମୀ, ନେତୃବୃନ୍ଦ ଏବଂ ସର୍ବୋପରି କଂଗ୍ରେସ ପ୍ରେମୀମାନଙ୍କ ଅକୁଣ୍ଠ ସମର୍ଥନ, ପରିଶ୍ରମ ତଥା ପୁରୀ ଜନସାଧାରଣଙ୍କ ସହଯୋଗ ଫଳରେ ପୁରୀ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇପାରିଛି। ଜିଲ୍ଲା କଂଗ୍ରେସ ସଂଯୋଜକ ଭାବେ ତଥା କଂଗ୍ରେସ ପରିବାର ତରଫରୁ ପୁରୀର ଜନସାଧାରଣଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି ଶ୍ରୀ ମିଶ୍ର। କଂଗ୍ରେସର ବରିଷ୍ଠ ନେତୃତ୍ୱ ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ପୁରୀ ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତି, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ସୁଜିତ ମହାପାତ୍ର ପ୍ରମୁଖ ଏହି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ସେହିପରି ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଜିଲ୍ଲା ସହ ସମ୍ପାଦକ ହରିହର ସେନାପତି, ରାଜ୍ୟ କମିଟି ସଭ୍ୟ ପ୍ରଦୀପ୍ତ ମହାନ୍ତି, ଡ. ପ୍ରଫୁଲ୍ଲ ମହାପାତ୍ର, ସୁକାନ୍ତ ମହାନ୍ତି, ସିପିଏମ୍ ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ସହର ସମ୍ପାଦକ ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ଟୁନା ନାୟକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

---

● ହାତ ଯୋଡ଼ିଲେ ଆନ୍ଦୋଳନକାରୀ

## ଚାଲିଚାଲି ଗଲେ ଜିଲ୍ଲା ଦୌରାଜଜ୍



ପୁରୀ,୧୭।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହକୁ ନେଇ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଥିଲା। ପୁରୀରେ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ମିଳିଛି। ପୂର୍ବାହ୍ଣରେ କଂଗ୍ରେସ ଏବଂ ବାମଦଳ ପକ୍ଷରୁ କଚେରିଠାରେ ଟାୟାର ଜାଳି ରାସ୍ତାରୋକ କରାଯାଇଥିଲା। ଆନ୍ଦୋଳନକାରୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଉଥିଲେ। ଗତ ୧୪ ମାସ ଭିତରେ ରାଜ୍ୟରେ ନାରୀ ନିର୍ଯାତନା ଏବଂ ଗଣଦୁଷ୍କର୍ମ ବୃଦ୍ଧି ପାଇଛି। କଲେଜଗୁଡ଼ିକରେ ଆଭ୍ୟନ୍ତରୀଣ କମିଟି କାହିଁକି ଗଠନ ହୋଇନାହିଁ? ଏ ନେଇ ସରକାର କାହିଁକି ଫେଲ୍ ମାରିଛନ୍ତି? ସରକାରର ଏହି ଅପାରଗତା ଯୋଗୁଁ ଜଣେ ନିରୀହ ଛାତ୍ରୀର ଅକାଳ ମୃତ୍ୟୁ ହୋଇଗଲା। ବ୍ୟବସ୍ଥାଗତ ଭାବେ ତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ପାଇଁ ସମ୍ପୂର୍ଣ୍ଣ ସ୍ଥାନୀୟ ସାଂସଦ, ବିଧାୟକ, ଏସ୍‌ପି, ଜିଲ୍ଲାପାଳ, କଲେଜ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ସମସ୍ତେ ଦାୟୀ। ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଚାଳକଙ୍କୁ ଆନ୍ଦୋଳନକାରୀ ସହଯୋଗ କରିବା ପାଇଁ ମଧ୍ୟ ଅନୁରୋଧ କରୁଥିଲେ। ଏହି ସମୟରେ ଜିଲ୍ଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ କୋର୍ଟକୁ ଯାଉଥିଲେ। ଆନ୍ଦୋଳନକାରୀମାନେ ତାଙ୍କ ଗାଡ଼ିକୁ ଅଟକାଇ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଜିଲ୍ଲା ଦୌରାଜଜ୍ ଆସିଥିବା ଗାଡ଼ିକୁ ଫେରାଇ ଦେଇ ନିଜେ ଚାଲିଚାଲି ଯାଇଥିଲେ। କାମ କରିବେ ନାହିଁ କି କୋର୍ଟକୁ ଯିବେ ବୋଲି ଆନ୍ଦୋଳନକାରୀଙ୍କୁ କହିଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ

ପୁରୀ,୧୭।୭(ସମିସ): ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ଫେରାର୍ ଥିବା ସ୍ୱାମୀକୁ ଗୁରୁବାର ଗିରଫ କରିଛି କୁମ୍ଭାରପଡ଼ା ଥାନା ପୁଲିସ। ଅଭିଯୁକ୍ତ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବାଲିସାହିରେ ରହୁଥିବା ବ୍ରହ୍ମଗିରି ଖଜୁରିଆ ରାୟବିଦ୍ୟାଧରପୁରର ଜ୍ୟୋତିପ୍ରକାଶ ହରିଚନ୍ଦନ (୪୦)। ପୁଲିସ ସୂଚନା ଅନୁଯାୟୀ, ଜ୍ୟୋତିପ୍ରକାଶଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ଗତ ଫେବୃଆରୀ ୨୨ ତାରିଖରେ ସେ ତାଙ୍କ ସ୍ତ୍ରୀ ସୁଜାତାଙ୍କୁ ବାଘଆଖଡ଼ା ଲେନ୍‌ସ୍ଥିତ ତାଙ୍କ ଭଡ଼ାଘରେ ହତ୍ୟା ଉଦ୍ୟମ କରିଥିଲେ। ମାତ୍ର ସୌଭାଗ୍ୟବଶତଃ ସୁଜାତା ରକ୍ଷା ପାଇଯାଇ ବାପଘରକୁ ପଳାଇ ଆସିଥିଲେ। ସୁଜାତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତ ଜ୍ୟୋତିପ୍ରକାଶ ଫେରାର୍ ଥିଲେ। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି କହିଛନ୍ତି।

## ଜେଲ୍ ଫେରନ୍ତା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ,୧୭।୭(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଜେଲ୍ ଫେରନ୍ତା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଉଛନ୍ତି ଟାଉନ୍ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନ୍‌ର ରାହୁଲ ଦାସ(୨୨)।

ପୁଲିସ ସୂଚନା ଅନୁଯାୟୀ, ଏକ ହତ୍ୟା ମାମଲାରେ ଜେଲ୍ ଯାଇ ଗତ ୪/୫ ଦିନ ତଳେ ସର୍ତ୍ତମୂଳକ ଭାବେ ଘରକୁ ଫେରିଥିଲେ ରାହୁଲ। ଗୁରୁବାର ମଧ୍ୟାହ୍ନରେ ସେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଙ୍କୁ ନେଇ ବାଙ୍ଗର ଜେଲ୍‌ରେ ଥିବା ଭିଣୋଇଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଯାଉଥିଲେ। ବାଲିଗୁଆଳିସ୍ଥିତ ସ୍ୱାମୀ ନାରାୟଣ ଆଶ୍ରମ ନିକଟରେ ପୂର୍ବରୁ ଛକିଥିବା ମାର୍କଣ୍ଡେଶ୍ୱର ସାହିର ଜଗା, ରାଜା, ଉତ୍ତମ, ରାହୁଲ ଓ ଅନ୍ୟଜଣେ ନାବାଳକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ରାହୁଲ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ସାଙ୍ଗରେ ଥିବା ଭଉଣୀ ରାହୁଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ସେଠାରୁ ଖସିଯାଇଥିଲେ। ରାହୁଲଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଘାଇ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଭାଇ-ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ସଦର ଥାନା ପୁଲିସ ଏବଂ ଟାଉନ୍ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଜଣେ ନାବାଳକକୁ ଧରି ପଚରାଉଚରା କରିଛି। ଏ ନେଇ ସିସିଟିଭି ଯାଞ୍ଚ କରାଯାଉଛି ବୋଲି କହିଛନ୍ତି ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ। ଅପରପକ୍ଷେ ରାହୁଲଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି କହିଛନ୍ତି ସଦର ଥାନାଧିକାରୀ ସୁନୀଲ କୁମାର ପ୍ରଧାନ।

---

● ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ରୋଗୀଙ୍କ ସମ୍ପର୍କୀୟଙ୍କୁ ସୁରକ୍ଷା କର୍ମୀଙ୍କ ମାଡ଼

ପୁରୀ,୧୭।୭(ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରୋଗୀଙ୍କୁ ଦେଖା କରିବାକୁ ଆସିଥିବା ସମ୍ପର୍କୀୟଙ୍କୁ ସୁରକ୍ଷା କର୍ମୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ପୂର୍ବାହ୍ଣରେ ଏମ୍‌ସିଏଚ୍ ବିଲ୍ଡିଂ ପ୍ରବେଶ ପଥରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କାହିଁକି ମାଡ଼ ମାରିଲ ବୋଲି ରୋଗୀଙ୍କ ସମ୍ପର୍କୀୟ ହୋ-ହଲ୍ଲା କରିଥିଲେ। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ଣରେ ଘୋଡ଼ାବଜାରର ସୁରେନ ପରିମାଣିକ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖାକରିବାକୁ ହସ୍ପିଟାଲକୁ ଯାଇଥିଲେ। ତାଙ୍କ ଶଳା ଭାଉଜ ଏମ୍‌ସିଏଚ୍ ବିଲ୍ଡିଂର କେଉଁ ବିଭାଗରେ ଚିକିତ୍ସିତ ହେଉଥିଲେ ସେ ଜାଣି ନ ଥିଲେ। ହଠାତ୍ ଖବର ପାଇ ଆସିଥିଲେ। ସେ ଗୁଟ୍‌ଖା ଖାଇଥିଲେ। ପ୍ରବେଶ ପଥରେ ତାଙ୍କୁ ସୁରକ୍ଷା କର୍ମୀ ଅଟକାଇ କେଉଁ ୱାର୍ଡକୁ ଯିବ ବୋଲି ପ୍ରଶ୍ନ କରିଥିଲେ। ହେଲେ ସେ ଜାଣିନାହାନ୍ତି, ତଥାପି ବୁଝୁଛନ୍ତି ବୋଲି କହିଥିଲେ। ସୁରେନ ଗୁଟ୍‌ଖା ଖାଇଥିବାରୁ ଛେପ ପକାଇ ଆସୁଛନ୍ତି ବୋଲି କହିଥିଲେ। ଏହି ସମୟରେ ଜଣେ ସୁରକ୍ଷା କର୍ମୀ ତାଙ୍କୁ ପେଲିଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କୁ କାହିଁକି ପେଲିଦେଲ ବୋଲି ସେ ପଚାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅନ୍ୟ ସୁରକ୍ଷା କର୍ମୀମାନେ ପହଞ୍ଚି ତାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ସୁରେନଙ୍କ ସମ୍ପର୍କୀୟ ମଧ୍ୟ ପହଞ୍ଚିଥିଲେ। ତାଙ୍କୁ କାହିଁକି ମାଡ଼ ମାରିଲ ବୋଲି ସୁରକ୍ଷା କର୍ମୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ସୁରକ୍ଷା କର୍ମୀଙ୍କୁ ଘେରି ପ୍ରଶ୍ନ କରିଥିଲେ। ଉତ୍ତେଜନା ବଢ଼ିବା ପରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିଥିବା ସଂସ୍ଥାର ମୁଖ୍ୟ ପହଞ୍ଚି ଏହାର ଆପୋଷ ସମାଧାନ କରିଥିଲେ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୭।୭(ସମିସ): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟାରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୫ଟା ୪୦ରେ ପହୁଡ଼ ଆଳତି କରାଯାଇଥିଲା। ଏହାପରେ ୫ଟା ୫୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳିରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୁରୀ ସମୁଦ୍ରରେ ଅଘଟଣ; ଗାଧୋଇବା ବେଳେ ଭାସିଗଲେ ଇଞ୍ଜିନିୟରିଂ ଛାତ୍ର

ପୁରୀ,୧୭।୭(ସମିସ): ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ଭାସିଯାଇ ନିଖୋଜ ଅଛନ୍ତି ଜଣେ ଇଞ୍ଜିନିୟରିଂ ଛାତ୍ର। ଛାତ୍ର ଜଣକ ହେଲେ ଭଦ୍ରକ ଆଇଟିଆଇର ରୁଦ୍ର ପ୍ରତାପ। ରୁଦ୍ର ପ୍ରତାପ ବୁଧବାର ରାତିରେ ସାଙ୍ଗମାନଙ୍କ ସହ ଟ୍ରେନ୍ ଯୋଗେ ପୁରୀ ଆସିଥିଲେ। ଗୁରୁବାର ପୂର୍ବାହ୍ଣରେ ସେ ଏବଂ ତାଙ୍କ ସାଙ୍ଗମାନେ ସମୁଦ୍ରରେ ଗାଧୋଇବାକୁ ଆସିଥିଲେ। ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ର ୪ନଂ ଜୋନ୍‌ରେ ଗାଧୋଉଥିବାବେଳେ ହଠାତ୍ ଏକ ବଡ଼ ଜୁଆରରେ ଭାସିଯାଇଥିଲେ। ସାଙ୍ଗମାନେ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏହାପରେ ସେମାନେ ଉଦ୍ଧାର ପାଇଁ ଡାକ ପକାଇଥିଲେ। ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡମାନେ ଭିତରକୁ ଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅନ୍ୟପକ୍ଷରେ ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜାଖୋଜି କରିଥିଲେ। ହେଲେ କିଛି ସନ୍ଧାନ ପାଇପାରି ନାହାନ୍ତି। ଛାତ୍ର ଜଣକ ନିଖୋଜ ଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି। ଏ ନେଇ ସମୁଦ୍ରକୂଳ ଥାନାରେ ନିଖୋଜ ସମ୍ପର୍କରେ ସୂଚନା ଦିଆଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ସମୁଦ୍ର ଅଶାନ୍ତ ରହିଥିବାବେଳେ ଲାଇଫ୍‌ଗାର୍ଡମାନେ ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକମାନଙ୍କୁ ସଚେତନ କରାଇଛନ୍ତି।

## ବଡ଼ଦାଣ୍ଡରେ ବ୍ୟବସାୟ କଲେ ଦୁଇ ବ୍ୟବସାୟୀ

ପୁରୀ,୧୭।୭(ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ବଡ଼ଦାଣ୍ଡରେ ଦୁଇ ବ୍ୟବସାୟୀ ନିରଞ୍ଜନ ସିଂହ ଓ ପ୍ରମୋଦ ନାୟକ ତାଙ୍କ ବ୍ୟବସାୟ ଆରମ୍ଭ କରିଛନ୍ତି। ଉଭୟେ ପୂଜା ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଉଚ୍ଛେଦ କରାଯାଇଥିଲା। ଏ ନେଇ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁହେଁ ଷ୍ଟ୍ରିଟ୍ ଭେଣ୍ଡିଙ୍ଗ୍ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ୍ୟ ଦିଆଯାଇ ନ ଥିଲା। ଏ ନେଇ ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୌରପାଳିକା ଦର୍ଶାଇଥିଲା ଯେ ଟ୍ରାଫିକ୍ ଭିଡ଼ ଏଡ଼ାଇବା ଏବଂ ପରିମଳ ସମସ୍ୟା ଉପୁଜୁଥିବାରୁ ଅନ୍ୟ ବ୍ୟବସାୟୀଙ୍କୁ ମଧ୍ୟ ଉଚ୍ଛେଦ କରାଯାଇଛି। ତେବେ ଯେପର୍ଯ୍ୟନ୍ତ ଷ୍ଟ୍ରିଟ୍ ଭେଣ୍ଡିଙ୍ଗ୍ ପ୍ରମାଣପତ୍ର ସଂକ୍ରାନ୍ତ ନିଷ୍ପତ୍ତି ନିଆଯାଇନାହିଁ ସେପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କ ବ୍ୟବସାୟସ୍ଥଳରୁ ଉଚ୍ଛେଦ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଭିତ୍ତିକରି ଉଭୟେ ପୂର୍ବ ସ୍ଥାନରେ ସେମାନଙ୍କ ପସରା ମେଲାଇଛନ୍ତି।

---

### ସାମାଜିକ ଗଣମାଧ୍ୟମ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ

# 'ସୌମ୍ୟାଶ୍ରୀଙ୍କ ଆତ୍ମଦାହର ପୁନରାବୃତ୍ତି ନ ହେଉ'




ପୁରୀ,୧୭।୭(ସମିସ): ଆଜିକାଲି ସୋସିଆଲ ମିଡିଆ ବେଶ୍ ସକ୍ରିୟ ରହୁଛି। ଖୋଦ୍ ସରକାର ହିଁ ଏହାକୁ ପ୍ରଚାରପ୍ରସାର ପାଇଁ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। କାରଣ ଅତି କମ୍ ସମୟରେ ଏହା ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଇତିମଧ୍ୟରେ ଟ୍ୱିଟରର ନାମ ବଦଳି 'ଏକ୍ସ' ହୋଇଛି। ଏହା ଏକ ପ୍ରମୁଖ ସାମାଜିକ ଗଣମାଧ୍ୟମ। ଏହାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ, ରାଜନୈତିକ ବ୍ୟକ୍ତିବିଶେଷ, ସାମ୍ବାଦିକ ଏବଂ ସାଧାରଣ ଜନତା ବ୍ୟବହାର କରିଥା'ନ୍ତି। ଏହା ମାଧ୍ୟମରେ ଅନେକ ସମସ୍ୟାର ତ୍ୱରିତ ସମାଧାନ ହେବାର ନଜିର୍ ରହିଛି। ନିକଟ ଅତୀତରେ ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ମଧ୍ୟ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାର, ଉଚ୍ଚଶିକ୍ଷା ବିଭାଗ, କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ ପ୍ରମୁଖଙ୍କୁ ଟ୍ୱିଟ୍ କରି ତାଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଜଣାଇଥିଲେ। ତାଙ୍କ 'ଏକ୍ସ'କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଅବହେଳାର ଶିକାର ହୋଇ ସେ ଆତ୍ମାହୁତି ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିବାର ଏକମାତ୍ର କାରଣ 'ଏକ୍ସ'କୁ ପ୍ରାଧାନ୍ୟ ଦିଆ ନ ଯିବା।

ବିଗତ ଦିନରେ ଏହି 'ଏକ୍ସ' ଜରିଆରେ ଅନେକ ଅଭିଯୋଗ ସରକାର ଓ ବିଭାଗୀୟ ଅଧିକାରୀ ଶୁଣୁଥିଲେ କିନ୍ତୁ ଏବେ ଏହାକୁ ଅଣଦେଖା କରାଯାଉଛି। ତେଣୁ ଏହାକୁ ଆନ୍ତରିକତା ମନୋଭାବ ରଖି ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଛି ରାଜ୍ୟସ୍ତରୀୟ ସଂଗଠନ "ଆସୋସିଏସନ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟ' (ଆଟା)ର ପୁରୀ ଜିଲ୍ଲା ଶାଖା। ଜିଲ୍ଲା ସଭାପତି ବିସ୍ମୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସମ୍ମୁଖରେ ଟ୍ୱିଟର ଆକ୍ଟିଭିଷ୍ଟମାନେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ଦୀପଦାନ କରିଥିଲେ। ଏଥିସହ ସୌମ୍ୟାଶ୍ରୀଙ୍କ ସହ ଘଟିଥିବା ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି 'ଏକ୍ସ'ରେ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଦାବି ରଖିଥିଲେ। ସାଧାରଣ ଲୋକଙ୍କ ଗୁହାରି ଶୁଣନ୍ତୁ ବିଭାଗୀୟ ଅଧିକାରୀ। ଟ୍ୱିଟରକୁ ନେଇ ମାସକୁ ଥରେ ଲୋକସଭା ଭବନରେ ସମୀକ୍ଷା ବୈଠକ ବସୁ। 'ଏକ୍ସ'କୁ ସରକାରୀ ବିଭାଗ ଗୁରୁତ୍ୱ ଦିଅନ୍ତୁ। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରନ୍ତୁ। ଯେକୌଣସି ସମସ୍ୟାମୂଳକ ସମାଧାନର ରିପୋର୍ଟ ସାର୍ବଜନୀନ କରାଯାଉ। ଏହି ଘଟଣା ରାଜ୍ୟରେ ଯେପରି ପୁନରାବୃତ୍ତି ନ ହୁଏ ସେ ନେଇ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ 'ଏକ୍ସ' ମାଧ୍ୟମରେ ଦାବି ଜଣାଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦିକା ଶୁଭଶ୍ରୀ ବେହେରା, କୋଷାଧ୍ୟକ୍ଷ ମାନସ ରଥଙ୍କ ସମେତ ସଚ୍ଚିଦାନନ୍ଦ ବିଶୋଇ, ଲକ୍ଷ୍ମୀ ନାୟକ, ସୌମ୍ୟରଞ୍ଜନ ବାରିକ, ସୁନିଲ ବେହେରା, ବିକାଶ ମହାପାତ୍ର, ଜ୍ଞାନ ବାରିକ, ତ୍ରିବିକ୍ରମ ମହାନ୍ତି, ନିଖିଲ ପାତ୍ର ଓ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ୍ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ଭାରତକୁ ତ୍ରିମୈତ୍ରୀ ବିପଦ

ଇତିହାସ ସାକ୍ଷୀ, ଯେତେବେଳେ ଦୁଷ୍ଟ ରାଷ୍ଟ୍ରମାନେ ହାତ ମିଳାନ୍ତି ବା ଚୁକ୍ତି କରନ୍ତି ସେତେବେଳେ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼େ କିମ୍ବା ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି ହୁଏ। ସମ୍ପ୍ରତି ଚୀନ୍-ପାକିସ୍ତାନ-ବାଂଲାଦେଶ ମଧ୍ୟରେ ଏଭଳି ଏକ ତ୍ରିମୈତ୍ରୀ ମେଣ୍ଟ ଗଠନର ଭିତ୍ତି ପଡ଼ିଛି, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ଉପରେ ପଡ଼ିବାର ସଙ୍କେତ ମିଳିସାରିଛି। ଗତ ମାସରେ ଏ ସମ୍ପର୍କରେ ବିଧିବଦ୍ଧ ତ୍ରିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ପୃଷ୍ଠଭୂମିରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଚୀନ୍ ଗସ୍ତ ଓ ସି ଜିନ୍‌ପିଙ୍ଗଙ୍କ ସହିତ ସାକ୍ଷାତ ଆଲୋଚନା ଅନେକ ମହତ୍ତ୍ୱ ରଖେ।

ଚୀନ୍-ପାକିସ୍ତାନ ସମ୍ପର୍କ କାହାକୁ ଅଛପା ନୁହେଁ। ସିପିଇସି (ଚୀନ୍-ପାକିସ୍ତାନ ଇକନୋମିକ୍ କରିଡର) ଓ ବିଆରଆଇ(ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍) ମାଧ୍ୟମରେ ଦୁଇଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ କ୍ରମଶଃ ପ୍ରତିରକ୍ଷା କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି, ଯାହାର ଝଲକ ଭାରତର 'ଅପରେସନ୍ ସିନ୍ଦୂର' ବେଳେ ଦେଖିବାକୁ ମିଳିଛି। ଚୀନ୍ ସବୁବେଳେ ଭାରତକୁ ପ୍ରତିବେଶୀ ରୂପେ ଗ୍ରହଣ ନ କରି ପ୍ରତିଦ୍ୱନ୍ଦ୍ୱୀ ରୂପରେ ଦେଖିଆସିଛି। ତେଣୁ ପ୍ରାୟ ସବୁକ୍ଷେତ୍ରରେ ଭାରତକୁ ପରାଭବ ଦେବା ପାଇଁ ସୁବିଧା ସୁଯୋଗର ଅପେକ୍ଷାରେ ରହୁଛି। ଏହି ପୃଷ୍ଠଭୂମିରେ ଭାରତକୁ ଦୁଇ ପଟରୁ ଘେରିବାକୁ ଚୀନ୍‌କୁ ପାକିସ୍ତାନ ଓ ବାଂଲାଦେଶ ଭାବରେ ଦୁଇଟି ମୋହରା ମିଳିଯାଇଛି। ଗତ ମାର୍ଚ୍ଚ ମାସରେ ୟୁନୁସ୍‌ଙ୍କ ଚୀନ୍ ଗସ୍ତ ସମୟରେ ଚୀନ୍-ବାଂଲାଦେଶ ମଧ୍ୟରେ ୯ଟି ଅର୍ଥନୈତିକ ଓ ବୈଷୟିକ ଚୁକ୍ତିରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ତିସ୍ତା ନଦୀ ପ୍ରକଳ୍ପ ନିର୍ମାଣ ଲାଗି ଚୀନ୍ କମ୍ପାନୀଙ୍କୁ ୟୁନୁସ୍ ଆମନ୍ତ୍ରଣ କରିଛନ୍ତି। ଭାରତର ସିଲିଗୁଡ଼ି କରିଡରରୁ ମାତ୍ର ୧୩୫ କିମି ଦୂରରେ ଥିବା ବାଂଲାଦେଶର ଲାଲମୋନିରହାଟ୍ ବିମାନ ଘାଟିର ବିକାଶ ଦାୟିତ୍ୱ ଚୀନ୍ ନେଇଛି। ଦୁଇ ଦେଶ ମଧ୍ୟରେ କିପରି ସାଂସ୍କୃତିକ ଓ ଜନଭାବନାତ୍ମକ ସମ୍ପର୍କରେ ବୃଦ୍ଧି ଘଟିବ ସେ ଦିଗରେ ଚୀନ୍ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ଅପରପକ୍ଷରେ ଶେଖ୍ ହସିନାଙ୍କ ପତନ ଓ ଦେଶାନ୍ତର ପରେ ଭାରତ-ବାଂଲାଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ପଟକୁ ଅଧିକ ଢଳିବା ସହିତ ଭାରତଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି। ଦଲାଇ ଲାମାଙ୍କୁ ଆଶ୍ରୟ ଦେବା ପରେ ଚୀନ୍ ଭାରତ ସମ୍ପର୍କରେ ଯେପରି ତିକ୍ତତା ଆସିଥିଲା, ତାହାର ପୁନରାବୃତ୍ତି ବାଂଲାଦେଶ କ୍ଷେତ୍ରରେ ଘଟିଛି। ଶେଖ୍ ହସିନାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ପରେ ବାଂଲାଦେଶର ଭାରତ-ଅସୂୟା ବଢ଼ୁଛି। ୟୁନୁସ୍ ଅନେକ ସମୟରେ ଭାରତ ବିରୋଧୀ ମନ୍ତବ୍ୟମାନ ଦେଉଛନ୍ତି। ସେହିଭଳି ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଏବେ ପାକିସ୍ତାନ ବାଂଲାଦେଶ ପ୍ରତି ଅଧିକ ସହାନୁଭୂତିଶୀଳ ଓ ଦୟାଶୀଳ ହେବାର ଉପକ୍ରମ ଆରମ୍ଭ କରିଛି। ଏ ଦିଗରେ ଏବେଦା ଭାଇ-ଭାଇ ସମ୍ପର୍କ ଏବଂ ଇସଲାମୀୟ ଭାବାବେଗ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ପ୍ରାୟ ୧୨ ବର୍ଷ ପରେ ବାଂଲାଦେଶର ନୌସେନା କରାଚୀରେ ଅନୁଷ୍ଠିତ 'ଅମନ୍ ୨୦୨୫' (ସାମରିକ ଅଭ୍ୟାସ)ରେ ଯୋଗ ଦେଇଛି। ଗତ ଫେବୃଆରୀରେ ଯୋଗ ଦେଇଥିବା ବେଳେ ପ୍ରାୟ ୫୫ ବର୍ଷ ପରେ ପ୍ରଥମ ଥର ପାଇଁ ବାଂଲାଦେଶ(ସେତେବେଳେ ପୂର୍ବପାକିସ୍ତାନ) ସହିତ ପାକିସ୍ତାନର ପ୍ରତ୍ୟକ୍ଷ ବାଣିଜ୍ୟ କାରବାର ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି। ବାଂଲାଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଓ ବିମାନ ଘାଟିର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାକିସ୍ତାନ ହାତକୁ ଯାଉଛି।

ଏହି ପରିବର୍ତ୍ତିତ ଭୂରାଜନୈତିକ ସମୀକରଣରେ ଚୀନ୍-ପାକିସ୍ତାନ-ବାଂଲାଦେଶ ବ୍ୟୂହରେ ଭାରତର ସ୍ଥିତି ପ୍ରାୟତଃ ଅଭିମନ୍ୟୁ ତୁଲ୍ୟ ହୋଇପଡ଼ିବ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହା ମଧ୍ୟ ଭୁଲିଯିବା ଉଚିତ ହେବ ନାହିଁ ଯେ ଭାରତ ଆଉ ବିଗତ ଶତାବ୍ଦୀରେ ନାହିଁ। ଅର୍ଥନୀତି, କୂଟନୀତି, ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ଓ ବଜେଟ୍ ବ୍ୟୟବରାଦ ମଧ୍ୟ ବଳିଷ୍ଠ ହୋଇଛି। ତେଣୁ ତ୍ରିମୈତ୍ରୀ ବ୍ୟୂହ ଭେଦ କରିବାର ଶକ୍ତି ଭାରତ ପାଖରେ ରହିଛି। ତଥାପି ଯେତେବେଳେ ପଡ଼ୋଶୀମାନେ ଅସ୍ଥିରତା ସୃଷ୍ଟି କରନ୍ତି ସେତେବେଳେ ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହେବା ସହିତ ପ୍ରଗତି ବାଧାପ୍ରାପ୍ତ ହୁଏ। ଆଗକୁ ଭାରତ ଏଭଳି କିଛି ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଥିବା ଜଣାପଡୁଛି।

ଭାରତ ଆଗରେ ଏବେ ବହୁବିଧ ଆହ୍ୱାନ ରହିଛି, ଯାହାକୁ ସମ୍ମୁଖୀନ ହେବାରେ ଉପରୋକ୍ତ ତ୍ରିମୈତ୍ରୀ ମେଣ୍ଟ ବାଧା ସୃଷ୍ଟି କରିପାରନ୍ତି। ଉଦାହରଣତଃ, ଭାରତ ଇତିମଧ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମାର ବହୁ ପୂର୍ବରୁ ହାସଲ କରିସାରିଛି। ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ ଚାହିଦାର ୪୦% ଅଣ-ଜୀବାଶ୍ମ ଇନ୍ଧନରୁ ହାସଲ କରିବ ବୋଲି ୨୦୧୫ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଥିବା ବେଳେ ୨୦୨୫ ଜୁନ୍ ସୁଦ୍ଧା ଉତ୍ପାଦନ ପରିମାଣ ମୋଟ ବିଦ୍ୟୁତ ଚାହିଦାର ୫୦ ପ୍ରତିଶତ ଅତିକ୍ରମ କରିସାରିଛି। ଭାରତ ପ୍ରାୟ ୫ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିସାରିଥିବାରୁ କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ବିକାଶର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। କିନ୍ତୁ ଅକ୍ଷୟଶକ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ଦିଗରେ ଥିବା ମୁଖ୍ୟ ପ୍ରତିବନ୍ଧକ ହେଉଛି ଏହାର ଭଣ୍ଡାରଣ। ଅକ୍ଷୟଶକ୍ତିକୁ ଗଚ୍ଛିତ କରି ଚିରୋଟ ସମୟରେ ବ୍ୟବହାର କରିବା ପାଇଁ ଯେଉଁ ବୈଜ୍ଞାନିକ ଓ ବୈଷୟିକ ଉପକରଣ ଆବଶ୍ୟକ ତାହାର ଆଧାର ବା କଞ୍ଚାମାଲ ହେଉଛି ଲିଥିୟମ, ବିରଳ ମୃତ୍ତିକା, ଡିଏପି ଆଦି ରାସାୟନିକ ଉପାଦାନ। ଏଥିପାଇଁ ଭାରତ ଅଧିକାଂଶ ଚୀନ୍ ଉପରେ ନିର୍ଭରଶୀଳ ଥିବା ବେଳେ ବିରଳ ମୃତ୍ତିକା ଓ ଡିଏପିର ଭାରତ ରପ୍ତାନୀ ଅଂଶକୁ ଚୀନ୍ ବନ୍ଦ କାଣ୍ଟଛାଣ୍ଟ କରିଦେଇଛି। ତେଣୁ ଭାରତରେ ଅକ୍ଷୟ ଶକ୍ତି ଓ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ନିରୁତ୍ସାହିତ ହୋଇପାରେ। ସେହିପରି ସେପଟେ ପାକିସ୍ତାନ କାଶ୍ମୀରରେ ଏବଂ ଏପଟେ ବାଂଲାଦେଶ ପଟୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ସୀମାପାର ଆତଙ୍କବାଦ ଓ ଅନୁପ୍ରବେଶ ସମସ୍ୟା ଉତ୍କଟ ହୋଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହୋଇପାରେ।

ତେଣୁ କୁହାଯାଇପାରେ ଯେ ଭାରତ ପାଇଁ ଆଗକୁ ତ୍ରିମୈତ୍ରୀ ମେଣ୍ଟ ଭାରତର ଶାନ୍ତି, ପ୍ରଗତି, ସ୍ଥିରତା ସମେତ କୂଟନୈତିକ ଓ ବୈଦେଶିକ ନୀତି ପ୍ରତି ଏକ ବୃହତ୍ ଆହ୍ୱାନ ସୃଷ୍ଟି କରିଛି, ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବା ନିଶ୍ଚିତ। ଏହାକୁ ପ୍ରତିହତ କରିବା ଲାଗି ସମୟୋପଯୋଗୀ ରଣନୀତିର ଆବଶ୍ୟକତା ଜରୁରୀ। ଚୀନ୍ ଓ ପାକିସ୍ତାନର ପଞ୍ଜାରୁ ବାଂଲାଦେଶକୁ ମୁକ୍ତ ରଖିବାକୁ ହେଲେ ଭାରତ ପରିସ୍ଥିତି ସହିତ ସାଲିସ୍ କରିବା ଦୂରଦର୍ଶୀର ପରିଚାୟକ ହେବ। ଚୀନ୍‌କୁ ମଧ୍ୟ ଭାରତରେ ବିଶାଳ ବଜାର ସମ୍ଭାବନା ବିଷୟରେ ପୁଣି ଥରେ ଚେତାଇ ଦେବାକୁ ପଡ଼ିବ। ଆଶା ଏଦିଗରେ ଜୟଶଙ୍କରଙ୍କ ଚୀନ୍ ଗସ୍ତ କିଛି ନୂଆ ସମ୍ଭାବନା ସୃଷ୍ଟି କରିବ।

## ଜୀବନର ଲକ୍ଷ୍ୟ: ମୃତ୍ୟୁ ନୁହଁ, ଅମୃତପ୍ରାପ୍ତି

**ମନୋରଞ୍ଜନ ମହାନ୍ତି**

ନିକଟରେ ଓଡ଼ିଶାର ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଜନୈକା ଛାତ୍ରୀ ନିର୍ଯାତନା, ଅବହେଳା ଓ ଅନ୍ୟାୟର ଶିକାର ହୋଇ ମାନସିକ ଭାରସମ୍ୟ ହରାଇ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଖବର ସାରା ଦେଶରେ ଚର୍ଚ୍ଚିତ ହୋଇଛି। କିଛିଦିନ ତଳେ ଓଡ଼ିଶାର ଜନୈକା ଛାତ୍ରୀ ପରୀକ୍ଷା ହଲ୍‌ରେ ଅପମାନିତ ହୋଇ ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ମଧ୍ୟ ଆସିଛି। ଏଭଳି ଘଟଣା କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ବରଂ ଗ୍ଲାମର, କର୍ପୋରେଟ୍ ଓ ଅନ୍ୟ କେତେକ ମର୍ଯ୍ୟାଦାପୂର୍ଣ୍ଣ ପେସାଦାର କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଗତବର୍ଷ କାମ ଚାପରେ ଜନୈକା ମହିଳା ଚାର୍ଟେଡ୍ ଆକାଉଣ୍ଟାଣ୍ଟ ଆତ୍ମହତ୍ୟା କରିଥିବା ବେଳେ କିଛିବର୍ଷ ତଳେ ଜଣେ ଲୋକପ୍ରିୟ ଉଦୀୟମାନ ଅଭିନେତା ଉତ୍କଟ ମାନସିକ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଖବର ହୃଦୟ ବିଦାରକ ଥିଲା। ଏସବୁ କ୍ଷେତ୍ରରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହୁଏ। କିଛି ଲୋକ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ୍‌ମାନଙ୍କୁ ଈର୍ଷା କରୁଥିବା ଏବଂ ସେମାନଙ୍କ ପଥରୋଧ ପାଇଁ ଉଦ୍ୟମ କରୁଥିବା ଲକ୍ଷ୍ୟ କରାଯାଏ। ତା'ବୋଲି ପ୍ରତିଭାବାନ୍‌ମାନେ ବିଚଳିତ ହେବା, ମାନସିକ ଅବସାଦଗ୍ରସ୍ତ ହୋଇ ଜୀବନ ନାଶ କରିଦେବା ଆଦୌ ଠିକ୍ ନୁହେଁ। ବରଂ ଆତ୍ମବିଶ୍ୱାସର ସହିତ ଧୈର୍ଯ୍ୟ ଧରି ଜୀବନ-ସଂଗ୍ରାମରେ ନିରତ ହେବା ଉଚିତ।

ମହାଭାରତ ଯୁଦ୍ଧରେ ଅର୍ଜୁନ ବିଷାଦମଗ୍ନ ହୋଇଛନ୍ତି। ଆବ୍ରାହାମ୍ ଲିଙ୍କନ୍, ଏର୍‌ନେଷ୍ଟ ହେମିଂୱେ, ସିଗ୍‌ମଣ୍ଡ ଫ୍ରଏଡ୍, ମାଇକେଲ୍ ଫେଲ୍‌ପ୍ସ, ବ୍ରାଡ୍ ପିଟ୍, ଜେ.କେ. ରାଓଲିଂ, ଲେଡି ଗାଗା ପ୍ରମୁଖଙ୍କ ଜୀବନରେ କିଛି ସମୟ ଅବସାଦର ଅନୁଭବ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଆତ୍ମବିଶ୍ୱାସ ବଳରେ ସେମାନେ ସେଥିରୁ ମୁକୁଳି ଆସିଛନ୍ତି ଏବଂ ଜୀବନ-ଯୁଦ୍ଧରେ ବିଜୟୀ ହୋଇଛନ୍ତି। ରିଲାଏନ୍ସ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ, ୱିପ୍ରୋ ପ୍ରତିଷ୍ଠାତା ଅଜିମ୍ ପ୍ରେମ୍‌ଜୀ, ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ, ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ୍ ୟୁକର୍‌ବର୍ଗ, ମାଇକ୍ରୋସଫ୍ଟର ବିଲ୍ ଗେଟ୍ସ, ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ୍ ପ୍ରମୁଖ କଲେଜର ପାଠପଢ଼ା ଛାଡ଼ି ଦେଇଥିଲେ। ଆଲବର୍ଟ୍ ଆଇନ୍‌ଷ୍ଟାଇନ୍ ଛାତ୍ର ଜୀବନରେ କେମେଷ୍ଟ୍ରି ଓ ବାୟୋଲୋଜି ପରୀକ୍ଷାରେ ଫେଲ୍ ହେଇଥିଲେ। ଛାତ୍ରାବସ୍ଥାରେ ନିଉଟନ୍‌ଙ୍କ ପାଠପଢ଼ା ଅତି ନିମ୍ନ ମାନର ଥିଲା ବୋଲି ଶିକ୍ଷକମାନେ କହୁଥିଲେ। କ୍ରିକେଟର୍ ସଚ୍ଚିନ୍ ତେନ୍ଦୁଲ୍‌କର୍, ଚଳଚ୍ଚିତ୍ର ତାରକା ଅମୀର ଖାଁ, ଦୀପିକା ପାଦୁକୋନ୍ ପ୍ରମୁଖ ସ୍କୁଲ ଶିକ୍ଷା ଛାଡ଼ି କ୍ରିକେଟ୍ ଓ ଚଳଚ୍ଚିତ୍ରରେ ନିଜ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। କେବଳ ଗଭୀର ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାଧନା ବଳରେ ସେମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ସମର୍ଥ ହୋଇପାରିଲେ।

ମଣିଷର ଜୀବନରେ ଆତ୍ମବିଶ୍ୱାସ ସବୁଠାରୁ ବଡ଼ କଥା। ଆତ୍ମବିଶ୍ୱାସ ହିଁ ମଣିଷକୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ କରେ। ବୈଜ୍ଞାନିକ ଟମାସ୍ ଏଡିସନ୍ ଯେକୌଣସି ବିଷୟରେ ବାରମ୍ବାର ପରୀକ୍ଷା କଲା ପରେ କହୁଥିଲେ, 'ମୁଁ ବିଫଳ ହୋଇନାହିଁ; ମୋ ଆଖି ଆଗରେ ମୁଁ ଦଶହଜାର ବାଟ ଦେଖିବାକୁ ପାଇଛି, ମୋତେ ଆହୁରି ପରୀକ୍ଷା କରିବାକୁ ହେବ।' ବାରମ୍ବାର ବିଫଳ ହୋଇ ମଧ୍ୟ 'ବିଫଳ ହୋଇଛି' ବୋଲି ସେ କେବେ କହୁନଥିଲେ, ପ୍ରତ୍ୟେକ ବିଫଳତା ତାଙ୍କୁ ଗୋଟିଏ ଗୋଟିଏ ନୂଆ ନୂଆ ବାଟ ଦେଖାଇ ଦେଉଥିଲା, ଆହୁରି ଉତ୍ସାହରେ ସେ ପ୍ରଚେଷ୍ଟା ଜାରି ରଖିଥିଲେ ସଫଳତା ପାଇବା ପର୍ଯ୍ୟନ୍ତ।

ଡ. ଫ୍ରାନ୍‌ସିସ୍ କଲିନ୍ସ ହେଉଛନ୍ତି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ। ବିଜ୍ଞାନ ଓ ବିଶ୍ୱାସର ପରିପୂରକତ୍ୱ ସମ୍ପର୍କରେ ଗବେଷଣା କରି ୨୦୨୦ ବର୍ଷରେ ସେ ପାଇଛନ୍ତି ଜନ୍ ଟେମ୍ପଲ୍‌ଟନ୍ ପୁରସ୍କାର। ସେ ଲେଖିଥିବା ବହି 'ଦି ଲାଙ୍ଗୁଏଜ୍ ଅଫ୍ ଗଡ୍: ଏ ସାଇଣ୍ଟିଷ୍ଟ ପ୍ରେଜେଣ୍ଟସ୍ ଏଭିଡେନ୍ସ ଫର୍ ବିଲିଫ୍' ଏବେ ପୃଥିବୀରେ ବହୁସଂଖ୍ୟାରେ ବିକ୍ରି ହେଉଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନ ପଚାରେ 'କିପରି?' ଯଥା 'ଜିନ୍‌ଗୁଡ଼ିକ ପ୍ରୋଟିନ୍ ପାଇଁ କିପରି କୋଡିଂ ହୁଅନ୍ତି?' ଅଥଚ ବିଶ୍ୱାସ ପଚାରେ 'କାହିଁକି?'। ଯଥା 'ଶୂନ୍ୟ ପରିବର୍ତ୍ତେ କିଛି କାହିଁକି ଅଛି? ଗଡ୍(ଈଶ୍ୱର) କାହିଁକି ଅଛନ୍ତି?' ଇତ୍ୟାଦି। ଏତଦ୍ଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ବିଜ୍ଞାନ ଓ ବିଶ୍ୱାସ ପରସ୍ପର ପରିପୂରକ। ଜଣେ ଖ୍ରୀଷ୍ଟିୟାନ୍ ଭାବରେ ସେ ବିଶ୍ୱାସ କରନ୍ତି ଆମେ ମଣିଷମାନେ ସ୍ୱତନ୍ତ୍ର ପ୍ରାଣୀ, ଯାହାଙ୍କର ଗଡ୍‌ଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ବନ୍ଧ ରହିଛି। କେତେକ କହନ୍ତି, ବିବର୍ତ୍ତନ ଏକ ତତ୍ତ୍ୱ ମାତ୍ର। କିନ୍ତୁ ଡ. କଲିନ୍‌ସଙ୍କ ମତରେ ମାଧ୍ୟାକର୍ଷଣ ଭଳି ବିବର୍ତ୍ତନ ଏକ ସୁପ୍ରତିଷ୍ଠିତ ତତ୍ତ୍ୱ। ଗଡ୍ ୧୪୦୦ କୋଟି ବର୍ଷ ତଳେ ବସ୍ତୁ, ଶକ୍ତି ଓ ପ୍ରାକୃତିକ ନିୟମଗୁଡ଼ିକ ସହିତ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କଲେ। ତା'ପରେ ସୃଷ୍ଟି ହେଲେ ପ୍ରାଣୀମାନେ। ସ୍ରଷ୍ଟା ଗଡ୍ ସ୍ଥାନ ଓ ସମୟରେ ସୀମିତ ନୁହନ୍ତି। ଆମେ ମଣିଷମାନେ ସେହି 'ଅସୀମ'ଙ୍କୁ ବସ୍ତୁ, ଶକ୍ତି, ପ୍ରାକୃତିକ ନିୟମ ଓ ପ୍ରାଣୀମାନଙ୍କ ମଧ୍ୟରେ ଉପଲବ୍ଧି କରିପାରିବା, ଯେହେତୁ ମଣିଷର ଶକ୍ତି ଅସୀମ। ନିଜର ଅସୀମ ଶକ୍ତିକୁ ଉପଲବ୍ଧି କଲେ ଯାଇ ମଣିଷ ଆଉ ମାନସିକ ଅବସାଦ, ନୈରାଶ୍ୟରେ ଆକ୍ରାନ୍ତ ହେବ ନାହିଁ, ଜୀବନ ନାଶ କରିବାର କଠୋର ନିଷ୍ପତ୍ତି ନେବ ନାହିଁ। ଡ. କଲିନ୍ସ ଜଣେ ଡାକ୍ତର, ବୈଜ୍ଞାନିକ, ଅଧ୍ୟାତ୍ମବାଦୀ ହେବା ସହିତ ଜଣେ ସଙ୍ଗୀତଜ୍ଞ ମଧ୍ୟ। ତାଙ୍କ ମତରେ, ସଙ୍ଗୀତ ମଣିଷର ଚେତନାକୁ ବହୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରାଇ ପାରିବ। ସଙ୍ଗୀତ ଚିକିତ୍ସା (ମ୍ୟୁଜିକ୍ ଥେରାପି) ଜରିଆରେ ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର୍), ପାର୍କିନ୍‌ସନ୍ ରୋଗ, ଉତ୍କଟ ଯନ୍ତ୍ରଣା, ଅବସାଦ, ନୈରାଶ୍ୟ ଇତ୍ୟାଦିକୁ ଲାଘବ କରାଯାଇପାରିବ। ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିଛି ସ୍ନାୟୁ-ବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ), ସଙ୍ଗୀତଜ୍ଞ (ମ୍ୟୁଜିସିଆନ୍), ସଙ୍ଗୀତ ଜରିଆରେ ଚିକିତ୍ସା କରୁଥିବା ଚିକିତ୍ସକ (ମ୍ୟୁଜିକ୍ ଥେରାପିଷ୍ଟ)ମାନଙ୍କୁ ନେଇ ଏ ଦିଗରେ ଅଧିକତର ଗବେଷଣା ଜାରି ରଖିଛି।

ଆମେରିକାର ରବର୍ଟ୍ ଥର୍‌ମାନ୍ ହେଉଛନ୍ତି ପ୍ରଥମ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ। ଜଟିଳ ତିବ୍ବତୀୟ ବୌଦ୍ଧ ସାହିତ୍ୟକୁ ସେ ଇଂରାଜୀରେ ଅନୁବାଦ କରିଛନ୍ତି। ନ୍ୟୁୟର୍କସ୍ଥିତ ତିବ୍ବତ ଭବନର ପ୍ରତିଷ୍ଠାତା ସଭାପତି ସେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଇଣ୍ଡୋ ତିବ୍ବତୀୟ ବୌଦ୍ଧ ସାହିତ୍ୟରେ ଅଧ୍ୟାପନା କରନ୍ତି। ୨୦୧୯ ବର୍ଷରେ ଭାରତ ଭ୍ରମଣରେ ଆସିଥିଲା ବେଳେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଯେ, ବୌଦ୍ଧ ଚିକିତ୍ସା ପଦ୍ଧତି ଆୟୁର୍ବେଦ ସହିତ ସମାନ୍ତରାଳ। 'ଆୟୁ'ର ଅର୍ଥ 'ଦୀର୍ଘ ଜୀବନ'। ସବୁବେଳେ ବ୍ୟଗ୍ର, ବିଚଳିତ, ମାନସିକ ଅବସାଦଗ୍ରସ୍ତ, ନୈରାଶ୍ୟ-ଜର୍ଜରିତ ମଣିଷକୁ ବାର୍ଦ୍ଧକ୍ୟ ଖୁବ୍ ଶୀଘ୍ର ଗ୍ରାସ କରିଯାଏ। ଅବସାଦ, ନୈରାଶ୍ୟ ହେଉଛି ମଣିଷର ଅନ୍ତର୍ନିହିତ ଶତ୍ରୁ। ସେହି ଶତ୍ରୁକୁ ଦମନ କଲେ ଯାଇ ମଣିଷ-ଶରୀରର କୋଷ ଓ ମାଇକ୍ରୋଅର୍ଗାନିଜମ୍‌ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରେ, ମଣିଷ ଆନନ୍ଦ ଅନୁଭବ କରେ ଓ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିପାରେ। ୫୩ବର୍ଷ ଧରି ବୈବାହିକ ଜୀବନଯାପନ କରିଥିବା ଥର୍‌ମାନ୍ ଭାରତୀୟ ଓ ତିବ୍ବତୀୟ ତନ୍ତ୍ର ସାହିତ୍ୟର ସୂଚନା ଦେବା ସହିତ 'ବିମଳାକୀର୍ତ୍ତି ସୂତ୍ର'ରେ ବର୍ଣ୍ଣିତ ଦେବୀ ପ୍ରଜ୍ଞା ପାରମିତା ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦାହରଣ ଦେଇ କହିଲେ ଯେ, ମଣିଷ ଅସୀମ ଶକ୍ତି ଧାରଣ କରିଛି। ତେବେ ଅବସାଦ, ନୈରାଶ୍ୟ ବଳରେ ନୁହଁ, କେବଳ ଆନନ୍ଦ ଓ ବିଶ୍ୱାସ ବଳରେ ହିଁ ସେହି ଶକ୍ତିକୁ ଉପଲବ୍ଧି କରି ହେବ, ଉପଯୁକ୍ତ ଭାବରେ ଉପଯୋଗ କରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯାଇ ହେବ। ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ, ଯାହା ବଳରେ ମଣିଷ ଜୀବନକୁ ଭଲପାଇବ, ଜଗତରେ ତା'ର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ପ୍ରେରଣାଟିଏ ପାଇବ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ, ମୃତ୍ୟୁ ନୁହଁ, ଅମୃତ ପ୍ରାପ୍ତି ହିଁ ତା' ଜୀବନର ସର୍ବଶେଷ ଲକ୍ଷ୍ୟ।

କୌଣସି କ୍ଷେତ୍ରରେ ଜଣେ ପ୍ରତିଭାବାନ୍ ମଣିଷ ଅନ୍ତତଃ ଏତିକି ସ୍ମରଣ ରଖିଲେ ଯାଇ କାହାରି ଈର୍ଷା, ସହଯୋଗ, ନିର୍ଯାତନା, ଅପମାନ ଓ ଅସହିଷ୍ଣୁତାରେ ଆଦୌ ବିଚଳିତ ହେବ ନାହିଁ, ନିଜ ଜୀବନ ନାଶ କରିବାର ନିଷ୍ପତ୍ତି ନେବ ନାହିଁ, ବରଂ ସିଦ୍ଧିର ଅମୃତମୟ ସୋପାନକୁ ସ୍ପର୍ଶ କରିବାକୁ ଅଧିକରୁ ଅଧିକ ସାଧନାରେ ପ୍ରବୃତ୍ତ ହେବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଆମ କୃଷକ କେତେ ସଶକ୍ତ?

**କମଳା ପ୍ରସାଦ ମହାପାତ୍ର**

ଅଦ୍ୟାବଧି କୃଷି କ୍ଷେତ୍ରରେ ଆମ ଦେଶ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇପାରିଛି। ଏହି ସଫଳତାର ଶ୍ରେୟ ସରକାରଙ୍କୁ ଯେତିକି ଯାଉଛି ତା' ଠାରୁ ଅଧିକ ଯାଏ କୃଷି ବୈଜ୍ଞାନିକ ଏବଂ ସଚେତନ କୃଷକ ସମାଜକୁ। କିନ୍ତୁ ଆଜିର ଦିନରେ ଯଦି ପ୍ରଶ୍ନ ହୁଏ କୃଷିକୁ ଜଣେ ବ୍ୟକ୍ତି ବୃତ୍ତି ରୂପେ ଗ୍ରହଣ କରେ ତେବେ ତା' ପାଇଁ କ'ଣ ସୁଯୋଗ ରହିଛି? ଏହାର ନିର୍ଭରଯୋଗ୍ୟ ଉତ୍ତର ମିଳିବ ନାହିଁ। କୃଷିକୁ ବୃତ୍ତି କରି ତିଷ୍ଠି ରହିବାକୁ ହେଲେ କେତେକ ମୌଳିକ ପ୍ରସଙ୍ଗରେ ଧ୍ୟାନ ଦେବାକୁ ହୋଇଥାଏ। ଯଥା ଉନ୍ନତ କୃଷି ପ୍ରଣାଳୀ, ବୈଜ୍ଞାନିକ ପଦ୍ଧତିରେ ଚାଷ, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ବିହନ, ଜଳସେଚନ, ଶୀତଳ ଭଣ୍ଡାର ଆଦିର ଆବଶ୍ୟକତା ପଡ଼ିଥାଏ। ପାରମ୍ପରିକ ରୀତିରେ ଚାଷ କଲେ ଜଣେ କୃଷକ ଅନେକ କ୍ଷତିର ସମ୍ମୁଖୀନ ହୋଇଥାଏ। ଯଦି ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ପରିସ୍ଥିତି ଉପୁଜେ ତେବେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବିପୁଳ ଆର୍ଥିକ କ୍ଷତି ସହି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥା'ନ୍ତି। ଯଦିଓ ସରକାର ଚାଷ ଓ ଚାଷୀର କଲ୍ୟାଣ ପାଇଁ ଅନେକ ଯୋଜନା ଗ୍ରହଣ କରିଛନ୍ତି ଏବଂ ଅନେକ ଆର୍ଥିକ ଓ ବୈଷୟିକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦେଉଛନ୍ତି କିନ୍ତୁ ରୂପାୟନରେ ତ୍ରୁଟି ଯୋଗୁଁ ତାହା ଫଳପ୍ରଦ ହେଉନାହିଁ।

କେବଳ ଓଡ଼ିଶା କଥା ଦେଖାଯାଉ। ଏବେ ଆମ ରାଜ୍ୟର ଯୁବପିଢ଼ି କୃଷିକୁ ବୃତ୍ତି ରୂପେ ଗ୍ରହଣ କରିବାକୁ ନାପସନ୍ଦ କରିବା ପଛରେ ଅନେକ କାରଣ ରହିଛି। କେବଳ ଗତ ଏକବର୍ଷର ସ୍ଥିତି ଉପରେ ଦୃଷ୍ଟି ପକାଯାଉ। ରାଜ୍ୟ ସରକାର କୃଷକ ସଶକ୍ତୀକରଣ ଓ ଓଡ଼ିଆ ଅସ୍ମିତା ନାରା ଦେଇ ନିର୍ବାଚନ ବୈତରଣୀ ପାର ହେଲେ ସତ, ମାତ୍ର ବିଗତ ପ୍ରାୟ ବାର ମାସ ମଧ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସେପରି କିଛି ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

କୃଷି କ୍ଷେତ୍ରରେ ଚରମ ସରକାରୀ ଉଦାସୀନତା ସାମନାକୁ ଆସୁଛି। ଧାନ ମଣ୍ଡି କଥା ଆଗେ ବିଚାରକୁ ନେବା। ନିର୍ବାଚନରେ ସରକାର ଘୋଷଣା କଲେ ଧାନ ବିକ୍ରୟ ସହାୟକ ମୂଲ୍ୟ ପୁନଃ ନିର୍ଦ୍ଧାରଣ ହେବ। କୁଇଣ୍ଟାଲ ପିଛା ଜଣେ ଚାଷୀକୁ ୨୩୦୦ ଟଙ୍କା ସହ ରାଜ୍ୟ ସରକାରଙ୍କ ତରଫରୁ ରିହାତି ଆକାରରେ ୮୦୦ ଟଙ୍କା - ଏହିପରି କୁଇଣ୍ଟାଲ୍ ପିଛା ସର୍ବମୋଟ ୩୧୦୦ ଟଙ୍କା ମିଳିବ। ମଣ୍ଡିରେ ସବୁପ୍ରକାର ବ୍ୟବସ୍ଥା କରାଯିବ, କୌଣସି କଟ୍‌ନି ଛଟନି ହେବ ନାହିଁ। ଅଖାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବ। ଧାନ ବିକ୍ରି ବାବଦ ମୂଲ୍ୟ ୨୪ ଘଣ୍ଟାରେ ଚାଷୀ ବ୍ୟାଙ୍କଖାତାକୁ ଯିବ ଇତ୍ୟାଦି। ଆଳୁ ପିଆଜ ସମସ୍ୟା ଆମ ରାଜ୍ୟରେ ଉପୁଜିବ ନାହିଁ କିମ୍ବା ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ପିଆଜ ଓ ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଉନ୍ନତ ମାନର ବିହନ ବ୍ଲକ ଜରିଆରେ ସୁଲଭ ମୂଲ୍ୟରେ ପ୍ରଦାନ କରାଯିବ। ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ ବା ସ୍ଥଳବିଶେଷରେ ଦୁଇଟି ଉଚ୍ଚକ୍ଷମତା ସମ୍ପନ୍ନ ଶୀତଳଭଣ୍ଡାର ସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ଏଭଳି ଯେଉଁ ପ୍ରତିଶ୍ରୁତିର ପାହାଡ଼ ଜନସାଧାରଣଙ୍କ ପାଖରେ ରଖା ଯାଇଥିଲା, ନିର୍ବାଚନ ପରେ ସେହି ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରହସନ ବୋଲି ଜଣାପଡ଼ିଛି।

ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ମନମାନୀ, ଯୋଗାଣ ବିଭାଗ ଅଧିକାରୀ ସମବାୟ ସମିତି ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ କୃଷକମାନେ ହତାଶ ହେଲେ। ଗତ ଡିସେମ୍ବର ମାସରେ ଲଗାଣ ବର୍ଷାରେ ଚାଷୀମାନଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଲା। ସରକାରୀ ସ୍ତରରେ କ୍ଷତିପୂରଣ ଘୋଷଣା ହେଲା। କ୍ଷତିପୂରଣ ଦେବା ତ ଦୂରର କଥା ଫସଲ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କୃଷି ବିଭାଗ ବା ରାଜସ୍ୱ ବିଭାଗ ଅଧିକାରୀ ଯାଇ ନଥିବା ଅଭିଯୋଗ ହେଉଛି। ଅନ୍‌ଲାଇନ ପୋର୍ଟାଲ ଓ ଟୋଲ ଫ୍ରି ନମ୍ବରରେ ପଞ୍ଜୀକରଣ କରିବାକୁ ଜଣାଇ ସରକାର ଚୁପ୍‌ଚାପ ବସିଗଲେ। ସେହି ଅନ୍‌ଲାଇନ୍ ପୋର୍ଟାଲ ଖୋଲିଲା ନାହିଁ କି ସେ ଟୋଲ ଫ୍ରି ଫୋନ ନମ୍ବର ଲାଗିଲା ନାହିଁ। ସବୁସମୟରେ ବ୍ୟସ୍ତ ଅଛି ବୋଲି ଉତ୍ତର ମିଳିଲା। ଏହା ହେଲା ରାଜ୍ୟ ସରକାରଙ୍କର କୃଷକମାନଙ୍କ ପ୍ରତି ଦିଆଯାଇଥିବା ପ୍ରତିଶ୍ରୁତି। ଏହି ବ୍ୟବସ୍ଥାରେ କୃଷକମାନେ କେତେ ସଶକ୍ତ ହୋଇପାରିବେ ଏବଂ ଯୁବ ପିଢ଼ି ଶିକ୍ଷା ସମାପନ କଲା ପରେ କୃଷିକୁ ବୃତ୍ତି ରୂପେ ଆପଣେଇବାକୁ କେତେ ଆଗ୍ରହ ପ୍ରକାଶ କରିବେ, ତାହା ବିଚାର୍ଯ୍ୟ।

ବାସ୍ତବ କ୍ଷେତ୍ରରେ ଦେଖିବା ସରକାରଙ୍କ ଲୋଭନୀୟ ଗୋଲାପୀ ପ୍ରତିଶ୍ରୁତି କେତେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଧାନ ମଣ୍ଡି ଟୋକନ୍ ଆସିବା ବେଳେ ଯେଉଁ ତାରିଖ ବା ଦିନ ଧାର୍ଯ୍ୟ କରାଯାଇଥାଏ, ତା'ର ପ୍ରାୟ ଏକ ମାସ ପରେ ଧାନ ବିକ୍ରି କରିବାର ସୁଯୋଗ ମିଳେ। କାରଣ ପଚାରିଲେ ଉତ୍ତର ମିଳେ ମିଲର ଗାଡ଼ି ପଠାଇବାରେ ବିଳମ୍ବ ହେଉଛି। ଜଣେ ଚାଷୀକୁ ଅନୁଭବ ହୁଏ ଯେପରି ମିଲର ଦୟା ପ୍ରଦର୍ଶନ କରି ଧାନ ସଂଗ୍ରହ କରୁଛି ଏବଂ ଧାନ ମୂଲ୍ୟ ଖଇରାତ ଦାନ ସୂତ୍ରରେ ଚାଷୀଙ୍କୁ ପ୍ରଦାନ କରୁଛି। ମିଲରଙ୍କ ଟ୍ରକ ଆସିବା ପରେ ଧାନ ଓଜନ କରିବାକୁ ବସ୍ତା ପିଛା ୨୫ ଟଙ୍କା ଦେବାକୁ ହୁଏ। ଧାନର ମାନ ପରୀକ୍ଷଣ କଲା ବେଳେ ବସ୍ତା ପିଛା ପ୍ରାୟ ଅଧା କିଲେ ଧାନ ଚାଷୀକୁ ହରାଇବାକୁ ପଡ଼େ। ତା' ପରେ ପ୍ରତି କୁଇଣ୍ଟାଲ ଧାନରେ ୪ କିଲୋ କଟନି ଛଟନିରେ ମଜୁରା ଦେବାକୁ ହୁଏ। ଅର୍ଥାତ୍ ୧୦୦ କିଲୋ ଧାନରୁ ଚାଷୀକୁ ୯୬ କିଲୋ ଧାନର ମୂଲ୍ୟ ମିଳେ। ଧାନ ବିକ୍ରି ଅର୍ଥ ପଇଠ କରିବାକୁ ଯେଉଁ ୨୪ ଘଣ୍ଟା ଧାର୍ଯ୍ୟ କରାଯାଇଥିଲା ତାହା ପାଣିର ଗାର ସାବ୍ୟସ୍ତ ହେଲା। ଧାନ ମୂଲ୍ୟ ପୈଠ ହେବାକୁ ଅନ୍ୟୂନ ଏକ ସପ୍ତାହ ସମୟ ଲାଗୁଛି। ଆଳୁ ପିଆଜ ବିହନ ବ୍ଲକ ମାଧ୍ୟମରେ ଏପର୍ଯ୍ୟନ୍ତ ଉପଲବ୍ଧ ହେଉନାହିଁ। ଜିଲ୍ଲାସ୍ତରୀୟ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ କୌଣସି ସର୍ବେକ୍ଷଣ, ସ୍ଥାନ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ କରାଯାଇ ନାହିଁ।

ଚବିଶ ବର୍ଷର ସରକାରକୁ ହଟାଇ ଯେଉଁ ପ୍ରଗତିର ସ୍ୱପ୍ନ ଦେଖି ରାଜ୍ୟବାସୀ ନୂତନ ସରକାରଙ୍କୁ ଗାଦିନସୀନ କରାଇଥିଲେ ସେଥିରୁ ପାଇଲେ କ'ଣ? କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ବିଶ୍ୱସନୀୟତା ହାସଲ କରିବାକୁ ହେଲେ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟରେ ରୂପାୟନ କରିବାର ଆବଶ୍ୟକତା ରହିଛି।

ଜଗତସିଂହପୁର, ମୋ: ୭୩୮୧୦୭୩୧୩୬

## ହାଡ଼ଯୋଡ଼ା ହନୁମାନ

**ଓଜସ୍ୱିନୀ**

କୌଣସି ଦୁର୍ଘଟଣା କିମ୍ବା କ୍ୟାଲସିୟମ୍ ଅଭାବରେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ କିମ୍ବା ଅଷ୍ଟିଓପୋରୋସିସ୍ ନାମକ ରୋଗାକ୍ରାନ୍ତ ହୋଇଥିଲେ ଶରୀରର ହାଡ଼ ଭାଙ୍ଗିଯାଏ। ଏହା ଅତ୍ୟନ୍ତ କଷ୍ଟଦାୟକ ଏବଂ ଏହାର ଚିକିତ୍ସା ମଧ୍ୟ ବ୍ୟୟସାପେକ୍ଷ। ବର୍ତ୍ତମାନର ଚିକିତ୍ସା ବିଜ୍ଞାନ ଏ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି, ଯାହାଦ୍ୱାରା ହାଡ଼ଜନିତ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରୁଛି। କିନ୍ତୁ ବିଜ୍ଞାନର ବିକାଶ ସତ୍ତ୍ୱେ ମଣିଷ ଭଗବାନଙ୍କ ଶରଣାପନ୍ନ ହେଉଛି। ଏମିତିକି ଭଗବତ୍ ବିଶ୍ୱାସ ଯୋଗୁଁ ଭଙ୍ଗା ହାଡ଼ ମଧ୍ୟ ଯୋଡ଼ି ହୋଇ ଯାଉଛି ଏବଂ ଯନ୍ତ୍ରଣା ନିମିଷେକ ଦୂର ହୋଇଯାଉଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଭାରତରେ ରାମଭକ୍ତ ହନୁମାନଙ୍କର ଏଭଳି ଗୋଟିଏ ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ଭଙ୍ଗାହାଡ଼କୁ ଯୋଡ଼ି ଦେବା ସହିତ ଯନ୍ତ୍ରଣାମୁକ୍ତ କରିବା ପାଇଁ ରୋଗୀମାନେ ପ୍ରାର୍ଥନା କରିଥା'ନ୍ତି ଏବଂ ରୁଦ୍ରାବତାର ଆଶୁତୋଷ ହନୁମାନଙ୍କ କୃପା ଯୋଗୁଁ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।

ମଧ୍ୟପ୍ରଦେଶର କଟନି ଜିଲ୍ଲାର ରିଠି ତହସିଲ୍ ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ମୁହାସ୍ ଗାଁରେ ଏହି ହନୁମାନ ମନ୍ଦିର ରହିଛି। ମନ୍ଦିରର ଚମତ୍କାରିତା ଦେଶବିଦେଶରେ ଚର୍ଚ୍ଚିତ। ଏପରିକି ରୋଗୀମାନେ ଷ୍ଟ୍ରେଚର୍‌ରେ ମନ୍ଦିରକୁ ଆସିଥା'ନ୍ତି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରନ୍ତି। ତେଣୁ ଏହି ମନ୍ଦିର 'ହାଡ଼ଯୋଡ଼ା ହନୁମାନ' ବା ସ୍ଥାନର ନାମାନୁସାରେ 'ରିଠି ହନୁମାନ' ମନ୍ଦିର ଭାବେ ପ୍ରସିଦ୍ଧି ଲାଭ କରିଛି। ରୋଗୀମାନେ ଭକ୍ତି ଓ ବିଶ୍ୱାସର ସହିତ ହନୁମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରାର୍ଥନା କରିବା ସହିତ ଅବିରତ ରାମନାମ ସ୍ମରଣ ବା ଉଚ୍ଚାରଣ କରିବା ପାଇଁ ମନ୍ଦିରର ପୂଜାରୀ ରୋଗୀକୁ କହିଥା'ନ୍ତି। ଏଭଳି ନାମ ସ୍ମରଣ କରୁଥିବା ସମୟରେ ପୂଜାରୀ ନିଜ ହାତରେ ପ୍ରସ୍ତୁତ କରିଥିବା ଜଡ଼ିବୁଟି ଶରୀରରେ ଲେପ ଦେଇଥା'ନ୍ତି ଏବଂ କିଛି ଜଡ଼ିବୁଟି ସେବନ କରିବାକୁ ଦେଇଥା'ନ୍ତି। ହନୁମାନଙ୍କ କୃପାପୂର୍ବକ ଅବିଳମ୍ବେ ରୋଗୀର ଯନ୍ତ୍ରଣା ଦୂର ହୁଏ ଏବଂ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ। ଅନ୍ୟ କେତେଜଣ ଗମ୍ଭୀର ରୋଗୀଙ୍କୁ ଦୁଇରୁ ତିନିଥର ମନ୍ଦିରକୁ ଆସି ଚିକିତ୍ସିତ ହେବା ପାଇଁ ମନ୍ଦିରର ପୂଜାରୀ ଉପଦେଶ ଦେଇଥା'ନ୍ତି। ଏହାସହିତ କିଛିଦିନ ସେମାନଙ୍କୁ ଘରେ ରହି ବିଶେଷ ଦିନଚର୍ଯ୍ୟା ଓ ଖାଦ୍ୟପେୟର ନିୟମ ପାଳନ କରିବା ସହିତ ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ଯେଉଁ ରୋଗୀମାନେ ବସି ପାରନ୍ତି ନାହିଁ, ସେମାନେ ଶୋଇରହି ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ପ୍ରତିଦିନ ଅନେକ ରୋଗୀ ଏଠାକୁ ଆସୁଥିଲେ ହେଁ ମଙ୍ଗଳବାର ଓ ଶନିବାର ଦିନ ଏଠାରେ ବିଶେଷ କୃପା ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ମନ୍ଦିରର ମହିମା ହେଉଛି ଯେ, ମନ୍ଦିର ଭିତରେ ରହି ରାମନାମ ସ୍ମରଣ କରୁଥିବା ସମୟରେ ଏହି ଜଡ଼ିବୁଟି ପ୍ରଭାବଶାଳୀ ହୋଇଥାଏ। ଯଦି ରୋଗୀ ବା ରୋଗୀର ସମ୍ପର୍କୀୟ ଏହାକୁ ନିଜ ଘରେ ଉପଯୋଗ କରନ୍ତି, ତା'ହେଲେ ଫଳପ୍ରଦ ହୋଇନଥାଏ।

**ବିଶ୍ୱାସ ଓ ବିଜ୍ଞାନ**

ରାମଭକ୍ତ ହନୁମାନଙ୍କର ନାମ ହାଡ଼ଯୋଡ଼ା ହନୁମାନ କିଭଳି ହେଲା ଏ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। ବର୍ତ୍ତମାନ ସେଠାରେ ଯେଉଁ ପୂଜାରୀ ଅଛନ୍ତି, ତାଙ୍କର ବାପାଙ୍କୁ ଜଣେ ସନ୍ନ୍ୟାସୀ ଜଡ଼ିବୁଟି ଦେଇ ଗାଁ ଲୋକଙ୍କର ସେବା କରିବା ପାଇଁ କହିଥିଲେ। ସନ୍ନ୍ୟାସୀଙ୍କଠାରୁ ହାଡ଼ ଯୋଡ଼ିବାର ଚିକିତ୍ସା ବିଦ୍ୟା ମଧ୍ୟ ସେ ଲାଭ କରିଥିଲେ। ଏହି ବିଦ୍ୟା ଓ ଜଡ଼ିବୁଟି ସାହାଯ୍ୟରେ ସେ ପ୍ରଥମେ ତାଙ୍କ ଘରେ ଥିବା ଗୋଟିଏ ଗାଈର ଭଙ୍ଗା ହାଡ଼ ଯୋଡ଼ିବାରେ ସଫଳ ହେଲେ। ଏହାପରେ ସେ ଗାଁରେ ଥିବା ହନୁମାନଙ୍କ ମନ୍ଦିର ପିଣ୍ଡି ଉପରେ ବସି ଲୋକଙ୍କ ସ୍ୱାସ୍ଥ୍ୟ ସେବା କଲେ। ସେହି ହନୁମାନ ମନ୍ଦିର ସମୟକ୍ରମେ ଭବ୍ୟ ମନ୍ଦିରରେ ପରିଣତ ହୋଇଛି।

ତ୍ରେତୟାଯୁଗରେ ସଙ୍କଟମୋଚନ ହନୁମାନ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତର ଶକ୍ତିଭେଦ ଜନିତ ପ୍ରଭାବରୁ ମୁକ୍ତ କରିବା ପାଇଁ ସଞ୍ଜୀବନୀ ଥିବା ଗନ୍ଧମାର୍ଦ୍ଦନ ପର୍ବତକୁ ଭୂମିରୁ ଉଠାଇ ନେଇ ଆସିଥିଲେ, ସେପରି ଏ ଯୁଗରେ ରିଠି ହନୁମାନ ଭକ୍ତଙ୍କୁ କୃପାଦୃଷ୍ଟିରେ ଆରୋଗ୍ୟ ପ୍ରଦାନ କରୁଛନ୍ତି ବୋଲି ସୁସ୍ଥ ହୋଇ ଫେରିଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ତାରିଣୀ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣା

# ନାରାୟଣୀ ଛକରେ ଓଲଟିଲା କାର୍; ଜଣେ ମୃତ; ୪ ଗୁରୁତର

ଖଲ୍ଲିକୋଟ,୧୭ ।୭ (ସମିସ): ସପରିବାର ଯାଇଥିଲେ ଘଟଗାଁ ତାରିଣୀ ଦର୍ଶନ ପାଇଁ। ଦର୍ଶନ ସାରି ଫେରିବା ବେଳେ ମନ ହେଲା ପୁରୀ ଯାଇ ଜଗା ଦର୍ଶନ ପାଇଁ। ପୁରୀରୁ ଜଗା ଦର୍ଶନ ସାରି ଫେରିବା ବେଳେ ଗୁରୁବାର ଭୋର୍‌ରେ ନାରାୟଣୀ ଛକରେ ଭାରସାମ୍ୟ ହରାଇ ୪ଗଡ଼ା ଦେଇ ଓଲଟି ପଡ଼ିଲା କାର୍। ଏଥିରେ ଦୁର୍ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୨ଜଣ ଆହତ ହୋଇଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ମୃତକ ହେଲେ, ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ନାରସିମ୍ ରେଡ୍ଡି।

ସୂଚନାଯୋଗ୍ୟ, ନାରସିମଙ୍କ ପରିବାରର ୧୨ଜଣ ସଦସ୍ୟ ଏକ ଟାଭେରା କାର (ନଂ. ଓଡି୦୭ଏନ୍-୭୮୯୬) ଯୋଗେ ଘଟଗାଁ ତାରିଣୀ ଦର୍ଶନ କରିବାକୁ ଯାଇଥିଲେ। ଗାଡ଼ିରେ ଚାଳକଙ୍କୁ ମିଶାଇ ମୋଟ ୧୩ ଜଣ ଥିଲେ। ସେମାନେ ଘଟଗାଁରେ ମା’ ତାରିଣୀଙ୍କ ଦର୍ଶନ ସାରି ପୁରୀ ଯାଇଥିଲେ। ପୁରୀରୁ ବ୍ରହ୍ମପୁର ଫେରିବା ବେଳେ ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଓଲଟି ପଡ଼ିଥିଲା। ଗାଡ଼ି ଭିତରୁ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ନାସିର୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ୨ ନାବାଳିକା ଓ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

**ଗାଡ଼ିରେ ଥିଲେ ଗୋଟିଏ ପରିବାରର ୧୨ଜଣ**

# ପ୍ରେମିକ ବାଇକ୍‌ରୁ ଖସି ପ୍ରେମିକା ମୃତ

ବାଲିଗୁଡ଼ା, ୧୭।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ୫୯ ନମ୍ବର ଜାତୀୟ ରାଜପଥର ସୀତାପଡ଼ି ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକ ବାଇକ୍‌ରୁ ଖସି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, କୋଟଗଡ଼ ଥାନା ରାଣୀପଙ୍ଗା ଗାଁର ସୋନାଲି ପ୍ରଧାନ। ସେ ଫୁଲବାଣୀର ଏକ ଶିକ୍ଷାନୁଷ୍ଠାନର ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀ। ତେବେ ସୋନାଲିଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ୍ ସୋନାଲିଙ୍କ ପ୍ରେମିକ ଦୀପୁ ନାୟକକୁ ଅଟକ ରଖି ପଚରାଉଚରା ଚଳାଇଛି। ସୋନାଲି ଆଜି ଫୁଲବାଣୀରୁ ଗାଁକୁ ଫେରୁଥିଲେ। ଫୁଲବାଣୀରୁ ବସ୍ ଯୋଗେ ବାଲିଗୁଡ଼ା ଆସିବା ପରେ ବସ୍‌ଷ୍ଟାଣ୍ଡରୁ ନିଜ ଗାଁକୁ ନଯାଇ ବେଲଘର ଥାନା ଅଞ୍ଚଳର ପ୍ରେମିକ ଦୀପୁ ନାୟକଙ୍କ ସହ ବାଇକ୍‌ରେ କେଉଁଆଡ଼େ ଯାଇଥିଲେ। ତେବେ ଦୁର୍ଭାଗ୍ୟକୁ ରାସ୍ତାରେ ସେ ବାଇକ୍‌ରୁ ଖସି ପଡ଼ି ପ୍ରାଣ ହରାଇଥିଲେ। ଦୀପୁଙ୍କ ବେପରୁଆ ବାଇକ୍ ଚାଳନା ଯୋଗୁଁ ସେ ଖସି ପଡ଼ିଥିବା କୁହାଯାଉଛି। ପୁଲିସ୍ ଦୀପୁକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏହାସହ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପୁଲିସ୍ ତାଙ୍କ ଶବକୁ ପରିବାରକୁ ହସ୍ତାନ୍ତର କରିଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ**

# ମହିଳା ଫାଇନାନ୍ସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ



ଆଳି, ୧୭।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମରେ ଘରଭଡ଼ା ନେଇ ରହୁଥିବା ଜଣେ ଯୁବତୀ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ଯୁବତୀ ରଶ୍ମିତା ଜେନା (୨୨)। ସେ ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ସୂଚନା ମୁତାବକ, ରଶ୍ମିତା ଲୋକାପଡ଼ା ଗ୍ରାମରେ ତାଙ୍କର ଅନ୍ୟ ଜଣେ ସହଯୋଗୀ ମହିଳାଙ୍କ ସହ ଭଡ଼ା ନେଇ ରହୁଥିଲେ। ଦୁହେଁ ଏକ ବେସରକାରୀ ଫାଇନାନ୍ସ ସଂସ୍ଥାରେ କାମ କରୁଥିଲେ। ରଶ୍ମିତାଙ୍କ ସହଯୋଗୀଙ୍କ କହିବା ଅନୁସାରେ, ଦୁଇଦିନ ଧରି ସେ ମାନସିକ ଅବସାଦ ମଧ୍ୟରେ ଥିବା ବେଳେ ଖାଦ୍ୟ ମଧ୍ୟ ଖାଇନଥିଲେ। ଆଜି ସେ ଛୁଟି ନେଇ ଘରେ ଏକାକୀ ଥିଲେ। ଏହି ସମୟରେ ସେ ଭିତରପଟୁ କବାଟ ବନ୍ଦ କରି ରଶିରେ ଝୁଲି ପଡ଼ିଥିଲେ। ଖବର ପାଇ ଆଳି ପୁଲିସ କବାଟ ଭାଙ୍ଗି ରଶ୍ମିତାଙ୍କୁ ଉଦ୍ଧାର କରିଥିଲା। ତେବେ କେଉଁ କାରଣରୁ ସେ ଏପରି ଏକ ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଟନା ହସ୍ପିଟାଲ୍‌ରେ...

ଅପରାଧୀଙ୍କୁ ପିସ୍ତଲ ସହ ଦେଖିବାକୁ ମିଳିଛି। ସେମାନଙ୍କର ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ପିସ୍ତଲ ବାହାର କରି ସେମାନେ ହସପିଟାଲ ୱାର୍ଡ ଭିତରେ ପଶି ଚନ୍ଦନ ମିଶ୍ରାକୁ ଗୁଳି କରି ହତ୍ୟା କରିଥିଲେ। ୩୦ ସେକେଣ୍ଡ ମଧ୍ୟରେ ହତ୍ୟାକାଣ୍ଡ ଘଟାଇ ହସପିଟାଲରୁ ବାହାରି ଯାଇଥିଲେ। ଏମାନେ ଚନ୍ଦନକୁ ଗୁଳି ମାରୁଥିବାର ଭିଡିଓ ମଧ୍ୟ ରେକର୍ଡ କରିଥିବା କୁହାଯାଉଛି। ଚନ୍ଦନ ବକ୍ସର ଜେଲ୍‌ରୁ ଭାଗଲପୁର ଓ ଭାଗଲପୁରରୁ ପାଟନାର ବେଉର ଜେଲରେ ସଜା କାଟୁଥିଲା।

ବିହାରର ବକ୍ସରରେ ରହୁଥିବା ଚନ୍ଦନ ଜଣେ ବଡ଼ ଗ୍ୟାଙ୍ଗଷ୍ଟର ଥିଲା। ତା ବିରୋଧରେ ୧୨ରୁ ଅଧିକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ପୁଲିସ କହିଛି। ସେ ଅପହରଣ କରିବା ସହ ଦାଦା ବଟି ଆଦାୟ କରିଥାଏ। ସେ ବିହାରର କେତୋଟି ସହରରେ ଖୋଲାଖୋଲି ଭାବେ ଘୋଷଣା କରି ହତ୍ୟା କରିଥାଏ। ବକ୍ସରର ଜଣେ ଜଣାଶୁଣା ବ୍ୟବସାୟୀଙ୍କୁ ହତ୍ୟା କରିଥିଲା। ଏହି ହତ୍ୟାକାଣ୍ଡରେ ଚନ୍ଦନର ସାଙ୍ଗ ଶେରୁ ସିଂ ବି ସାମିଲ ଥିଲା। ପରେ କୌଣସି କାରଣ ପାଇଁ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିଲେ। ଏହାପରେ ଶେରୁ ପୃଥକ ଭାବେ ନିଜର ଗ୍ୟାଙ୍ଗ୍ ଗଠନ କରିଥିଲା। ବର୍ତ୍ତମାନ ଶେରୁ ଗ୍ୟାଙ୍ଗ ଚନ୍ଦନକୁ ମାରିଛି ବୋଲି ପୁଲିସ ସନ୍ଦେହ କରୁଛି। ଚନ୍ଦନ ପାରୋଲ୍‌ରେ ୧୫ ଦିନ ପାଇଁ ଜେଲ ବାହରକୁ ଆସିଥିଲା। ଶୁକ୍ରବାର ତା’ର ପାରୋଲ ଶେଷ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ସେ ହତ୍ୟାର ଶିକାର ହୋଇଛି। ଅସୁସ୍ଥ ହେବାରୁ ତାକୁ ପାଟନାର ପାରସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

## ବନ୍ଦ ସ୍ୱତଃସ୍ଫୂର୍ତ୍ତ...

ସଭାପତିଙ୍କ ସମେତ କଂଗ୍ରେସ ଓ ବାମ ଦଳର ବହୁ ନେତା ରାଜରାସ୍ତାକୁ ଓହ୍ଲାଇଥିଲେ। ବନ୍ଦ ପାଳନ ସହ କୌଣସି ସ୍ଥାନରେ ଯେପରି ହିଂସାତ୍ମକ ସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ରାଜନୈତିକ ଦଳମାନେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଦଳର ନେତାମାନେ ଭାଗ ଭାଗ ହୋଇ ରାଜଧାନୀର ଛକ ଛକରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ। କିଛି ସ୍ଥାନରେ ଗୋଲାପ ଓ ଚକଲେଟ୍ ଦେଇ ସାଧାରଣ ଲୋକଙ୍କୁ ସହଯୋଗ କରିବାକୁ ନେତାମାନେ ନିବେଦନ କରିଥିଲେ। ରେଳ ଷ୍ଟେସନରେ ପଶିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ ସହ ସୁରକ୍ଷାକର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭିତରେ ଯୁବ କଂଗ୍ରେସର କର୍ମୀମାନେ ଏକ ବାଇକ ରାଲିରେ ଆସି ଲୋକସେବା ଭବନ ଘେରାଉ ପାଇଁ ଉଦ୍ୟମ କରିଥିଲେ। ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତାମାନଙ୍କୁ ପୁଲିସ ଗାନ୍ଧୀମାର୍ଗରୁ ଉଠାଇ ନେଇଥିଲା। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସରକାରଙ୍କୁ କଂଗ୍ରେସ ଚେତାବନୀ ଦେଇଥିବା ବେଳେ ଛାତ୍ର କଂଗ୍ରେସ ଜାତୀୟ ସଭାପତି ବରୁଣ ଚୌଧୁରୀ ଓ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମଧ୍ୟ ବନ୍ଦରେ ଅଂଶଗ୍ରହଣ କରିଥିଲେ। ୩୦ ଟି ଜିଲ୍ଲାରେ କଂଗ୍ରେସ ନେତୃବର୍ଗ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଏ ଲଢ଼େଇ କେବଳ କଂଗ୍ରେସର ନୁହେଁ ଓଡ଼ିଶାବାସୀଙ୍କର ଲଢ଼େଇ। ଆଜି ସବୁ ବିରୋଧୀ ଦଳ ଏକଜୁଟ ହୋଇ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ଆଗେଇ ଆସିଛନ୍ତି। ଏ ସଂଗ୍ରାମର ଅବଧି ଯେତେ ଦୀର୍ଘ ହେଉ ପଛେ ଆମ ଝିଅ ପାଇଁ ଆମେ ଲଢ଼ିବା। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଓଡ଼ିଶା ବନ୍ଦ ଆନ୍ଦୋଳନରେ ସାମିଲ ହୋଇ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ କହିଛନ୍ତି, ଜଣେ ଛାତ୍ରୀ ନ୍ୟାୟ ନପାଇ ଆହୁତି ଦେଲା ଏବଂ ଶେଷରେ ଜୀବନ ଚାଲିଗଲା। ଏ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି। କଂଗ୍ରେସ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି। ଆଗକୁ ଏ ଆନ୍ଦୋଳନକୁ ଅଧିକ ତୀବ୍ର କରିବ କଂଗ୍ରେସ। ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରତିବାଦ ଜଣାଇଛନ୍ତି। ମୁଖ୍ୟତଃ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ବନ୍ଦ ବେଳେ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବା ସହ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଥିଲା ବୋଲି ମିଳିତ ବିରୋଧୀଦଳ ପକ୍ଷରୁ କୁହାଯାଇଛି।

## କେନ୍ଦ୍ର ପାଇଁ...

ସଂସଦରେ ଉଠାଇବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ମୌସୁମୀ ଅଧିବେଶନରେ ୮ ଟି ବିଲ୍ ଆଗତ କରିବାକୁ ସରକାର ଯୋଜନା କରିଥିବା ବେଳେ ବିଭିନ୍ନ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା ‘ଅପରେସନ ସିନ୍ଦୂର’ ଏବଂ ଅସ୍ତ୍ରବିରତିରେ ମଧ୍ୟସ୍ଥତା କରିଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ଏହି ଅଧିବେଶନରେ କଂଗ୍ରେସ ନିଶାଣ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସାରା ଦେଶରେ ଭୋଟର ତାଲିକା ସଂଶୋଧନରେ ବିହାର ଢାଞ୍ଚା ଅବଲମ୍ବନ ପାଇଁ ନିର୍ବାଚନ କମିସନଙ୍କ ଯୋଜନାକୁ ବିରୋଧୀମାନେ ବିରୋଧ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ନାମରେ ଲକ୍ଷ ଲକ୍ଷ ଭୋଟରଙ୍କୁ ସେମାନଙ୍କର ମତାଧିକାରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୯ ତାରିଖରେ ଏ ସଂକ୍ରାନ୍ତରେ ରଣନୀତି ପ୍ରସ୍ତୁତ ନିମନ୍ତେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ମେଣ୍ଟ ବୈଠକ ଡାକିଛନ୍ତି।

## କ୍ରାଇମବ୍ରାଞ୍ଚ ଟିମ୍‌ର...

ପେଟ୍ରୋଲ ପମ୍ପରୁ ପେଟ୍ରୋଲ କିଣିଥିବା ଅନୁମାନ କରି କ୍ରାଇମବ୍ରାଞ୍ଚ ସେ ଦିଗରେ ମଧ୍ୟ ତଦନ୍ତ କରିଛି। ସେହିପରି ପୀଡ଼ିତାଙ୍କୁ କିଏ ଦିଆସିଲି ଦେଇଥିଲେ, ତାହା ଜାଣିବାକୁ ଚେଷ୍ଟା କରିଛି। ଏଥିପାଇଁ କଲେଜ ପରିସର ଓ ବାହାରେ ଲାଗିଥିବା ସିସିଟିଭି ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ଉପରେ କ୍ରାଇମବ୍ରାଞ୍ଚ ଟିମ୍ ଅଧିକ ଗୁରୁତ୍ୱାରୋପ କରିଛି।

ଅନ୍ୟପଟେ, ଘଟଣା ଦିନ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୀଡ଼ିତା ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଉଥିବା ବେଳେ ତାଙ୍କୁ କାହିଁକି କେହି ବାରଣ କରିନଥିଲେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପରିକି, ଛାତ୍ରୀଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କଠାରୁ କିଛି ଦୂରରେ ଜଣେ ଛାତ୍ର ଠିଆ ହୋଇ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ, ଯାହାକି ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି। ଏହି ସିସିଟିଭି ଫୁଟେଜକୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରକୁ ନେଇଛି।

ଅପରପକ୍ଷେ, ଘଟଣା ଘଟିବାର କିଛି ଘଣ୍ଟା ପୂର୍ବରୁ ଗିରଫ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ କାର୍ଯ୍ୟାଳୟରେ ଛାତ୍ରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ବାହାରକୁ ଆସି ଛାତ୍ରୀଜଣଙ୍କ ହଠାତ ଏଭଳି ଘଟଣା କାହିଁକି ଘଟାଇଲେ, ତା’ ଉପରେ ମଧ୍ୟ ଟିମ୍ ଅଧିକ ଗୁରୁତ୍ୱ ଦେଇଛି। ସେହିପରି, ଛାତ୍ରୀଙ୍କ ଅଭିଯୋଗର ଶୁଣାଣି ପାଇଁ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସମସ୍ତ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଛି।

କ୍ରାଇମବ୍ରାଞ୍ଚ ଟିମ୍‌ର ଡିଏସ୍‌ପି ଶ୍ରୀମତୀ ନାୟକ କହିଛନ୍ତି ଯେ ଆମେ ତଦନ୍ତ ଆରମ୍ଭ କରିଛୁ। ସମସ୍ତ ତଥ୍ୟ ଯୋଗାଡ଼ ଚାଲିଛି। ସବୁ ଦିଗ ଉପରେ ଗୁରୁତ୍ୱାରୋପ କରାଯିବ। ଆଇସିସି କମିଟିର ସମସ୍ତ ସଦସ୍ୟ ସାଙ୍ଗକୁ ଛାତ୍ର ଏବଂ କଲେଜ କର୍ମଚାରୀଙ୍କୁ ପଚରାଉଚରା କରାଯିବ।

ଅପରପକ୍ଷେ ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧୀନ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି। ପ୍ରାୟ ୩ ଘଣ୍ଟା ଧରି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି ବର୍ଣ୍ଣ ୟୁନିଟରେ ରହିଥିଲେ। ଅପରାହ୍ନ ୧ଟାରେ ବଡ଼ ମେଡ଼ିକାଲରେ ପହଞ୍ଚି ୪ଟାରେ ଫେରିଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ସମୟରେ ଜ୍ୟୋତିପ୍ରକାଶ ସେଠାରେ ଉପସ୍ଥିତ ଥିଲେ। ଏପରିକି, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ସୌମ୍ୟାଶ୍ରୀ ଦେହରେ ନିଆଁ ଲଗାଇବା ପୂର୍ବରୁ ଜ୍ୟୋତିପ୍ରକାଶ ସେଠାରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ସିସି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି। ପ୍ରାଧ୍ୟାପକଙ୍କଠାରୁ ନିର୍ଯାତନା ପାଇବାରୁ ଆରମ୍ଭ କରି ବାରମ୍ବାର ନ୍ୟାୟ ଭିକ୍ଷା କରି ବିଫଳ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ସୌମ୍ୟାଶ୍ରୀଙ୍କ ବାବଦରେ ବିଭିନ୍ନ ତଥ୍ୟ ଯୋଗାଡ଼ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରିଥିବା କୁହାଯାଇଛି।

ପ୍ରକାଶଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣା ଦିନ ସେ ସୌମ୍ୟାଶ୍ରୀଙ୍କୁ ରକ୍ଷା କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ। ଏଥିରେ ତାଙ୍କର ଦୁଇଟି ହାତ, ବାହୁ ଓ ମୁହଁ ପୋଡ଼ିଛି। ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡି ହୋଇଛି। ସ୍ପାଇରୋମିଟ୍ରି ଏକ୍ସରସାଇଜ୍ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରୁଛି।

## ଆଜିଠୁ ଉଚ୍ଚସ୍ତରୀୟ...

କରିବ। କାହାର ଦାୟିତ୍ୱହୀନତା ପାଇଁ ଛାତ୍ରୀ ନିଜକୁ ଜାଳିଦେଲେ ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବାଲେଶ୍ୱର ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ଓ ଶନିବାର କଲେଜରେ ତନାଘନା କରିବ। ତଦନ୍ତ କମିଟିରେ ଅଧ୍ୟକ୍ଷା ଥିବା ସହକାରୀ ପ୍ରାଧ୍ୟାପକ ଡ. ଜୟଶ୍ରୀ ମିଶ୍ରଙ୍କ ସମେତ ମୋଟ ୯ ଜଣଙ୍କୁ ବିଭିନ୍ନ ପ୍ରଶ୍ନ କରିବ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କୁହାଯାଇଛି। ଅପରପକ୍ଷରେ, ସଦସ୍ୟ ଥିବା ଅନ୍ୟ ଜଣେ ଛାତ୍ର ମଧ୍ୟ ଆଂଶିକ ପୋଡ଼ି ଯାଇଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତଦନ୍ତ କମିଟି ଆଗରେ ସେ ହାଜର ହେବେନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଗତ ଜୁଲାଇ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୩ଜଣିଆ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛି।

## ଛାତ୍ରୀଙ୍କୁ ଯୌନ...

ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ନିଲମ୍ବିତ କରାଯାଇଛି। ଅଧ୍ୟାପକଙ୍କ ଏହି କଳା କାରନାମା ପଦାକୁ ଆସିବା ପରେ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଇସ୍ତଫା ଦେବାକୁ ନାରାବାଜି କରିଥିଲେ।

## ନ୍ୟାୟ ଅପେକ୍ଷାରେ...

ପ୍ରକାଶ ଯେ, ଗତ ଫେବ୍ରୁଆରୀ ୧୯ ତାରିଖ ଦିନ ପଟ୍ଟାମୁଣ୍ଡାଇ କଲେଜରେ ପରୀକ୍ଷା ଚାଲିଥିବା ସମୟରେ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଦୁର୍ବ୍ୟବହାରର ଶିକାର ହେବା ପରେ ମାନସିକ ଭାରସାମ୍ୟ ହରାଇ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଘଟଣାରେ ମୃତା ଛାତ୍ରୀଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବାକୁ ଚାହିଁଥିଲେ। ହେଲେ ପୁଲିସ କଲେଜ ବିରୁଦ୍ଧରେ ଏତଲା ନଦେବାକୁ ତାଙ୍କ ଉପରେ ଚାପ ପକାଇଥିବା ମୃତା ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଘଟଣାରେ ଏବିଭିପି ରାଜ୍ୟ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଘେରଉ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ଘଟଣାର ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାମଲାରେ ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରି ତାଙ୍କ ଗିରଫ ଦାବି କରିଥିଲା ଏବିଭିପି ରାଜ୍ୟ ସଂଗଠନ।

ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ପାଳନ ହୋଇନାହିଁ। ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ସାମ୍ବାଦିକ ସମ୍ମିଳନୀ କରାଯିବା ସହିତ ମୃତା ଛାତ୍ରୀଙ୍କ ପରିବାରକୁ ଭେଟିଥିଲା ସଂଗଠନ। ପୁନଶ୍ଚ ରାଜ୍ୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ସସ୍ମିତା ଦାସ ଓ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାଢୀ ମଧ୍ୟ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ୫ ମାସ ବିତି ଯିବା ପରେ ମଧ୍ୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit no. 64, dtd. 08.04.2025 in the Court of Executive Magistrate, Bhubaneswar, I, Bhaskar Digal, RAY-137, Biseswar Basti, Bani Vihar, Bhubaneswar-751004 have changed my minor son's name from Papun Digal to Madhaba Digal. Henceforth, he shall be known as **Madhaba Digal** for all purposes.

Sd/- Bhaskar Digal

**AFFIDAVIT**

I, Madhumita Agrawal, W/o: Sushil Kumar Agarwal, Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 72AA 494850 dtd 16.07.2025 that now onwards I shall be known as **MADHUMITA AGARWAL** for all future purposes.

**AFFIDAVIT**

I **Kalwant Kaur**, ages about 68years, W/o – Santokh Singh, resident of At-LIG-116, Brit Colony, Near Debray College, PS-Nayapalli, Bhubaneswar-751012, declare by this Affidavit No-447 dated 15/07/2025 that now onwards I shall be known as **Kulwant Kaur** for all future purposes.

**AFFIDAVIT**

I, Sushil Kumar Agrawal, S/o: Motilal Agarwal Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 73AA 111901 dtd 16.07.2025 that now onwards I shall be known as **SUSHIL KUMAR AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Darpan, Dhanamandala and Affidavit no.2325 dated 09.07.25. I Amrit Mahanta, S/o-Bhajamana Mahanta, Village/ Purnachandrapur, Po- Kalakala, PS- Byree, Dist.- Jajapur, Pin-754082 have changed my name from Ambrit Mahanta to **Amrit Mahanta.** Henceforth, I shall be known as **Amrit Mahanta** for all purposes.

**NOTICE**

By virtue of an affidavit sworn before the Executive Magistrate, Cuttack, dated 07.07.2025 I, Jyoshnamayee Barik, W/o-Pravakar Barik, resident of At-Mathasahi, Tulasipur, VTC, Cuttack Sadar, Cuttack, Pin-753008 have changed my name from Jyotshnamayee Barik to Jyoshnamayee Barik. Henceforth, I shall be known as **Jyoshnamayee Barik** for all purposes.

Jyoshnamayee Barik

**AFFIDAVIT**

I, Manasa Kumar Das, S/o- Late, Surendra Nath Das, resident of ward No.- 8, Panchughanta, Po/Ps. - Jaleswar, Dist. - Baleswar, Pin.-756032, Odisha declare by this affidavit No.- 650 Dtd. - 02/05/2025 that now onwards I Shall be known as **MANAS KUMAR DAS** for all future purposes.

**AFFIDAVIT**

I, Seemarani Nayak, aged about 61 years, W/o- Dharanidhar Nayak, resident of At-Mardarajapur, Po-Rasol, Dist- Dhenkanal Pin-759021, Odisha declared by this affidavit No. 590, dtd- 16/07/2025 that now onwards I shall be known as **SIMARANI NAYAK** for all future purposes.

B-307

GOVERNMENT OF ODISHA
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)- MLK-06/2025-26
No. 3953 Date. 14.07.2025

| | |
|---|---|
| 1. Name of the work: | Building Work |
| 2. Total No. of Works: | Civil & E.I Work 02 Nos. |
| 3. Estimated cost: | Rs.15.18 to 43.54 lakhs |
| 4. Period of completion: | 01 (one) months To 03 (Three) Month |
| 5. Date & time of availability of bid document in the portal: | From 11.00 hrs. Of 21.07.2025 To 16.00 hrs. of 01.08.2025 |
| 6. Last date / Time for receipt of bids in the Portal; | 16.00 hours of 01.08.2025 |
| 7. Date of opening of Tender; | 11.00 hours of 02.08.2025 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri (R&B) Division

OIPR-34063/11/0016/2526

**VEER SURENDRA SAI UNIVERSITY OF TECHNOLOGY**
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 968/2025 Date: 17.07.2025

ADMISSION NOTICE
M.Tech Programme (Aerospace Engineering)

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by Speed/Regd. Post only so as to reach the Dean, PGS&R, VSSUT, Burla, Sambalpur-768018 by 01.08.2025 (Friday), 5.00 PM.

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "Application for M.Tech Programme in Aerospace Engineering 2025". *Detailed link for online application and information regarding eligibility and selection process of the programme, is available in University website www.vssut.ac.in.* The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0029/2526 KK-142

**VEER SURENDRA SAI UNIVERSITY OF TECHNOLOGY**
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
www.vssut.ac.in

No.VSSUT/PGS&R/ 970/2025 Date: 17.07.2025

ADMISSION NOTICE
Executive M.Tech Programme (Industrial Safety)

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by Speed/Regd. Post only so as to reach the Dean, PGS&R, VSSUT, Burla, Sambalpur-768018 by 01.08.2025 (Friday), 5.00 PM.

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
REGISTRAR

OIPR-14072/11/0027/2526 KK-141

**AFFIDAVIT**

I, Somyashree Biswal, aged about 46 years, W/o- Jitendra Biswal, resident of Jorabaga, Belpahar, Dist-Jharsuguda, Pin-768217, Odisha declared by this affidavit No. CF-1070, dtd- 02/05/2025 that now onwards I shall be known as **CHINMAYEE BISWAL** for all future purposes.

**AFFIDAVIT**

I, Sasmita Devi, aged about 53 years, W/o- Basant Kumar Agrawal, resident of 12, Plot No-1534, Avalon valley, Kalyani Nagar, Raghunathpur Jalli, Po-KIIT, Bhubaneswar, Dist-Khurda, Pin- 751024, Odisha declared by this affidavit No. 496, dtd-05/08/2016 that now onwards I shall be known as **SASMITA DEVI AGRAWAL** for all future purposes

**AFFIDAVIT**

I, Ashis Ranjan Mohpatra, aged about 54 years, S/o-Gourang Charan Mohapatra, resident of At-Rekha Nivas, Subhadra Nagar, Ps- Bidanasi, Dist-Cuttack, Odisha, Pin-753014 declare by this affidavit No. 1401, dtd. 17/07/2025, that now onwards I shall be known as **ASHIS RANJAN MOHAPATRA** for all future purposes.

## ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

# ଓଡ଼ିଶା ବନ୍ଦ ପାଳନକୁ ସବୁ ମହଲରୁ ସମର୍ଥନ


ନୟାଗଡ଼


ଭାପୁର

ନୟାଗଡ଼,୧୭।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତିର ପ୍ରତିବାଦରେ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳଙ୍କ ଆହ୍ୱାନରେ ସଂଗଠିତ ବନ୍ଦ ଆନ୍ଦୋଳନକୁ ଜନସାଧାରଣଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ହେତୁ ବନ୍ଦ ସଫଳ ହୋଇପାରିଛି। ଦଳୀୟ କର୍ମୀମାନେ ସକାଳୁ ସକାଳୁ ନୟାଗଡ଼ ମୁଖ୍ୟ ଛକରେ ଧାରଣା ଦେଇ ପିକେଟିଂ କରିଥିଲେ। ନାରାବାଜି କରି ଛକକୁ ଅବରୋଧ କରିଥିଲେ। ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଦଳୀୟ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଅଫିସ, ବୀମା, ବ୍ୟାଙ୍କ, ସ୍କୁଲ, କଲେଜ ଆଗରେ ପିକେଟିଂ କରି କାର୍ଯ୍ୟ ବନ୍ଦ କରାଇଥିଲେ। ଓକିଲ ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରି ଜିଲ୍ଲା ଜଜ୍‌କୋର୍ଟଠାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ କାର୍ଯ୍ୟରୁ ନିବର୍ତ୍ତାଇ ଥିଲେ। ଫଳରେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଥିଲା। ବିକ୍ଷୋଭକାରୀମାନେ ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୋଲେଇ ଛକଠାରେ ସଭାକରି ସୌମ୍ୟାଶ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କରି ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା, ସମ୍ପୃକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପ୍ରଭୃତି ଦାବି ଉପରେ ନେତାମାନେ ମତବ୍ୟକ୍ତ କରିଥିଲେ। ଜାତୀୟ କଂଗ୍ରେସର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ, ରଣଜିତ୍ ଦାଶ, ମନୋଜ ସାହୁ, କମଳ ସାହୁ, ହୁସେନ ଖାଁ, ସିପିଆଇ ନେତା ଅମୀୟ ପଟ୍ଟନାୟକ, ସିପିଆଇଏମ୍ ନେତା ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ବୁଦ୍ଧି ନାୟକ, କୁଳମଣି ପୁଷ୍ଟି, ସିପିଆଇଏମ୍‌ଏଲ୍ ନେତା ଗୋପିନାଥ ଜେନା ପ୍ରମୁଖ ବିକ୍ଷୋଭ ସଭାରେ ମୋହନ ସରକାରର ବିଫଳତାକୁ କଟୁ ସମାଲୋଚନା କରିଥିଲେ। ଯୁବନେତା ପ୍ରତୀକ ମହାପାତ୍ର, ଛାତ୍ର ନେତା ଶିବରଞ୍ଜନ ସାହୁ ସମେତ ବହୁ ଯୁବ ଛାତ୍ର ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ପୁଲିସ ୨୦ ଜଣ ସତ୍ୟାଗ୍ରହୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିଲେ।

■ ଭାପୁର : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ କଂଗ୍ରେସ ତରଫରୁ ବଜାର ବନ୍ଦ କରିବା ସହ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରାଯାଇଥିଲା। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ଗୁରୁବାର ରାଜ୍ୟ କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦେଇଥିଲେ। ଏହି ବନ୍ଦକୁ ସଫଳ କରିବା ପାଇଁ ବୈଜୟନ୍ତୀବାଳା ମହାନ୍ତି ଓ ବିନୋଦିନୀ ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ୍ ସଭାପତି ବାଙ୍କନିଧି ଧଳ, ପୂର୍ବତନ ରାଜ୍ୟ ମୁଖପାତ୍ର ପ୍ରଦୀପ୍ତ କୁମାର ପ୍ରଧାନ, ଡିୱାଇଏଫ୍‌ୱାଇ ବିରଞ୍ଚି ନାରାୟଣ ପ୍ରଧାନ, ସିପିଆଇଏମ୍‌ର ଚାପଧାରୀ ରାଉତ, ପ୍ରତାପ ବରାଡ଼, ଜିଲ୍ଲା ଉପସଭାପତି ଦେବାଶିଷ ପରମଗୁରୁ ଓ ବାଳକୃଷ୍ଣ ଦାଶ ଭାପୁର ବଜାରରେ ସଭା କରି ଅପାରଗ ଶାସକ ଦଳର ନାରୀ ନିର୍ଯାତନା କିପରି ଚରମ ସୀମାରେ ପହଞ୍ଚିଛି ସେ ନେଇ ଜନସଚେତନତା ସୃଷ୍ଟି କରିଥିଲେ। ଡବଲ ଇଞ୍ଜିନ ସରକାରରେ ଦୁର୍ନୀତି, ନାରୀ ନିର୍ଯାତନା ଓ ଅନ୍ୟାୟ ଡବଲ ହୋଇଛି ବୋଲି କହିଥିଲେ। ବଜାରରେ ଥିବା ବ୍ୟାଙ୍କ, ବ୍ଲକ୍, ତହସିଲ୍ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ସହ ବଜାର ବନ୍ଦ କରାଇଥିଲେ। ଏହି ବନ୍ଦ ଯୋଗୁଁ ଭାପୁର ଅଞ୍ଚଳରେ ସଡ଼କ ଯାତାୟାତ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା।


ଖଣ୍ଡପଡ଼ା

■ ଗଣିଆ: ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ସାରା ରାଜ୍ୟରେ ଆନ୍ଦୋଳନର ନିଆଁ ଜଳିବାରେ ଲାଗିଛି। କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ଗଣିଆ ବ୍ଲକ୍‌ର ବରିଷ୍ଠ କଂଗ୍ରେସ କର୍ମୀଙ୍କ ନେତୃତ୍ୱରେ ବନ୍ଦ ପାଳନ ସଫଳ ହୋଇଥିଲା। ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରିଥିବାବେଳେ ସରକାରୀ ଅଫିସ, ତହସିଲ୍, ବ୍ଲକ୍, ସ୍କୁଲ, କଲେଜରେ କଂଗ୍ରେସ କର୍ମୀ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରିବାକୁ ନିବେଦନ କରିଥିଲେ। ଗଣିଆ ବଜାର ଉପରେ ଟାୟାର ଜାଳି ପ୍ରତିବାଦ କରିବା ସହିତ ନାରାବାଜି କରିଥିଲେ। ବିଜେପି ସରକାରରେ ୧ ବର୍ଷ ଭିତରେ ମହିଳାଙ୍କ ପ୍ରତି ଅନ୍ୟାୟ, ଅତ୍ୟାଚାର ବୃଦ୍ଧି ପାଇଥିବାରୁ ସରକାର ଗାଦି ଛାଡ଼ନ୍ତୁ ବୋଲି ସେମାନେ ଦାବି କରିଥିଲେ। ଗଣିଆ ବ୍ଲକ୍ କଂଗ୍ରେସର ବରିଷ୍ଠ କର୍ମୀ ସୁକାନ୍ତ ଶତପଥୀ, ଅବ୍‌ଦୁଲ୍ ହଲିମ୍ ଖାଁ, ରବିନ୍ଦ୍ର ରାଉତ, ପ୍ରଦୀପ୍ତ ମହାପାତ୍ର, ତ୍ରିନାଥ ବେହେରା, ଯୋଗୀ ସାହୁ, ବାବୁନି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପ୍ରମୁଖ ବ୍ଲକ୍‌ର ପ୍ରମୁଖ ଛକଗୁଡ଼ିକରେ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

■ ଖଣ୍ଡପଡ଼ା: ଖଣ୍ଡପଡ଼ାରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି ଓ ବୈଜୟନ୍ତୀମାଳା ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀ, କର୍ମକର୍ତ୍ତାମାନେ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଥିଲେ। ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତ୍ରୀ ଓ ନେତାମାନେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ସମଗ୍ର ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ନ୍ୟାୟ ପାଇବା ପାଇଁ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରିଯାଇଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦଳୀୟ ନେତାମାନେ ଦାବି କରିଥିଲେ। କଂଗ୍ରେସ ସଂଗଠକ ଦେବାଶିଷ ପରମଗୁରୁ, ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ଦଳୀୟ କର୍ମୀ ଓ ମହିଳାମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ଓଡ଼ଗାଁ: ଓଡ଼ଗାଁଠାରେ ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ଓଡ଼ଗାଁ ବନ୍ଦ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ରହିଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କେତେକ କଂଗ୍ରେସ କର୍ମୀ ହାତରେ ପ୍ଲାକାର୍ଡ ଧରି ଓଡ଼ଗାଁ ଥାନା ନିକଟ ବସ୍‌ଷ୍ଟାଣ୍ଡ ସାମ୍ନାରେ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଥିସହିତ ଓଡ଼ଗାଁ ଏନ୍‌ଏସି ଅଞ୍ଚଳ ମନ୍ଦିର ରୋଡ୍, ସିନେମା ହଲ୍ ଛକ ଏବଂ ଗ୍ୟାରେଜ ରୋଡ୍‌ରେ ଅନେକ ଦୋକାନ ବଜାର ସ୍ୱାଭାବିକ ଭାବେ ବ୍ୟବସାୟ କରୁଥିବାବେଳେ ମଧ୍ୟାହ୍ନ ୧୨ଟା ବେଳକୁ କର୍ମୀମାନଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। କାର୍ଯ୍ୟକ୍ରମରେ ରଣଜିତ ଦାସ, ପ୍ରତୀକ ମହାପାତ୍ର, ଶିବରାମ ସାହୁ, ବସନ୍ତ କର, ବିଭୂତି ରାଉତ, ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ନିରଞ୍ଜନ ରାଉତ, ନିରଞ୍ଜନ ଆଚାରୀ, ସୋମନାଥ ସାହୁ, ବସନ୍ତ ମହାଙ୍କୁଡ଼, ଦେବରାଜ ପାହାନ, ପ୍ରତାପ ବିଶୋଇ, ବିଜି ପ୍ରଧାନ, କରୁଣାକର ସେଠୀ, ପୂର୍ଣ୍ଣ ଚନ୍ଦ୍ର ଡାକୁଆ ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଆଇଆଇସି ଅଭୟ ବେହେରାଙ୍କ ଦ୍ୱାରା ପୁଲିସ ମୁତୟନ ବ୍ୟବସ୍ଥା କରାଯାଇଥିଲା।


ଓଡ଼ଗାଁ


ଗଣିଆ

## ଆଜି ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

# ଉଠିବ କି ମେଡିକାଲ କଲେଜ ଓ ଚିନିକଳ ପ୍ରସଙ୍ଗ

ନୟାଗଡ଼,୧୭।୭(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନଗୁଡ଼ିକରେ ଯାହା ଆଲୋଚନା ହେଉଛି, ତାହା କାର୍ଯ୍ୟକାରୀ ହେଉନି। ବିଗତ ଦିନରେ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟମାନେ ଏହାକୁ ନେଇ ତୁମ୍ବିତୋଫାନ କରିଥିଲେ। ଆଲୋଚନା ପ୍ରସ୍ତାବଗୁଡ଼ିକ କେବଳ ରିଜୋଲେସନ ବହିରେ ସୀମିତ ରହୁଥିବା ଆଲୋଚନା ହେଉଛି। ବିଗତ ଦିନରେ ହୋଇଥିବା ଅନେକ ଆଲୋଚନାକୁ ଲକ୍ଷ୍ୟ କଲେ ଏହା ବେଶ୍ ବାରି ହେଉଛି। ଅଷ୍ଟମ ସାଧାରଣ ଅଧିବେଶନରେ ପୁରୀ ସାଂସଦ ସମ୍ବିତ୍ ପାତ୍ର ଚିନିକଳ ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ। ଉକ୍ତଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହାକୁ ନେଇ ଏକ ସମୀକ୍ଷା କରିଥିଲେ। ପୁରୁଣା ଚିନିକଳ କାର୍ଯ୍ୟକ୍ଷମ ହେବା ଅବସ୍ଥାରେ ନ ଥିବାରୁ ନୂତନ ଚିନିକଳ ନିର୍ମାଣ କରିବାକୁ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ଏହି ନୂଆ ଚିନିକଳ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲ୍ଲା ମହୋତ୍ସବ ଉଦ୍‌ଘାଟନ ଦିବସରେ ମଧ କହିଥିଲେ। ନୂତନ ଚିନିକଳ ନିର୍ମାଣ କେତେବାଟ ଗଲା ତାହା ଜିଲ୍ଲାବାସୀଙ୍କ ମନରେ ବଡ଼ ପ୍ରଶ୍ନଭାବେ ଉଭାହୋଇଛି।

ସେହିଭଳି ମେଡିକାଲ କଲେଜ ନିର୍ମାଣ ପାଇଁ ଖଣ୍ଡପଡ଼ା ବିଧାୟକଙ୍କ ସମେତ ବହୁ ନେତା ଜିଲ୍ଲା ପରିଷଦ ବୈଠକରେ ପ୍ରସଙ୍ଗ ଉଠାଇଥିଲେ। ଏହା ଉପରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ କ'ଣ କରାଯାଇଛି, ତାହା ଜିଲ୍ଲାବାସୀ ଜାଣିବାର ଆବଶ୍ୟକତା ରହିଛି। ମେଡିକାଲ କଲେଜ ଓ ଚିନିକଳ ନୟାଗଡ଼ ଜିଲ୍ଲାର ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଥିବାବେଳେ କିଛି ନେତା ଏହାକୁ ନେଇ ବେଶ୍ ରୁଟି ସେକି ସାରିଲେଣି। ମେଡିକାଲ କଲେଜ ଚାନ୍ଦପୁରରେ ଏବଂ ଚିନିକଳ ଗମେଇରେ ନିର୍ମାଣ କରାଯିବା ନେଇ ଯେଉଁ ଚର୍ଚ୍ଚା ହେଉଛି, ଏହା ଉପରେ ଜିଲ୍ଲା ପ୍ରଶାସନ ସ୍ୱଷ୍ଟ ମତ ରଖିବା ଆବଶ୍ୟକ ଅଟେ। ଜିଲ୍ଲା ପରିଷଦ ବୈଠକରେ କାହିଁକି ଏହି ପ୍ରସଙ୍ଗ ଆଲୋଚନା ହେବ ନାହିଁ ବୋଲି ଜନୈକ ଜିଲ୍ଲା ପରିଷଦ ସଦସ୍ୟ କହିଛନ୍ତି। ଏହା ବ୍ୟତିରେକ ବନ ବିଭାଗ ପକ୍ଷରୁ କରାଯାଇଥିବା ଅନେକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲା ପରିଷଦ ସୁପାରିସ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସୁପାରିସ୍ କରାଯାଇଛି ନା ନାହିଁ। ଯଦି କରାଯାଇଛି, ତଦନ୍ତ କାହିଁକି ହୋଇନାହିଁ ବୋଲି ଜିଲ୍ଲାବାସୀ ଅନ୍ଧାରରେ ରହିଛନ୍ତି। ବନ ବିଭାଗ ଅଧିକାରୀମାନେ ଜିଲ୍ଲା ପରିଷଦ ବୈଠକକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ବଡ଼ ସମସ୍ୟା ଏବଂ ସଦସ୍ୟଙ୍କ ବାରମ୍ବାର କ୍ଷୋଭ ଦେଖାଯାଇଛି। ଏହା ଉପରେ ସରକାରଙ୍କୁ ଅବଗତ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଖୋର୍ଦ୍ଧା ବନଖଣ୍ଡରୁ ରଣପୁର ବନାଞ୍ଚଳକୁ ନୟାଗଡ଼ ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ କି ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ମଧ ଜିଲ୍ଲାବାସୀ ଅଜ୍ଞ ରହିଛନ୍ତି। ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେଉଥିଲେ ମଧ ବାସ୍ତବରେ ତାହା ସଠିକ୍ ଦିଗରେ କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଇଛି।

## ସ୍ୱାମୀଙ୍କ ଅକାଳ ମୃତ୍ୟୁ; ସ୍ତ୍ରୀଙ୍କୁ ମିଳିଲା ୨ ଲକ୍ଷ




ଓଡ଼ଗାଁ,୧୭।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ବ୍ଲକ୍ ଗୁମୀ ପଞ୍ଚାୟତ କଲିଆ ନିକଟ ରାଣୀଗମା ଗାଁର ଅନୁସୂଚିତ ଜନଜାତି ମହିଳାଙ୍କୁ ଷ୍ଟେଟ୍ ବ୍ୟାଙ୍କ୍ ଓଡ଼ଗାଁ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସ୍ୱାମୀ ଲୋକନାଥ ପ୍ରଧାନଙ୍କ ମୃତ୍ୟୁର ୨୦ ମାସ ପରେ ସ୍ୱାମୀଙ୍କ ଜମାଖାତାରେ ଥିବା ଜମା ଅର୍ଥ ଉଠାଣ କରି ଖାତା ବନ୍ଦ କରିବାକୁ ସ୍ତ୍ରୀ ନୟନୀ ଷ୍ଟେଟ୍ ବ୍ୟାଙ୍କ୍ ଓଡ଼ଗାଁ ଶାଖାକୁ ଆସିଥିଲେ। ଟଙ୍କା ଉଠାଣବେଳେ ସ୍ୱାମୀ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୪୩୬ ଟଙ୍କା ପ୍ରିମିୟମ୍ ଦାଖଲ କରିଥିବା ଜଣାପଡ଼ିଥିଲା। ଲୋକନାଥଙ୍କୁ ୫୫ ବର୍ଷ ବୟସ ହେବା ପୂର୍ବରୁ ତାଙ୍କର ଅକାଳ ବିୟୋଗ ହୋଇଥିଲା। କିନ୍ତୁ ମୃତ୍ୟୁର ୨୦ ମାସ ପରେ ବୀମା ସମ୍ପର୍କରେ ଜଣାପଡ଼ିବାରୁ ଏବଂ ବିଳମ୍ବ କାରଣରୁ ବୀମା ଅର୍ଥ ମଞ୍ଜୁର କରିବା ନିମନ୍ତେ ବ୍ୟାଙ୍କ ପରିଚାଳକଙ୍କ ତରଫରୁ ତ୍ୱରିତ ସମସ୍ତ ପ୍ରକାରର ଆବଶ୍ୟକ ପ୍ରମାଣ ଏବଂ ତଥ୍ୟ ବୀମା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱାମୀଙ୍କ ଜମା ଖାତାର ନୋମିନି ଭାବରେ ସ୍ତ୍ରୀ ନୟନୀଙ୍କ ଜମାଖାତାକୁ ୨ଲକ୍ଷ ଟଙ୍କାର ବୀମା ଅର୍ଥ ପ୍ରଦାନ କରାଯାଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି ନୟନୀ।

## ରାସ୍ତାରେ ଭାସୁଛି ନର୍ଦ୍ଦମା ଜଳ



କଣ୍ଟିଲୋ,୧୭।୭(ସମିସ): ବାଘମାରୀ-ବଲାଙ୍ଗିର ୪୮ ନଂ ରାଜ୍ୟ ରାଜପଥ ବଡ଼ବାଣପୁର ଛକ ନିକଟରେ ରାସ୍ତାସାରା ବର୍ଷ ତମାମ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି। ଏହି ନର୍ଦ୍ଦମା ରାସ୍ତା ଦେଇ ଜନସାଧାରଣ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏଠାରେ ରାସ୍ତା ସଂଲଗ୍ନ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଗ୍ରାମରୁ ନିର୍ଗତ ନର୍ଦ୍ଦମା ଜଳ ରାଜପଥରେ ଜମି ରହୁଛି। ବିସ୍ମୟ ଯେ, ଉକ୍ତ ରାଜପଥ ବାଣପୁର ରାସ୍ତାରେ ନର୍ଦ୍ଦମା ଜଳ ଭାସୁଥିବାବେଳେ ଆଉ ମାତ୍ର କେଇ ମିଟର ଦୂର ହାଇସ୍କୁଲ ପାଖର୍ ରାସ୍ତାରେ ଆବଶ୍ୟକ ନ ଥାଇ ଚାଲିଛି ଡ୍ରେନ୍ ନିର୍ମାଣ। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ସହ ଗଣିଆ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଉକ୍ତ ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଉଥିଲେ ମଧ ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାସ୍ତା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ୬ ବର୍ଷ ହେଲା ଅଧପନ୍ତରିଆ ଦୋକାନ ଗୃହ



ଗଣିଆ,୧୭।୭(ସମିସ): ବେରୋଜଗାର ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଗ୍ରାମଗୁଡ଼ିକରେ ସରକାର ମାର୍କେଟ କମ୍ପ୍ଲେକ୍ସ ଅଥବା ଦୋକାନ ଗୃହ ନିର୍ମାଣ କରିଛନ୍ତି। ଯାହାଫଳରେ ସେମାନେ ଦି ପଇସା ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିପାରିବେ। ୬ ବର୍ଷରୁ ଅଧିକ ସମୟ ଧରି ଦୋକାନ ଗୃହ ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଣିଆ ବ୍ଲକ୍ କରଡ଼ାପଡ଼ା ପଞ୍ଚାୟତ ରଗଡ଼ିସାହି ଛକଠାରେ। ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଉକ୍ତ ସ୍ଥାନରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୫ ବଖରା ଦୋକାନ ଗୃହ ମଧ ସେଠାରେ ନିର୍ମାଣ କରାଯାଇଛି। ତାହା ଆଜିପର୍ଯ୍ୟନ୍ତ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଏହି ଯୋଜନାର ସଫଳ ରୂପାୟଣ ହୋଇପାରୁ ନାହିଁ। ଫଳରେ ଏଠାରେ ଗ୍ରାମବାସୀ ଶୁଖିଲା କାଠ ରଖିବା ସହିତ ବୁଲା ଗାଇଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଏହି ଗୃହ ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନବୋଦୟ ବିଦ୍ୟାଳୟରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

ନୟାଗଡ଼,୧୭।୭(ସମିସ): ନୟାଗଡ଼ ନବୋଦୟ ବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଛାତ୍ରୀଙ୍କ ଅବସ୍ଥା ଉଦ୍‌ବେଗ ରହିଛି। ଅନେକ ଛାତ୍ରୀ ଚେତାଶୂନ୍ୟ ହୋଇ ପଡୁଥିବା ସୂଚନା ମିଳିଛି। ୧୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଛାତ୍ରୀଙ୍କୁ ଚିକିତ୍ସା କରାଯିବା ସହ ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଟିମ୍ ବିଦ୍ୟାଳୟକୁ ଯାଇଥିବା ସୂଚନା ମିଳିଛି।

## ଦୁଇ ବର୍ଷ ତଳୁ ସରିଛି ନିର୍ମାଣ

# କାର୍ଯ୍ୟକ୍ଷମ ହେଉନି ଓଏଭି ଛାତ୍ରୀନିବାସ



ଗଣିଆ,୧୭।୭(ସମିସ): ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ପାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରିଥିଲେ। ପ୍ରତି ବ୍ଲକ୍‌ରେ ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କର ନାମଲେଖା ହେଉଛି। ଏପରିକି ଛାତ୍ରଛାତ୍ରୀମାନେ ସେଠାରେ ରହି ପାଠ ପଢ଼ିବାକୁ ଛାତ୍ରୀନିବାସ ତିଆରି ହୋଇଛି। ଗଣିଆରେ ଏହି ଛାତ୍ରୀନିବାସ ନିର୍ମାଣ ପାଇଁ ଡିସେମ୍ବର ୨୦୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ପାଖାପାଖି ଦୁଇ ବର୍ଷ ହେବ ସରିଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଠାରେ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଫଳରେ ଛାତ୍ରୀମାନେ ଗାଡ଼ି ଭଡ଼ା କରି ପାଠ ପଢ଼ିବାକୁ ଆସୁଛନ୍ତି। ଅଭିଭାବକମାନେ ଏଥିପାଇଁ ଅଯଥାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଯିବାଆସିବା, ଟ୍ୟୁସନ ଖର୍ଚ୍ଚ ବାବଦକୁ ହଜାର ହଜାର ଟଙ୍କା ଦେଇ ନ ପାରି ଆଦର୍ଶ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ମଧ ଗରିବ ମଧ୍ୟବିତ ଛାତ୍ରଛାତ୍ରୀମାନେ ଏଠାରେ ପାଠପଢ଼ି ପାରୁନାହାନ୍ତି। ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ କାହିଁକି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ତାହା ଏବେ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଉକ୍ତ ଗୃହ ଚାରିପାଖେ ଅନାବନା ଗଛଲତା ଉଠି ଜଙ୍ଗଲରେ ପରିଣତ ହେବା ସହିତ କାନ୍ଥଗୁଡ଼ିକ ଶିଉଳି ପଡ଼ି କଳା ହୋଇଗଲାଣି। ଆଦର୍ଶ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାବେଳେ କିଛି ଅପାରଗ ଅଧିକାରୀମାନଙ୍କ ଯୋଗୁଁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ତୁରନ୍ତ ଏହି ଛାତ୍ରୀନିବାସ କାର୍ଯ୍ୟକାରୀ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

# କାଠମୁହଁରେ ଜୀବନ ଭରନ୍ତି କାଳିଆ





ଖଣ୍ଡପଡ଼ା,୧୭।୭(ସମିସ): କୁଶଳୀ କାରିଗର, କୁଟୀରଶିଳ୍ପ, ଚିତ୍ରକଳା, ବହୁ ପୁରାତନ ହାତୀଦାନ୍ତ ଓ କାଷ୍ଠ ହସ୍ତଶିଳ୍ପ କାରୁକାର୍ଯ୍ୟ ପାଇଁ ଖ୍ୟାତିଲାଭ ଖଣ୍ଡପଡ଼ାରେ ପ୍ରସିଦ୍ଧ କାଠମୁଖା ବେଶ୍ ଆକର୍ଷଣୀୟ। ଖଣ୍ଡପଡ଼ା କୁମ୍ଭାରସାହିର କିଛି କୁଶଳୀ ଚିତ୍ରକର ପରିବାର ପାର୍ବଣ ଋତୁରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରିବା ସହିତ ପାରମ୍ପରିକ କାଠମୁଖା ତିଆରି କରି ପରିବାର ଚଳାଉଥିବାବେଳେ ସେମାନଙ୍କ ଏହି କଳା, କାରିଗରୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବାସଗୃହର ଶୋଭାବର୍ଦ୍ଧନ କରିଥାଏ। ଏସବୁ କଳା କାରିଗରୀର ନିପୁଣ ବିନ୍ଧାଣିମାନେ ନାନା ପ୍ରକାର ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଛି। ସମସ୍ୟାକୁ ମାତ୍ ଦେଇ ମୁଖା କାରିଗରମାନେ ସେମାନଙ୍କ କଳାକୁ ରାଜ୍ୟ ତଥା ଦେଶରେ ପରିଚିତ କରାଇଛନ୍ତି। କୂଳବେଉସା ଓ ମୁଖା କାରିଗରୀ କାମକୁ ବଞ୍ଚାଇ ରଖିବା ପାଇଁ ବରିଷ୍ଠ ଶିଳ୍ପୀ କାଳିଆ ମହାପାତ୍ରଙ୍କ ଉଦ୍ୟମ ସବୁଠାରୁ ଅଧିକ। ୪୦ବର୍ଷ ଧରି ବିଭିନ୍ନ ଝଡ଼ଝଞ୍ଜା ମଧ୍ୟରେ ଏହି କୂଳବେଉସାକୁ ଜାବୁଡ଼ି ଧରିଛନ୍ତି ସେ। ସାହିର ପ୍ରାୟ ୧୦ଟି ପରିବାର କାର୍ଯ୍ୟ କରୁଥିବାବେଳେ କାଳିଆଙ୍କ ନିଖୁଣ କାରୁକାର୍ଯ୍ୟ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ ବେଶ୍ ଆଦୃତ ହୋଇପାରିଛି। ଭିତ୍ତିଭୂମି ଏବଂ ବିଭିନ୍ନ ଆନୁଷଙ୍ଗିକ ପ୍ରୋତ୍ସାହନ ସୁବିଧା ନ ଥିବାରୁ ଏହି ପାରମ୍ପରିକ ମୁଖା ଚିତ୍ରକଳାକୁ ଆଗକୁ ନେବାରେ ସମସ୍ୟା ସୃଷ୍ଟି ହେଉଥିବା ସେ କହିଛନ୍ତି। ପ୍ରାୟ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବଂଶାନୁକ୍ରମେ ଏହି କାର୍ଯ୍ୟ ସେମାନେ କରି ଆସୁଥିବା କହିଛନ୍ତି। ବିଶେଷକରି ଶିମିଳି, ନିମ୍ବ, ପାଳଧୂଆ କାଠରେ ଚତୁର୍ଦ୍ଧାମୂର୍ତ୍ତି, ହନୁମାନ, ରାବଣ, ଗଣେଶ, ଦେବଦେବୀ, ବ୍ୟାଘ୍ର ସମେତ ବିଭିନ୍ନ ରାକ୍ଷସଙ୍କ ମୁଖା ତିଆରି କରୁଛନ୍ତି। ଏହିସବୁ କାରୁକାର୍ଯ୍ୟକୁ ଚତୁର ବ୍ୟବସାୟୀମାନେ ଦେଶର ବିଭିନ୍ନ ସହରରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ପାଉଥିବାବେଳେ କାରିଗର ହିସାବରେ କେବଳ ପାରିଶ୍ରମିକ ମିଳୁଥିବା କହିଛନ୍ତି କାଳିଆ। ମୁଖାର ଆକାର ଅନୁଯାୟୀ ୧ ହଜାର ଟଙ୍କାରୁ ଆରମ୍ଭ କରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ସେ କହିଛନ୍ତି। ବର୍ତ୍ତମାନ ପୌରାଣିକ ନାଟକରେ କଳାକାରମାନେ ପୂର୍ବପରି ମୁଖା ବ୍ୟବହାର କରୁ ନ ଥିବାବେଳେ ସହରରେ ଥିବା ବିଭିନ୍ନ ନାମିଦାମୀ ହୋଟେଲ, ରେସ୍ତୋରାଁ ଏବଂ ଘର ସଜାଇବା ପାଇଁ ମୁଖାର ଚାହିଦା ଥିବା ସେ କହିଛନ୍ତି। ଏତଦ୍‌ବ୍ୟତୀତ ଆଖିଦୃଶିଆ କାରୁକାର୍ଯ୍ୟ ହେଉଥିଲେ ମଧ ଏସବୁ ପାଇଁ କାଠର ଅଭାବ ଥିବା କହିଛନ୍ତି। ସେହିପରି ପାରମ୍ପରିକ ହତିଆର ଯଥା- ବଟାଳି, ବାରିସି, କରତ, ନିହାଣ ଆଦିରେ କାମ କରିବା ଯୋଗୁଁ ଅଧିକ ସମୟ ସହ କାଠ ମଧ ଅପଚୟ ହେଉଛି। ଏହି ଅସୁବିଧା ଦୂର କରିବା ନିମନ୍ତେ ଆଧୁନିକ ମେସିନ ତଥା ପ୍ରଶିକ୍ଷଣ ସହ ଆର୍ଥିକ ସହାୟତା ମିଳିପାରିଲେ ବହୁ ଆଗକୁ ବଢ଼ିପାରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଜିଲ୍ଲା ପ୍ରଶାସନ କୁଶଳୀ କାରିଗରଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଇଦେଲେ ଏହି ପାରମ୍ପରିକ ମୁଖା କଳାକୃତି ବଞ୍ଚିରହିବା ସଙ୍ଗେସଙ୍ଗେ କାଳିଆଙ୍କ ପରି ବହୁ କାରିଗର ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ।

### ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

# ଖୋର୍ଦ୍ଧାରେ ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ସଫଳ









ଖୋର୍ଦ୍ଧା,୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ସରକାରୀ ଉଦାସିନତା ପ୍ରତିବାଦରେ କଂଗ୍ରେସ ଏବଂ ଅନ୍ୟ ୭ଟି ବିରୋଧୀ ଦଳ ଗୁରୁବାର ୧୨ଘଣ୍ଟିଆ ବନ୍ଦ ଡକରା ଦେଇଥିଲେ। ଖୋର୍ଦ୍ଧାରେ ଶାନ୍ତିପୂର୍ଣ୍ଣଭାବେ ଏହା ସଫଳ ହୋଇଥିବା ଦେଖାଯାଇଛି। ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଦୋକାନ, କୋର୍ଟକୁ ବାଦ୍ ଦେଲେ ସ୍ୱତଃପ୍ରବୃତ୍ତ ଭାବେ ସମସ୍ତ ଦୋକାନ ବଜାର, ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟାଲ, ଏଲ୍ଆଇସି, ଶିକ୍ଷାନୁଷ୍ଠାନ, ପେଟ୍ରୋଲ୍ ପମ୍ପ୍ ପ୍ରଭୃତି ବନ୍ଦ ରହିଥିଲା। ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଜନଶୂନ୍ୟ ରହିଥିଲା।

ଗୁରୁବାର ସକାଳ ୭ଟାରେ କଂଗ୍ରେସ, ସିପିଆଇଏମ୍, ସିଟୁ, ଏଆଇସିୟୁଟିୟୁସି, ଏଆଇଡିଏସ୍‌ଓ ପ୍ରଭୃତି ଦଳର କର୍ମୀମାନେ ନୂଆ ବସ୍‌ଷ୍ଟାଣ୍ଡରେ ପିକେଟିଂ କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ, କଂଗ୍ରେସ ମୁଖପାତ୍ର ଅମିତ୍ ମହାନ୍ତି, ବରିଷ୍ଠ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର ପରିଡ଼ା, ସ୍ୱାଗତିକା ପଟ୍ଟନାୟକ, ବିଶ୍ୱରଞ୍ଜନ ବଡ଼ଜେନା, ଶିଳାଦିତ୍ୟ ପଟ୍ଟନାୟକ, ସୌମ୍ୟରଞ୍ଜନ ବରାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଅଶୋକ ସାହୁ, ସିଟୁ ସମ୍ପାଦକ ଶୈଳେଶ ବଳିଆରସିଂହ, କିଶୋର ଚନ୍ଦ୍ର ପରମଗୁରୁ, ଯୋଗେନ୍ଦ୍ର ଦାସ, ଯୁଗଳ ପ୍ରଧାନ, ଏଆଇସିୟୁଟିୟୁସିର ଜିଲ୍ଲା ସଭାପତି ଅଶୋକ ସାହୁ, ଏଆଇଡିଏସ୍‌ଓ ଖୋର୍ଦ୍ଧା ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅଭିନାଶ ପ୍ରଧାନ, ରାକେଶ ପ୍ରଧାନ, ଅରୁଣ ନାୟକ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, କାର୍ତ୍ତିକ ଘଡ଼େଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଟାଙ୍ଗୀ:** ଗୁରୁବାର ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ସଫଳତା ଦେଖିବାକୁ ମିଳିଥିଲା। ଛାତ୍ରୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ କଂଗ୍ରେସ ସହିତ ୮ଟି ଦଳର ସହଯୋଗରେ ଓଡ଼ିଶା ବନ୍ଦ ଡକରା ସଫଳ ହୋଇଥିବା ଜଣାପଡ଼ିଛି। ଘଟଣାରେ ସାଧାରଣ ଜନତାଙ୍କର ସହଯୋଗ, ସହଭାଗିତା ଏବଂ ସମର୍ଥନ ଯୋଗୁଁ ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସହିତ ଚାନ୍ଦପୁରରେ ବଜାରଘାଟ, ଦୋକାନ ବଜାର, ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ଏପରିକି ଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟ, ସମସ୍ତ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ଚାନ୍ଦପୁର ଷ୍ଟେଟ୍ ବ୍ୟାଙ୍କ, ରାଜସ୍ୱ କାର୍ଯ୍ୟାଳୟ, କାନ୍ଧ ନୟାଗଡ଼ର ସମସ୍ତ ଶିକ୍ଷାନୁଷ୍ଠାନ, ରାସ୍ତାରେ ଗାଡ଼ିମୋଟର ଯାତାୟାତ ଠପ୍ ହୋଇଯାଇଥିଲା। ଚାନ୍ଦପୁରରେ ପଞ୍ଚାୟତ ସଭାପତି ପାର୍ଥସାରଥୀ ପାତ୍ର, ସମ୍ପାଦକ ସୁଜିତ ସାହୁ, ପୂର୍ବତନ ରଣପୁର ବ୍ଲକ୍ ସଭାପତି ଧ୍ରୁବଚରଣ ପରିଡ଼ାଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସେହିପରି ଟାଙ୍ଗୀ ବ୍ଲକ୍‌ରେ ବାମପନ୍ଥୀ ନେତା ଗିରିଶ ମହାରଣା, ବିଚ୍ଛନ୍ଦ କୁମାର ଜୟସିଂ, ହୁରୁଶି ପଲ୍ଲେଇ, ସୁକାନ୍ତ ରାଉତ, ପ୍ରଶାନ୍ତ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ, ସେକ୍ ସାଜିଦ୍‌ଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। କୁହୁଡ଼ି ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ ଶତାଧିକ ଗାଡ଼ିମୋଟର ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା।

**ନିରାକାରପୁର:** ଗୁରୁବାର ଓଡ଼ିଶାରେ କଂଗ୍ରେସ ସମେତ ଅନ୍ୟ ୭ଟି ବିରୋଧୀ ଦଳ ଏକାଠି ହୋଇ ୧୨ଘଣ୍ଟିଆ ବନ୍ଦ ଡକରା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର, ଜଙ୍କିଆ ଓ ଏହାର ପାଖାପାଖି ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ନିରାକାରପୁର ରେଳ ଷ୍ଟେସନ ନିକଟରୁ ସିପିଆଇଏମ୍ ନେତା ବିଧୁ ଭୂଷଣ ମହାରଣାଙ୍କ ନେତୃତ୍ୱରେ ଏକାଧିକ କର୍ମୀମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଖୋଲାଥିବା ବ୍ୟାଙ୍କ, ଡାକଘରକୁ ସେମାନେ ବନ୍ଦ କରିଦେଇଥିଲେ। ସେହିପରି ରାମେଶ୍ୱର ଛକ ଓ ଜଙ୍କିଆ ଅଞ୍ଚଳରେ କଂଗ୍ରେସ ନେତା ବିଶ୍ୱଭୂଷଣ ଛୋଟରାୟଙ୍କ ନେତୃତ୍ୱରେ ଦୋକାନ, ବଜାର, ବିଭିନ୍ନ ସରକାରୀ, ବେସରକାରୀ ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିରାକାରପୁର ପୁଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟ ଓ ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ବାହିନୀ ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା।

**ବୋଲଗଡ଼:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ କଂଗ୍ରେସର ଆହ୍ୱାନରେ ଗୁରୁବାର ଓଡ଼ିଶା ବନ୍ଦ ଡକରା ନେଇ ବୋଲଗଡ଼ରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ହୋଇଛି। ବୋଲଗଡ଼ରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଦୋକାନ ବଜାର ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ କରିବାକୁ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ଉପରେ ପ୍ରଭାବ ପଡ଼ିଥିଲା। ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା



ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରି କଂଗ୍ରେସର କର୍ମୀମାନେ ବୋଲଗଡ଼ ଗୋପବନ୍ଧୁ ଛକଠାରେ ଆନ୍ଦୋଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ପ୍ୟାରୀମୋହନ ଦାସ, ଧୀରେଶ ଚନ୍ଦ୍ର ମହାପାତ୍ର, ଜୟକୃଷ୍ଣ ପ୍ରହରାଜ, ରମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରକାଶ ରଥ, ଗଣେଶ୍ୱର ସୁବୁଦ୍ଧି, ସୀମାଞ୍ଚଳ ଖଣ୍ଡାଇଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**ଜଟଣୀ:** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ବନ୍ଦ ଡକରା ଦିଆଯାଇଥିଲା। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ କଂଗ୍ରେସ, ସିପିଆଇଏମ୍, ଓଡ଼ିଶା କୃଷକ ସଭା ସଂଗଠନ, ଖେତ ମୂଲିଆ ମଜଦୂର ସଂଘ, ଶ୍ରମିକ ୟୁନିୟନ ଆଦି ମିଳିତ ଭାବେ ଓଡ଼ିଶା ବନ୍ଦକୁ ସଫଳ କରିଛନ୍ତି। ଏହି ବନ୍ଦବେଳେ ଜଟଣୀ କଂଗ୍ରେସ ୨ ଦଳ ଅଲଗା ଅଲଗା ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ଗୋଷ୍ଠୀ ଓ ନଗର ସଭାପତି ଅଶୋକ ମଙ୍ଗରାଜଙ୍କ ଗୋଷ୍ଠୀ ପକ୍ଷରୁ ଅଲଗା ଅଲଗା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସରେ ଥିବା ଗୋଷ୍ଠୀ ବିବାଦ ଜଳଜଳ ହୋଇ ଦେଖାଯାଉଥିଲା। କଂଗ୍ରେସର ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇ ସହରରେ ଦୋକାନ ବଜାର, ସୋ'ରୁମ୍ ଇତ୍ୟାଦି ପୂର୍ବରୁ ବନ୍ଦ ଥିବାବେଳେ ପେଟ୍ରୋଲ ପମ୍ପ୍, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡ଼ିକ ଖୋଲାଥିବାର



ଦେଖାଯାଇଥିଲା। ଉଭୟ ଗୋଷ୍ଠୀ ଅଲଗା ଅଲଗା ହୋଇ ପେଟ୍ରୋଲ୍‌ପମ୍ପ୍ ଏବଂ ବ୍ୟାଙ୍କରେ ପଶି ବନ୍ଦ କରିବାକୁ ଚେତାବନୀ ଦେଉଥିବାର ଦେଖିବାକୁ ମିଳିଥିଲା। ଏପରିକି କଂଗ୍ରେସର ଏହି ୨ ଗୋଷ୍ଠୀରେ ସିପିଆଇଏମ୍‌ର ନେତା ଓ କର୍ମୀମାନେ ମଧ୍ୟ ଅଲଗା ଅଲଗା ହୋଇ ବୁଲୁଥିଲେ।

**ବାଲୁଗାଁ:** ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜାତୀୟ କଂଗ୍ରେସ ଓଡ଼ିଶା ବନ୍ଦ ଡକରା ଦେଇଥିବାବେଳେ ସିପିଆଇଏମ୍‌ଏଲ୍, ସିପିଆଇ, ସିପିଏମ୍ ଆଦି ୮ଟି ବିରୋଧୀ ଦଳ ଏହି ବନ୍ଦ ଡାକରାରେ ସାମିଲ ହୋଇ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ କରିଥିଲେ। ଏହି ପରିପ୍ରେକ୍ଷୀରେ ଚିଲିକା କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁ, ସିପିଆଇଏମ୍‌ଏଲ୍‌ର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ମୁରଲୀଧର ବେହେରା, ଟ୍ରେଡ୍ ୟୁନିୟନର ଜିଲ୍ଲା ସମ୍ପାଦକ ଶରତଚନ୍ଦ୍ର ବରାଳ, ସିପିଏମ୍‌ର ବ୍ରଜବନ୍ଧୁ ଘଡ଼ାଇ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇ ବାଣପୁର, ନାଚୁଣୀ, ଗମ୍ଭାରିମୁଣ୍ଡା ଓ ବାଲୁଗାଁ ବଜାର ଅଞ୍ଚଳରେ ପିକେଟିଂ କରି ପେଟ୍ରୋଲ୍ ପମ୍ପ୍, ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ ବେସରକାରୀ କାର୍ଯ୍ୟାଳୟ ସହ ଦୋକାନ ବଜାର ବନ୍ଦ କରିଥିଲେ। ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଏହି ବନ୍ଦ ଆଂଶିକ ସଫଳ ହୋଇଛି। କୌଣସି ସ୍ଥାନରେ ଅପ୍ରିତିକର ପରିସ୍ଥିତ ସୃଷ୍ଟି ହୋଇ ନ ଥିବାବେଳେ ଆଇନଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ବାଣପୁର ଆଇଆଇସି ରମେଶ କୁମାର ଦେବତା ଓ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା ଉପସ୍ଥିତ ରହି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ।

**ବେଗୁନିଆ:** ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ୮ଟି ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବା ବେଳେ ତାହା ବେଗୁନିଆରେ ପ୍ରଭାବ ରହିଥିଲା। ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକଠାରୁ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ବ୍ଲକ୍ ସଭାପତି କାଳନ୍ଦୀ ଚରଣ ମହାପାତ୍ରଙ୍କ ସମେତ କର୍ମୀମାନଙ୍କ ଉପସ୍ଥିତିରେ ପଦଯାତ୍ରା ବାହାରି ଡବଲ ଇଞ୍ଜିନ୍ ସରକାରର କୁଶାସନ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ନାରାବାଜି କରିଥିଲେ। ଏପରିକି ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ପେଟ୍ରୋଲ ପମ୍ପ୍ ଓ ବ୍ୟାଙ୍କକୁ ଯାଇ ବନ୍ଦ ପାଳନକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।






## ବନ୍ଧୁକ ମୁନରେ ଲୁଟିନେଲେ ୩୦ ହଜାର

ନିରାକାରପୁର,୧୭।୭ (ସମିସ): ଦିନକୁ ଦିନ ପୁଲିସ ପ୍ରଶାସନର ଭୟ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବ୍ୟକ୍ତିମାନଙ୍କ ମନରୁ ଦୂର ହେବାକୁ ଲାଗିଛି। ଯାହାଫଳରେ ସାଧାରଣ ଲୋକଟି ନିଜକୁ ଅସୁରକ୍ଷିତ ମନେ କରିବା ସ୍ୱାଭାବିକ। ନିରାକାରପୁର ବଜାର ନିକଟସ୍ଥ ଷ୍ଟେସନ ରୋଡ୍‌ରୁ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ଦୁଇଜଣ ହେଲ୍‌ମେଟ୍ ପିନ୍ଧା ଯୁବକ ଏକ ବାଇକ୍‌ରେ ଆସି ଘରକୁ ଯାଉଥିବା ଜଣେ ଯୁବକଙ୍କୁ ଫାଙ୍କା ଗୁଳି ଚଳାଇ ୩୦ ହଜାର ଟଙ୍କା ଲୁଟି ନେଇଥିବା ନିରାକାରପୁର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନିରାକାରପୁର କଲେଜ ଛକ ନିକଟରେ ଥିବା ଏକ ସିଏସ୍‌ସି କେନ୍ଦ୍ର ତଥା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସବୁଦିନ ବନ୍ଦ କରି ଯାଉଥିବାବେଳେ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ପରିଚାଳକ ରଘୁନାଥ ପରିଡ଼ା ଯାଉଥିଲେ। ପୂର୍ବରୁ ସୁପରିକଳ୍ପିତ ଭାବେ ତାଙ୍କୁ ପିଛା କରୁଥିବା ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଷ୍ଟେସନ ରୋଡ୍‌ରେ ଅଟକାଇ ତାଙ୍କ ନିକଟରେ ଥିବା ବ୍ୟାଗ୍‌କୁ ନେବାପାଇଁ ଚେଷ୍ଟା କରିଥିଲେ। ଏଥିରେ ରଘୁନାଥ ବାଧା ଦେବାରୁ ସେମାନେ ପାଖରେ ରଖିଥିବା ଏକ ବନ୍ଧୁକରୁ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ପରେ ସେମାନେ ୩୦ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ପୁଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି ବୋଲି ଆଇଆଇସି ବିଶ୍ୱଜିତ୍ ରାଉତରାୟ ପ୍ରକାଶ କରିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ କାରାଦଣ୍ଡ

ଖୋର୍ଦ୍ଧା,୧୭।୭ (ସମିସ): ଏକ ଚେକ୍ ବାଉନ୍ସ ମାମଲା ବିଚାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଅଜୟ ବିଶ୍ୱାଳଙ୍କୁ ୬ ମାସ କାରାଦଣ୍ଡ ଏବଂ ୨୦ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ଲକ୍ଷ ଟଙ୍କା ଦେଇ ନ ପାରିଲେ ଆଉ ଅଧିକ ଦୁଇମାସ କାରାଦଣ୍ଡାଦେଶ ଦେଇଛନ୍ତି।

ପ୍ରକାଶ ଯେ, ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଗ୍ରାମର ମନୋରଞ୍ଜନ ଶ୍ରୀଚନ୍ଦନଙ୍କଠାରୁ ସେହି ଗ୍ରାମର ଅଜୟ ବିଶ୍ୱାଳ କାଜୁ ବ୍ୟବସାୟ ପାଇଁ ୧୦ ଲକ୍ଷ ଟଙ୍କା ନେଇଥିଲେ। ୨୦୨୧ରେ ସେ ଏହି ଟଙ୍କା ପରିଶୋଧ ପାଇଁ ଏକ ଚେକ୍ ଦେଇଥିବାବେଳେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଚେକ୍ ବାଉନ୍ସ ହୋଇଥିଲା। ମନୋରଞ୍ଜନ ଟଙ୍କା ମାଗି ନିରାଶ ହେବାରୁ ଅଜୟଙ୍କୁ ଓକିଲ ନୋଟିସ ପଠାଇଥିଲେ। ପରେ ସେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ସେହି ବର୍ଷ ଜୁନ୍ ମାସରେ ମାମଲା ରୁଜୁ କରିଥିଲେ। ଦରଖାସ୍ତ ବିଚାର କରି ଏବଂ ଚେକ୍‌ର ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜିତ୍ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ୍-ଇଚ୍ଛାପୁରମ୍ ରେଳ ସେକ୍ସନ ନିରୀକ୍ଷଣ



ଜଟଣୀ,୧୭।୭ (ସମିସ): ଭିତ୍ତିଭୂମି, ସୁରକ୍ଷା ଏବଂ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏକ ଉନ୍ନୟନମୂଳକ ଅଭିଯାନରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଗୁରୁବାର ସମସ୍ତ ଶାଖା ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍-ଇଚ୍ଛାପୁରମ୍ ରେଳ ସେକ୍ସନର ନିରୀକ୍ଷଣ କରିଛନ୍ତି। ରେଳ ସେକ୍ସନର ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ୱିଣ୍ଡୋ ଟ୍ରେଲିଂ, ବିସ୍ତୃତ ଯାଞ୍ଚ ଏବଂ ଭୂମି ସମୀକ୍ଷା ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପଏଣ୍ଟଗୁଡ଼ିକର ମୂଲ୍ୟାଙ୍କନ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ବାଜୱା ଭାରତୀୟ ରେଳବାଇର ଆଧୁନିକ, ଯାତ୍ରୀ-ଅନୁକୂଳ ଷ୍ଟେସନର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ବିଭିନ୍ନ ଷ୍ଟେସନରେ ଅମୃତ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା।

ନିରୀକ୍ଷଣ ସମୟରେ ବ୍ରହ୍ମପୁର, ବାଲୁଗାଁ, ଇଚ୍ଛାପୁରମ୍ ଏବଂ ଛତ୍ରପୁର ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଛି। ବ୍ରହ୍ମପୁରରେ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଢାଞ୍ଚାଗତ ଉନ୍ନତି ଏବଂ ମୁଖବନ୍ଧ ବିକାଶ ପାଇଁ ପରାମର୍ଶ ଦିଆଯାଇଛି। ବାଲୁଗାଁ ଷ୍ଟେସନରେ ସର୍କୁଲେଟିଂ ଏରିଆ ଏବଂ ପ୍ଲାଟ୍‌ଫର୍ମ ପୃଷ୍ଠରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ଇଚ୍ଛାପୁରମ୍‌ରେ ଅପେକ୍ଷା କ୍ଷେତ୍ରର ଆଧୁନିକୀକରଣ ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା କାର୍ଯ୍ୟ ଚାଲୁରହିଛି। ସେହିଭଳି ଛତ୍ରପୁରରେ ନୂତନ ଛାତ ଏବଂ ବର୍ଦ୍ଧିତ ସାଇନେଜ୍ ଉପରେ ମଧ୍ୟ କାର୍ଯ୍ୟ ଚାଲୁରହିଛି। ଡିଆର୍‌ଏମ୍ ମଧ୍ୟ ଅଧିକାରୀମାନଙ୍କୁ ବିଚାରାଧୀନ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ, ସୁରକ୍ଷା ମାନଦଣ୍ଡର କଡ଼ା ପାଳନ ସୁନିଶ୍ଚିତ କରିବାକୁ ଏବଂ ଷ୍ଟେସନଗୁଡ଼ିକର ପରିଷ୍କାର ଏବଂ ରକ୍ଷଣାବେକ୍ଷଣକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ବାଲୁଗାଁ ମୁଖ୍ୟ ସ୍ୱର୍ଗଦ୍ୱାର



- ଶ୍ମଶାନରେ ଶବକୁ ମିଳୁନି ସମ୍ମାନ
- ପାନୀୟଜଳ ଓ ଆଲୋକ ବ୍ୟବସ୍ଥା କିଛି ନାହିଁ
- ଚତୁଃପାର୍ଶ୍ୱରେ ନାହିଁ ସୁରକ୍ଷା ପ୍ରାଚୀର

ବାଲୁଗାଁ,୧୭।୭ (ସମିସ): ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବାଲୁଗାଁ କଲେଜ ପଛ ପାର୍ଶ୍ୱରେ ଅବସ୍ଥିତ ବାଲୁଗାଁ ଅଞ୍ଚଳର ମୁଖ୍ୟ 'ସ୍ୱର୍ଗଦ୍ୱାର' ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଅନାବନା ଲଟାବୁଦାରେ ପରିପୂର୍ଣ୍ଣ ହୋଇ ସରୀସୃପ ଓ ଜୀବଜନ୍ତୁଙ୍କ ବିଚରଣସ୍ଥଳ ପାଲଟିଥିବା ଦେଖିବାକୁ ମିଳୁଛି। ଉକ୍ତ ସ୍ୱର୍ଗଦ୍ୱାରରେ ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ସର୍ବନିମ୍ନ ସୁବିଧା ଉପଲବ୍ଧ ହେଉ ନ ଥିବାବେଳେ ଏଠାରେ ଶବକୁ ଉପଯୁକ୍ତ ସମ୍ମାନ ମଧ୍ୟ ମିଳୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। କୌଣସି ସୁବିଧା ନ ପାଇ ଉକ୍ତ ସ୍ୱର୍ଗଦ୍ୱାରକୁ ଶବଦାହ କରିବାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଜଣାଯାଇଛି।

ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ତଟଦେଶରେ ଅବସ୍ଥିତ ବାଲୁଗାଁ ଏକ ପ୍ରମୁଖ ସହର ହୋଇଥିବା ସ୍ଥଳେ ଏନ୍‌ଏସି ମାନ୍ୟତା ପାଇବା ପରଠାରୁ ସହରର ଚିଲିକା କୂଳସ୍ଥିତ ବାଲୁଗାଁ ମହାବିଦ୍ୟାଳୟର ପଛ ପାର୍ଶ୍ୱରେ ସହରର ମୁଖ୍ୟ ସ୍ୱର୍ଗଦ୍ୱାରଟି ଗଢ଼ିଉଠିଛି। ଉକ୍ତ ଶ୍ମଶାନ ଉପରେ ବାଲୁଗାଁ ସହରବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପୂର୍ବରୁ ଚିଲିକା ଅବବାହିକା ଅଞ୍ଚଳର ଏଣେତେଣେ ଶବଦାହ କରାଯାଉଥିବା ବେଳେ ଉକ୍ତ ସ୍ଥାନରେ ୧୯୮୩ ମସିହାରେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଚିଲିକା ଅବବାହିକା ତଟରେ କିଛି ଗୃହ ନିର୍ମାଣ କରି ବାଲୁଗାଁ ମହାବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ଶ୍ମଶାନ ଅଞ୍ଚଳରେ ମହାବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରେ ଏହାର ପଛ ପାର୍ଶ୍ୱରେ ସ୍ଥାୟୀ ଭାବେ ବାଲୁଗାଁ ସହରର ମୁଖ୍ୟ ସ୍ୱର୍ଗଦ୍ୱାର ନିର୍ମାଣ କରି ସେହିଦିନଠାରୁ ସେଠାରେ ଶବଦାହ କାର୍ଯ୍ୟ ହୋଇଆସୁଥିଲା। ପରବର୍ତ୍ତୀ ସମୟରେ ସେଠାରେ ଏନ୍‌ଏସି ପକ୍ଷରୁ ସ୍ୱଳ୍ପ କାର୍ଯ୍ୟ କରାଯାଇଛି। କିନ୍ତୁ ପରିତାପର ବିଷୟ ଆଜକୁ ପ୍ରାୟ ୫୦ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଶ୍ମଶାନଟି ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ୨୦୨୩ ଏନ୍‌ଏସି ନିର୍ବାଚନର ଦୁଇ ବର୍ଷ ପୂର୍ବରୁ ତଥା ପୂର୍ବ ବିଜେଡି ସରକାର ସମୟରେ ୮୦ ଲକ୍ଷ ଟଙ୍କାର ବ୍ୟୟବରାଦରେ ଉକ୍ତ ସ୍ୱର୍ଗଦ୍ୱାରର ନବୀକରଣ ତଥା ସ୍ମାର୍ଟ ଶ୍ମଶାନର ରୂପରେଖା ଦେବା ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ସମୟରେ କାର୍ଯ୍ୟ ଆରମ୍ଭ କରାଯାଇ ଶ୍ମଶାନର ଚତୁଃପାର୍ଶ୍ୱରେ ଘେରି ରହିଥିବା ପାଚେରିକୁ ଭାଙ୍ଗି ପରିସରକୁ ସଫା କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ନିର୍ମାଣ ଆରମ୍ଭର ଆଜକୁ ପ୍ରାୟ ୫ ବର୍ଷ ବିତିଯାଇଥିଲେ ମଧ୍ୟ ସେଠାରେ ଶବଦାହ ପାଇଁ ଯାଉଥିବା ସମ୍ପର୍କୀୟଙ୍କ ଆଶ୍ରୟ ନେବା ପାଇଁ ଉଦ୍ଦିଷ୍ଟ କେବଳ ଦୁଇଟି ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଶ୍ମଶାନ ପରିସର ଖୋଲାମେଲାରେ ପଡ଼ିରହି ଚାରିଆଡ଼େ ଅନାବନା କଣ୍ଟାବୁଦାରେ ପରିପୂର୍ଣ୍ଣ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାବେଳେ ଶ୍ମଶାନରେ ଜଳର ଅବ୍ୟବସ୍ଥା ନ କହିବା ଭଲ। ତତ୍‌ସହିତ କେଉଁ ଆବହମାନ କାଳରୁ ଶ୍ମଶାନ ନିକଟ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ ଅନ୍ତିମ ସଂସ୍କାର କରିବାକୁ ଆସିଥିବା ପରିଜନ ସ୍ନାନ କରିବା ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି।

ଉକ୍ତ ଶ୍ମଶାନରେ ଆଲୋକର କୌଣସି ସୁବନ୍ଦୋବସ୍ତ ନ ଥିବାରୁ ଦିବାଲୋକରେ ଲୋକେ ଯେନତେନ ପ୍ରକାରେ ଶବଦାହ କରିଦେଉଥିବା ବେଳେ ରାତିରେ ବହୁ ହଇରାଣ ହେଉଛନ୍ତି। ତେବେ ସ୍ୱର୍ଗଦ୍ୱାର ପାର୍ଶ୍ୱ ଦେଇ ବଙ୍ଗୀୟ ଗୋପବନ୍ଧୁ କଲୋନୀ ଏବଂ ସିଙ୍ଗେଶ୍ୱର ପଞ୍ଚାୟତକୁ ସଂଲଗ୍ନ କରୁଥିବା ରାସ୍ତା ପାଶ୍ୱର୍ରେ ଥିବା ବତୀ ଖୁଣ୍ଟ ରହିଛି, ତାହାର ସ୍ୱଳ୍ପ ଆଲୋକ ସ୍ୱର୍ଗଦ୍ୱାରକୁ ଯୋଗାଉଛି। ହେଲେ ପ୍ରାୟ ସମୟରେ ଉକ୍ତ ଲାଇଟ୍ ଖରାପ ହୋଇପଡୁଥିବାରୁ ଲୋକେ ଅନ୍ଧାରରେ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇ ଶବଦାହ କରୁଥିବା ଦେଖାଯାଇଛି। ଏହାର ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ପ୍ରାଚୀର ନ ଥିବାରୁ ଏହାର ମୂଲ୍ୟବାନ ଜମି ଉପରେ ଜମି ମାଫିଆମାନେ ଲୋଲୁପ ଦୃଷ୍ଟି ପକାଇଥିବା ଜଣାଯାଇଛି। ଉକ୍ତ ଶ୍ମଶାନ ପାର୍ଶ୍ୱରେ ଥିବା ଏକମାତ୍ର ନଳକୂଅରୁ ଲୁଣିପାଣି ବାହାରିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବାଲୁଗାଁ ଏନ୍‌ଏସିର ୧୯ଟି ୱାର୍ଡ ମଧ୍ୟରୁ ୮ଟି ୱାର୍ଡର ବାସିନ୍ଦା ଏହି ସ୍ୱର୍ଗଦ୍ୱାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥା'ନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରେ ଶ୍ମଶାନ ପରିସରରେ ଥିବା ଏକ ବିରାଟ ଗଛକୁ କଟାଗଲା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ବର୍ତ୍ତମାନ ଉକ୍ତ ଗଛ କାଟିବାର ୬ମାସ ବିତିଯାଇଥିଲେ ବି ଶ୍ମଶାନର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## କବିରାଜ ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମନ୍ମଥ

ନିରାକାରପୁର,୧୭।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଥିବା ବରିଷ୍ଠ କବିରାଜ ନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର ଯୋଗ ଦେଇଛନ୍ତି ବିଜେଡି ନେତା ମନ୍ମଥ ରାଉତରାୟ। ତାଙ୍କ ବସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ରାଉତାରାୟ ପହଞ୍ଚିବା ଖବର ପ୍ରଘଟ ହେବା ପରେ ଶତାଧିକ ସମର୍ଥକ ତାଙ୍କ ପାଖରେ ପହଞ୍ଚିଥିଲେ।



- କମ୍ୟୁନିଟି ସେଣ୍ଟର ଚାବି ଖୋଲାକୁ ନେଇ ତେଜିଲା ରାଜନୀତି

## ତାଲା ପକାଇଲେ ବିଡିଓ

ବେଗୁନିଆ,୧୭।୭ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜାଗିରବାଡ଼ ମୌଜାର କମ୍ୟୁନିଟି ସେଣ୍ଟର ଚାବି ଖୋଲିବାକୁ ନେଇ ରାଜନୀତି ଜୋର୍ ଧରିଛି। ସୂଚନା ଅନୁଯାୟୀ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ଜାଗିରବାଡ଼ ମୌଜାରେ କମ୍ୟୁନିଟି ହଲ୍‌ଟି ଯୁବକମାନଙ୍କ ପାଇଁ ନିର୍ମାଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏଥିରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ରହି ପରିଷ୍କାର ପରିଚ୍ଛନ୍ନ ସହ ବ୍ୟବହାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏହି ଘଟଣାକୁ ନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ରାଜନୈତିକ ପରିସ୍ଥିତି ଆଡ଼କୁ ଯାଇଥିବାରୁ ପୁଲିସ ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ସମାଧାନ କରିବାକୁ ଚେଷ୍ଟା ଜାରି ରଖିଥିଲେ। ଏଭଳି ପରିସ୍ଥିତି ସୃଷ୍ଟି ହେବାରୁ ବିଡିଓ ସନ୍ତୋଷ କୁମାର ଜେନା ପହଞ୍ଚି କମ୍ୟୁନିଟି ହଲ୍‌ର ଚାବି ପକାଇ ଚାଲିଯାଇଥିଲେ। ଏପରିକି ଟାଉନ୍ ହଲ୍ ପଛ ପାଖ ଗାଡ଼ି ପାର୍କିଂ ପାଇଁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଦ୍ଦିଷ୍ଟ ଥିବାବେଳେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ନିର୍ମାଣ କାର୍ଯ୍ୟକୁ ଅନ୍ୟତ୍ର କରା ନ ଯାଇ କିଭଳି ଭାବେ ଏଠାରେ କରାଯିବ ତାହା ସମସ୍ତଙ୍କୁ ବିସ୍ମିତ କରିଛି। ପୂର୍ବରୁ ଏହି ସ୍ଥାନରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟାଳୟ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ସ୍ଥଳେ ପୁଣି ବିଚାରକୁ ନେଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

# ଓଡ଼ିଶା ବନ୍ଦ ଜନଜୀବନ ପ୍ରଭାବିତ, କାରବାର ବାଧାପ୍ରାପ୍ତ

ଭୁବନେଶ୍ୱର,୧୭ା୭(ସମିସ): ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ରହିଥିଲା। ଏହି ବନ୍ଦର ପ୍ରଭାବରେ ସାରା ରାଜ୍ୟରେ ବ୍ୟବସାୟିକ କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବ୍ୟାଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥା, ବୀମା, ଡାକ ସେବା ସବୁ ଅଚଳ ହୋଇଯାଇଥିଲା। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା ବନ୍ଦ ଯୋଗୁ ରାଜ୍ୟ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବା ପାଇକାରୀ ମଣ୍ଡି କଟକ ମାଲଗୋଦାମ, ଛତ୍ରବଜାର, ଭୁବନେଶ୍ୱରର ଆଇଗିଣିଆ,ୟୁନିଟ୍-୧ ହାଟ,ସମ୍ବଲପୁର କ୍ଷେତରାଜପୁର ଏବଂ ବ୍ରହ୍ମପୁରର ପାଇକାରୀ ମଣ୍ଡିଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ରାଜ୍ୟର ପ୍ରମୁଖ ତନଖି ଫାଟଗୁଡିକରେ ବାହାର ରାଜ୍ୟରୁ ଏହି ମଣ୍ଡିଗୁଡିକୁ ଆସୁଥିବା ଟ୍ରକ୍‌ଗୁଡିକ ଲମ୍ବାଧାଡିରେ ଛିଡା ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହାବାଦ୍ ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରରେ ମଧ୍ୟ ପଣ୍ୟ କାରବାର ବିଶେଷ ଭାବ ପ୍ରଭାବିତ ହୋଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦର ଗେଟ୍ ନିକଟରେ କର୍ମଚାରୀଙ୍କୁ ଯିବାରୁ ବନ୍ଦ କରିଥିଲେ। ବନ୍ଦର ସବୁଠାରୁ ବଡ଼ ପ୍ରଭାବ ବ୍ୟାଙ୍କ କାରବାର ଉପରେ ପଡିଥିଲା। ଏଥିଯୋଗୁ ସମଗ୍ର ରାଜ୍ୟରେ ସରକାରୀଠାରୁ ଆରମ୍ଭ କରି ଘରୋଇ ବ୍ୟାଙ୍କ ସବୁ ବନ୍ଦ ରହିଥିଲା। ରାଜଧାନୀ ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାଖା ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ।

ବନ୍ଦ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପମାଲିକମାନେ ଆଗୁଆ ପେଟ୍ରୋଲ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯାହାଫଳରେ ଆଜି ସାରା ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଓଡ଼ିଶା ବନ୍ଦକୁ ନଜରରେ ରଖି ଡିଲରମାନେ ପମ୍ପ ବନ୍ଦ ରଖିଥିଲେ। ପରେ ଦିନ ୩ଟା ପରେ ଅପରାହ୍ଣ ପରେ ଧୀରେ ଧୀରେ ଚାରିଆଡେ ପମ୍ପଗୁଡିକ ଖୋଲିଥିଲା। ଆଜି ହୋଇଥିଲା ଏହି ବନ୍ଦ ଯୋଗୁ ରାଜ୍ୟରେ ପ୍ରାୟ ୫୧ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଏହାଛଡା ବନ୍ଦ ପ୍ରଭାବରେ ଡିପୋଗୁଡିକରେ ଟ୍ୟାଙ୍କରରେ ତେଲ ଲୋଡିଂ ମଧ୍ୟ ହୋଇ ପାରି ନ ଥିଲା। ବନ୍ଦ ଉପରେ ମତ ରଖି ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ସାରା ରାଜ୍ୟରେ ବନ୍ଦ ପାଳନ ଯୋଗୁ ପାଇକାରୀ ମଣ୍ଡିଗୁଡିକୁ ମାଲ ପରିବହନ ବନ୍ଦ ହୋଇଯାଇଛି।

## ପେଟ୍ରୋଲ ପମ୍ପଠାରୁ ବ୍ୟାଙ୍କ, ବୀମା, ଡାକ ସେବା ସବୁ ଅଚଳ




ରାୟଗଡ଼ା


ନବରଙ୍ଗପୁର


ବ୍ରହ୍ମପୁର


ରାଉରକେଲା


ବଲାଙ୍ଗିର


ବାଲେଶ୍ୱର


କେନ୍ଦ୍ରାପଡ଼ା


ଜଗତସିଂହପୁର


ବାରିପଦା


କେନ୍ଦୁଝର


ରାଉରକେଲା


ତରଭା


ଅନୁଗୁଳ



କଳାହାଣ୍ଡି


ପୁରୀ

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୪୩- ବ୍ରିଟିଶ ସେନା ଇଟାଲୀର କଟାନିୟା ସହର ଉପରେ ଆକ୍ରମଣ କଲା।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



## ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ୧୯୧୮ ଜୁଲାଇ ୧୮ ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଇଆସୁଛି। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ଜାତିସଂଘର ଅନୁମୋଦନ କ୍ରମେ ୨୦୧୦ ମସିହାରୁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ 'ମଣ୍ଡେଲା ଦିବସ' ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହେବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ୬୭ ବର୍ଷର ଜୀବନକାଳ ମଧ୍ୟରେ ଜେଲ୍ ଯିବା, ଦେଶଦ୍ରୋହ ମାମଲାର ସମ୍ମୁଖୀନ ହେବା ପରେ ବି ସେ ନିଜ ମନୋବଳରୁ ବିଚ୍ୟୁତ ହୋଇ ନ ଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସାମାଜିକ ସମାନତା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

### ଭାରତର ପ୍ରଥମ ମହିଳା ଡାକ୍ତର
## କାଦମ୍ବିନୀ ଗାଙ୍ଗୁଲି




ଭାରତର ପ୍ରଥମ ତାଲିମପ୍ରାପ୍ତ ମହିଳା ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କାଦମ୍ବିନୀ ଗାଙ୍ଗୁଲି। ସେ ୧୮୬୧ ମସିହା ଆଜିର ଦିନରେ ବିହାରସ୍ଥିତ ଭାଗଲପୁରରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମାତ୍ର ସେହି ସମୟରେ ଡାକ୍ତରୀ ପଢ଼ି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ କାଦମ୍ବିନୀ। ୧୮୮୨ରେ କାଦମ୍ବିନୀ ଓ ତାଙ୍କ ବାନ୍ଧବୀ ଚନ୍ଦ୍ରମୁଖୀ ବସୁ ଦେଶର ପ୍ରଥମ ମହିଳା ସ୍ନାତକ ହେବାର ଗୌରବ ଅର୍ଜନ କରିଥିଲେ। ସ୍ନାତକ ପରେ ୨୧ ବର୍ଷ ବୟସରେ ସେ ପ୍ରଫେସର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଦ୍ୱାରକାନାଥ ଗାଙ୍ଗୁଲିଙ୍କୁ ବିବାହ କଲେ। ଦ୍ୱାରକାନାଥ ମହିଳା ସଶକ୍ତୀକରଣ ଦିଗରେ କାମ କରୁଥିଲେ। ସେ ହିଁ କାଦମ୍ବିନୀଙ୍କୁ ଡାକ୍ତରୀ ପାଠ ପଢ଼ିବାକୁ ଉତ୍ସାହିତ କରିଥିଲେ। ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ମେଡିସିନ୍ ଡିଗ୍ରୀ ପ୍ରାପ୍ତ କରି ପ୍ରଥମ ଭାରତୀୟ ମହିଳା ଡାକ୍ତର ହେବାର ପରିଚୟ ହାସଲ କଲେ। କେବଳ ସେତିକି ନୁହେଁ, ସେ ଥିଲେ ପ୍ରଥମ ଦକ୍ଷିଣ ଏସୀୟ ମହିଳା, ଯାହାଙ୍କୁ ୟୁରୋପୀୟ ମେଡିସିନ୍‌ରେ ପ୍ରଶିକ୍ଷଣ ମିଳିଥିଲା। ବ୍ରିଟେନ୍‌ରେ କାମ ଓ ଅଧ୍ୟୟନ କରିବା ସହ ସେ ସ୍ତ୍ରୀରୋଗ ବିଶେଷଜ୍ଞତା ହାସଲ କଲେ। ଏହାପରେ ୧୮୯୦ରେ ସେ ଭାରତ ଫେରିଲେ ଓ ଏଠାରେ ଡାକ୍ତରୀ ଅଭ୍ୟାସ ଜାରି ରଖିଲେ। ତାଙ୍କ ଭୂମିକା କେବଳ ଚିକିତ୍ସା କ୍ଷେତ୍ରରେ ସୀମିତ ନ ଥିଲା, ମହିଳାଙ୍କ ଅଧିକାର ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ କାଦମ୍ବିନୀ। ୧୮୮୯ ରେ ସେ ଅନ୍ୟ ଛଅ ଜଣଙ୍କ ସହ ମିଶି ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ପ୍ରତିନିଧିମଣ୍ଡଳ ଗଠନ କରିଥିଲେ। ୧୯୨୩ ମସିହା ଅକ୍ଟୋବର ୩ରେ ତାଙ୍କର ଦେହାନ୍ତ ହୋଇଥିଲା।

## ୪୦୦୦ କୋଟି ଟଙ୍କାର ପ୍ରୋଜେକ୍ଟ 'ରାମାୟଣ'



ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳିରେ ଆସିବ। ପୂର୍ବରୁ ଫିଲ୍ମର ବଜେଟ୍ ୧୬୦୦ କୋଟି ହେବ ବୋଲି କୁହାଯାଉଥିଲା। ନିକଟରେ ଏକ ପଡକାଷ୍ଟରେ ଏହାର ବଜେଟ୍ ସମ୍ପର୍କରେ ପଚାରାଯିବାରୁ ପ୍ରଯୋଜକ ନମିତ ମଲହୋତ୍ରା କହିଛନ୍ତି- 'ରାମାୟଣ' ଏକ ଲାଇଫ୍‌ଟାଇମ୍ ପ୍ରୋଜେକ୍ଟ। ଦୁଇଟିଯାକ ପ୍ରୋଜେକ୍ଟ ପୂର୍ଣ୍ଣ ହେବା ବେଳକୁ ପାଖାପାଖି ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇଥିବ। ଆମେ ଏକ ବଡ଼ ପୌରାଣିକ କାହାଣୀକୁ ସାରା ବିଶ୍ୱକୁ ଦେଖେଇବାକୁ ଚାହୁଁଛୁ।' ଯଦି ଏହାର ବଜେଟ୍ ୪୦୦୦ କୋଟି ହେଉଛି ତାହେଲେ ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବ। 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରାଙ୍କ ପ୍ରାଇମ୍ ଫୋକସ୍ ଷ୍ଟୁଡିଓ ଓ ବିଏଫ୍ଏକ୍ସ ଷ୍ଟୁଡିଓ ଡିଏନ୍‌ଜି ରହିଛି। ଏହାବାଦ୍ ଏଥିରେ ରାବଣ ଭୂମିକାରେ ଅଭିନୟ କରୁଥିବା ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଯଶ୍ ମଧ୍ୟ ସହ ପ୍ରଯୋଜକ ଅଛନ୍ତି।

## ଧୂମପାନ ଭଳି କ୍ଷତିକାରକ ଡେସ୍କ ଚାକିରି



ଦୀର୍ଘ ସମୟ ପର୍ଯ୍ୟନ୍ତ ବସିରହି କାମ କରିବା ଶରୀର ପାଇଁ କ୍ଷତିକାରକ। ଏହା ମଧୁମେହ, ମାଂସପେଶୀ ଦୁର୍ବଳତା, ପିଠି ଯନ୍ତ୍ରଣା, ଡିପ୍ ଭେନ୍ ଥ୍ରୋମ୍ବୋସିସ୍, ଅବସାଦ ଏବଂ କୋଲନ କ୍ୟାନସର୍ ଭଳି ଅନେକ କର୍କଟ ରୋଗର କାରଣ ସାଜିପାରେ ବୋଲି ଅନେକ ଅଧ୍ୟୟନରୁ ମଧ୍ୟ ପ୍ରକାଶ ପାଇଛି। ତେଣୁ ଧୂମପାନ ଯେଭଳି ପ୍ରାଣଘାତୀ, ଅଧିକ ସମୟ ବସିବା ତାହା ସହ ସମାନ ବୋଲି ବିବେଚନା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗତିହୀନ ଭାବେ ବା ସ୍ଥିର ଭାବେ ଦୀର୍ଘ ସମୟ ବସି ରହି କାମ କରିବା ମୃତ୍ୟୁର ଚତୁର୍ଥ ସବୁଠୁ ବଡ଼ କାରଣ ବୋଲି କୁହାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ସହ ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଏକ ମଜଭୁତ ସମ୍ପର୍କ ଥିବା କଥାକୁ ସୂଚାଇଛି। ଯାହାକି ମେଟାବଲିକ୍ ସିଣ୍ଡ୍ରୋମ, ହୃଦ୍‌ରୋଗ ଏବଂ କର୍କଟର କାରଣ ହୋଇପାରେ। ତେବେ ଯେଉଁମାନେ ନିତିଦିନ ୮ ଘଣ୍ଟାରୁ ଅଧିକ ସମୟ ବସି ରହି କାମ କରୁଛନ୍ତି ସେମାନଙ୍କୁ ମେଦବୃଦ୍ଧି ଏବଂ ଧୂମପାନ ଯୋଗୁଁ ହେଉଥିବା ମୃତ୍ୟୁ ଭଳି ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ବସି ରହି କାମ କରୁଥିବା ଲୋକଙ୍କୁ ମଝିରେ ମଝିରେ ବ୍ରେକ୍ ନେବା, କାମ ମଧ୍ୟରେ ହାଲକାଫୁଲକା ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଇଛି।




## ଦେହକୁ ହିତ ଅଞ୍ଜିର



**ଅଞ୍ଜିର ଏକ ସ୍ୱାଦିଷ୍ଟ ଏବଂ ପୌଷ୍ଟିକ ଫଳ। ଏଥିରେ ସବୁ ଫଳ ଓ ପନିପରିବାଠାରୁ ଅଧିକ ଆଲକାଲାଇନ୍ ଥାଏ। ଏହା ପଟାସିୟମ, କ୍ୟାଲସିୟମ, ଭିଟାମିନ୍–ଏ, ବି୨, ସି, କ୍ୟାଲସିୟମ, ଲୌହସାର, ମାଙ୍ଗାନିଜ୍ ଆଦି ପୌଷ୍ଟିକତତ୍ତ୍ୱରେ ଭରପୁର। ତେଣୁ ଏହା ମନୁଷ୍ୟ ଶରୀରର ପୁଷ୍ଟିସାଧନ କରି ନାନା ରୋଗ ଦୂର କରିଥାଏ।**

- ଅଞ୍ଜିର ତନ୍ତୁଯୁକ୍ତ ହୋଇଥିବାରୁ ପେଟ ସଫା କରିବା ସହ କୋଲେଷ୍ଟ୍ରଲ, ଶ୍ୱାସ, ଅର୍ଶ ଓ ଯକୃତ ସମ୍ବନ୍ଧୀୟ ରୋଗ ନିୟନ୍ତ୍ରଣ କରିଥାଏ।
- ଅଞ୍ଜିରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଓଜନ ହ୍ରାସ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ହିତକର। କୋଷ୍ଠକାଠିନ୍ୟର ଉପଶମ ପାଇଁ ଏହା ବହୁତ ଉପଯୋଗୀ। ଏଥପାଇଁ ରାତିରେ ୨ଟି ଅଞ୍ଜିରକୁ ପାଣିରେ ଭିଜାଇ ପରଦିନ ସକାଳୁ ପାଣି ପିଇବା ସହିତ ଅଞ୍ଜିର ଖାଇବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ରୋଗପ୍ରତିରୋଧକଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ରକ୍ତଚାପ ନିୟନ୍ତ୍ରଣ କରି ହୃଦ୍‌ରୋଗ ଆଶଙ୍କାକୁ ମଧ୍ୟ ହ୍ରାସ କରିପାରେ।
- ସେହିପରି ୨ଟି ଅଖ୍‌ରୋଟ୍, ଆଲମଣ୍ଡ ୨ଟି, ୨ଟି ଶୁଖିଲା ଖଜୁରୀ, ମୁଠାଏ କିସ୍‌ମିସ୍ ସହିତ ୨ଟି ଅଞ୍ଜିରକୁ ଭଲଭାବେ ସଫା କରି ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖି ପରଦିନ ସକାଳୁ ସେହି ପାଣି ସହିତ ଭିଜିଥିବା ନଟ୍‌ସ ଖାଇବା ଦ୍ୱାରା ଶାରୀରିକ ଓ ମାନସିକ ପୁଷ୍ଟିସାଧନ ହୋଇ ତ୍ୱଚା ଉଜ୍ଜ୍ୱଳ ହୁଏ। ପାଚନ ପ୍ରକ୍ରିୟା ସକ୍ରିୟ ରୁହେ।
- ଅନ୍ୟପଟେ ମାତ୍ରାଧିକ ଅଞ୍ଜିର ଖାଇଲେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଆଲର୍ଜି, ରକ୍ତ ପତଳା କରିବାକୁ ଔଷଧ ଖାଉଥିଲେ, ଯକୃତଜନିତ ସମସ୍ୟା, ପାଚନପ୍ରକ୍ରିୟା ଅତି ସମ୍ବେଦନଶୀଳ ହୋଇଥିଲେ ସେମାନେ ଡାକ୍ତରଙ୍କ ପରାମର୍ଶ କରି ଅଞ୍ଜିର ଖାଇବା ଆବଶ୍ୟକ।

### 'ସକାଳ'ର ସ୍ୱାସ୍ଥ୍ୟ
## ବାରିଆଟ୍ରିକ୍ ସର୍ଜରୀ



ଫିଟ୍ ଆଉ ସ୍ଲିମ୍ ରହିବା ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ଅଧୁନା ଜୀବନଶୈଳୀ, ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ସେବନ ଓ ବ୍ୟାୟାମ ଅଭାବରୁ ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଦୀର୍ଘ ସମୟ ଧରି ଡାଏଟ୍, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଓଜନ ହ୍ରାସ ନ ହେଲେ ଏଥିପାଇଁ ସର୍ଜରୀ ବିକଳ୍ପ ରହିଛି। ଏହି ସର୍ଜରୀ ନାଁ ହେଉଛି ବାରିଆଟ୍ରିକ୍ ସର୍ଜରୀ। ଏହି ସର୍ଜରୀ ଏବେ ମେଟାବୋଲିକ ସର୍ଜରୀ ଭାବେ ଅଭିହିତ ହେଉଛି। ତେବେ ଅଧିକ ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଏହି ସର୍ଜରୀ ଭଲ ବିକଳ୍ପ ହୋଇଥିଲେ ମଧ୍ୟ ଏହା ବ୍ୟୟବହୁଳ। ମୁଖ୍ୟତଃ ବିଏମ୍ଆଇ ୩୫ରୁ ଅଧିକ ହେଲେ ଏହି ସର୍ଜରୀ କରାଯାଇଥାଏ। ନିର୍ଦ୍ଦିଷ୍ଟ ବୟସ ମଧ୍ୟରେ ଏହି ସର୍ଜରୀ କରାଯିବାର ନିୟମ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ମେଦବହୁଳତା କେବଳ ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ ନାହିଁ, ଧୀରେ ଧୀରେ ଏହା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ସମ୍ପର୍କିତ ରୋଗ, ଯକୃତ ରୋଗ, ନିଦ୍ରାହୀନତା ଆଦି ରୋଗ ସୃଷ୍ଟି କରାଏ। ତେଣୁ ଡାଏଟ୍, ଔଷଧ ସେବନ, ଶାରୀରିକ ବ୍ୟାୟାମ ଦ୍ୱାରା ଓଜନ ହ୍ରାସ ହୋଇ ନ ପାରିଲେ ଏହି ବାରିଆଟ୍ରିକ୍ ସର୍ଜରୀ କରାଯାଇଥାଏ। ମୁଖ୍ୟତଃ ଏହି ସର୍ଜରୀରେ ପାକସ୍ଥଳୀର ଆକାରକୁ ଛୋଟ କରାଯାଇଥାଏ। ଏହି ସର୍ଜରୀ ଦ୍ୱାରା ଶରୀରର ଭୋକ, ମେଟାବୋଲିଜିମ୍ ଏବଂ ଇନ୍‌ସୁଲିନ୍ ପ୍ରକ୍ରିୟାର ପରିବର୍ତ୍ତନ ହୋଇଥାଏ। ଏହାଦ୍ୱାରା ଭୋକ ନିୟନ୍ତ୍ରଣରେ ରହୁଥିବାରୁ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ। ସେହିପରି ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ବାରିଆଟ୍ରିକ୍ ବା ମେଟାବୋଲିକ ସର୍ଜରୀ ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ପିସିଓଏସ୍ ଏବଂ ସ୍ଲିପ୍ ଏପନିଆ ପରି ରୋଗ ନିୟନ୍ତ୍ରଣ କରିପାରେ। ତେବେ ସର୍ଜରୀ ପୂର୍ବ ଏବଂ ପରେ ଡାକ୍ତରଙ୍କ ପରାମର୍ଶରେ ରହିବାକୁ ହୋଇଥାଏ।

## ହୃଦଘାତ ପୂର୍ବରୁ ସଙ୍କେତ



ମଣିଷ ଶରୀରର ହାର୍ଟ ବା ହୃତ୍‌ପିଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରକୁ ଶକ୍ତି ଯୋଗାଏ। ଆଜିକାଲିର ଜୀବନ ଓ ଖାଦ୍ୟପେୟ ଶୈଳୀ, କାର୍ଯ୍ୟଚାପ, ନିଶା ସେବନ ଆଦି ଯୋଗୁଁ ଅଧିକାଂଶ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ଘାତ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ହୃଦ୍‌ଘାତ ପୂର୍ବର ସଙ୍କେତ ପାଇବା ପାଇଁ ଆମେରିକା, ମିସିସିପି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରମାନେ ଏକ ପିନ୍ଧିବାଯୋଗ୍ୟ ଉପକରଣ ତିଆରି କରିଛନ୍ତି। ଏହା ଦ୍ୱିତୀୟ ପର୍ଯ୍ୟାୟ ଗବେଷଣାର ଅନ୍ତର୍ଭୁକ୍ତ ରହିଛି। ଏହି ଉପକରଣ ହୃଦ୍‌ଘାତ ଆଶଙ୍କା ପୂର୍ବରୁ ଚେତାବନୀ ଦେଇପାରିବ ବୋଲି ଆଶା କରାଯାଉଛି। ଆଖପାଖରେ କୌଣସି ଡାକ୍ତରୀ ପରୀକ୍ଷଣର ସୁବିଧା ନ ଥିଲେ ଏହି ଉପକରଣ ପିନ୍ଧିଥିଲେ ଦୂରଦୂରାନ୍ତ ସମୟରେ ମଧ ହୃଦ୍‌ଘାତର ଆଶଙ୍କା ସମ୍ବନ୍ଧରେ ପୂର୍ବ ସୂଚନା ପାଇପାରିବେ। ତେଣୁ ଇଂଞ୍ଜିନିୟରମାନେ ଉପକରଣକୁ ହାଲୁକା ଏବଂ ଶକ୍ତି ସଂରକ୍ଷଣକାରୀ ସହ ଅଧିକ ସଠିକ୍ ସୂଚନା ଦେବାକୁ ସ୍ୱତନ୍ତ୍ର ଭାବେ ବନାଇଛନ୍ତି। ଏଥିରେ ଏଆଇ ଏବଂ ଉନ୍ନତ ଗଣିତର ଉପଯୋଗ କରାଯିବା ସହ ଇଲେକ୍ଟ୍ରୋକାର୍ଡିୟୋଗ୍ରାମର ବିଶ୍ଳେଷଣ କରିବାକୁ ଏହି ଉପକରଣରେ ଏକ ଚିପ୍ ଡିଜାଇନ୍ ମଧ୍ୟ କରାଯାଇଛି। ଏହା ହୃତ୍‌ପିଣ୍ଡର ବିଦ୍ୟୁତ୍ ସଙ୍କେତ ଗ୍ରାଫ୍। ଏହା ହୃଦ୍‌ଘାତ ଆଶଙ୍କା ସଙ୍କେତ ଦେଇଥାଏ। ଡାକ୍ତରଙ୍କ କହିବାନୁସାରେ, ହୃଦ୍‌ଘାତର ସମୟଟି ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଯେତେ ଶୀଘ୍ର ଏହାକୁ ଚିକିତ୍ସା କରାଯାଏ ବିପଦକୁ ଏଡାଇ ଦିଆଯାଇପାରେ। ଏ ଦୃଷ୍ଟିରୁ ନୂତନ ଉପଯୋଗଉପକରଣଟି ଭବିଷ୍ୟତରେ ହୃଦ୍‌ରୋଗଜନିତ ମୃତ୍ୟୁକୁ ସ୍ୱଳ୍ପ ମାତ୍ରାରେ ହ୍ରାସ କରିପାରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

### ଚକୋଲେଟ୍, ଚିପ୍‌ସରୁ ହୋଇପାରେ
## ଟାଇପ୍ ୨-ମଧୁମେହ

ଆଜିକାଲି ପିଲାମାନେ ଘରୋଇ ଖାଦ୍ୟ ବଦଳରେ ଅଧିକ ତେଲମସଲା ଯୁକ୍ତ ଜଙ୍କ୍‌ଫୁଡ, ଚକୋଲେଟ୍, ଚିପ୍‌ସ ଆଦି ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ଦୈନିକ କ୍ୟାଲୋରୀରେ ମାତ୍ର ୫ ପ୍ରତିଶତ ଚିନି ଗ୍ରହଣ କରିବା ନିୟମ ରହିଥିବାବେଳେ ଏବେ ୪ରୁ ୧୦ବର୍ଷ ପିଲା ଦୈନିକ ୧୩ ପ୍ରତିଶତ ଚିନି ଓ ୧୧ରୁ ୧୮ ବର୍ଷ ମଧ୍ୟରେ ପିଲାମାନେ ୧୫ ପ୍ରତିଶତ ଚିନି ସେବନ କରୁଛନ୍ତି। ଯାହାଫଳରେ ସ୍ୱଳ୍ପ ବୟସରୁ ସେମାନେ ଟାଇପ୍-୨ ମଧୁମେହର ଶିକାର ହେଉଛନ୍ତି। ସେହିପରି ଜଙ୍କଫୁଡ୍, ସ୍ନାକ୍ସ,



ଚକୋଲେଟ ଏବଂ ଶର୍କରାଯୁକ୍ତ ପାନୀୟରେ କୃତ୍ରିମ ଚିନି ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ଏହାକୁ ସେବନ କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ପିଲାଙ୍କ ଜଳଖିଆରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା- ଫଳ ଏବଂ ଦୁଗ୍ଧ, ମଧ୍ୟାହ୍ନଭୋଜନରେ ରୁଟି, ଗଜା ମୁଗ, ଡାଲି, ସିଝା ପରିବା, ପନୀର ଆଦି ସାମିଲ କରିପାରିବେ। ସନ୍ଧ୍ୟାରେ ପିଲାଙ୍କୁ ସନ୍ତୁଳିତ ସ୍ନାକ୍ସ, ରାତ୍ରୀଭୋଜନରେ ରୁଟି, ସବ୍‌ଜି ସାମିଲ କରିବା ଆବଶ୍ୟକ। ଡାଲି, ରାଜମା ତଥା ସମସ୍ତ ପ୍ରକାର ଶସ୍ୟ ଆଦି ଖାଇବା ଦ୍ୱାରା ମଧ ଟାଇପ୍-୨ ମଧୁମେହକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଅଦା, ହଳଦୀ, ଗୋଲମରିଚ ଆଦିକୁ ଖାଦ୍ୟପ୍ରସ୍ତୁତିରେ ବ୍ୟବହାର କରିବା ଉଚିତ। ଡାକ୍ତରଙ୍କ ଅନୁଯାୟୀ, ଡାଏଟ୍‌ରେ ଅଖ୍‌ରୋଟ, ପିସ୍ତା ଏବଂ ବ୍ରାଜିଲ୍ ନଟ୍‌ସ, ଚିୟା ସିଡ୍‌ସ, କଖାରୁ ମଞ୍ଜି ଆଦି ସାମିଲ କଲେ ସେମାନେ ବଳଶାଳୀ ହୋଇଥାନ୍ତି। ତେଣୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ ସହିତ ପିଲାମାନେ ଶାରୀରିକ ସକ୍ରିୟ ରହିବା ଜରୁରି। ଦୈନିକ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ତିନି ଲିଟର ପାଣି ପିଇବା ଦ୍ୱାରା ପିଲାମାନେ ସୁସ୍ଥ ଓ ନୀରୋଗ ରହିପାରନ୍ତି।

# ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି କରୁନ

ମାଞ୍ଚେଷ୍ଟର ୧୭ ।୭ (ଏଜେନ୍ସି):

ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯିବ । ଏଥିଲାଗି ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାରଠାରୁ ଅଭ୍ୟାସ ଆରମ୍ଭ କରିଦେଇଛି । ଲର୍ଡ୍ସରେ ଅନୁଷ୍ଠିତ ସିରିଜ ୩ୟ ଟେଷ୍ଟକୁ ଘରୋଇ ଇଂଲଣ୍ଡ ନାଟକୀୟ ଭାବେ ୨୨ ରନରେ ଜିତି ସିରିଜରେ ୨-୧ରେ ଅଗ୍ରଣୀ ରହିଛି । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସମ୍ମାନଜନକ ସିରିଜକୁ ବଞ୍ଚାଇ ରଖିବାକୁ ହେଲେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ୪ର୍ଥ ଟେଷ୍ଟରେ ବିଜୟ ଜରୁରୀ ହୋଇପଡ଼ିଛି ।

ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଖେଳାଳିମାନେ ଗୁରୁବାର ଏଠାରେ ହାଲ୍‌କା ଅଭ୍ୟାସ କରିଛନ୍ତି । ଏଥିରେ ଦଳର ପ୍ରାୟ ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ । ତେବେ ଲର୍ଡ୍ସ ପରାଜୟ ପରେ ଭାରତୀୟ ମ୍ୟାନେଜମେଣ୍ଟ ଦଳରେ କେତୋଟି ପରିବର୍ତ୍ତନ କରିବା ନେଇ ସମ୍ଭାବନା ରହିଛି । ବିଶେଷ କରି ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟର୍ କରୁନ ନାୟାରଙ୍କୁ ୪ର୍ଥ ଟେଷ୍ଟରେ ବାଦ୍ ଦେବା ନେଇ ରିପୋର୍ଟ ପ୍ରକାଶ ପାଇଛି । ତାଙ୍କ ସ୍ଥାନରେ ଅନ୍ୟତମ ଇନଫର୍ମ ବ୍ୟାଟର୍ ସାଇ ସୁଦର୍ଶନ ମାଞ୍ଚେଷ୍ଟର ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି । ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିବା ୩୩ ବର୍ଷୀୟ ବିଦର୍ଭ ବ୍ୟାଟର୍ କରୁନ ୬ଟି ପାଳିରେ ଯଥାକ୍ରମେ ୦, ୨୦, ୩୧, ୨୬, ୪୦ ଓ ୧୪ ସହ ମୋଟ୍ ୧୩୧ ରନ କରିଛନ୍ତି । ତାଙ୍କର ଆଭରେଜ ୨୧.୮୩ ରହିଥିବାବେଳେ ୪୦ ରନ ଶ୍ରେଷ୍ଠ ପାଳି ରହିଛି । ନାୟାରଙ୍କ ଏହି ନୈରାଶ୍ୟଜନକ ପ୍ରଦର୍ଶନ ହିଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି । ଅପରପକ୍ଷରେ ୪ର୍ଥ ଟେଷ୍ଟରେ ମଧ୍ୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହଙ୍କୁ ସାମିଲ କରାଯାଇପାରେ । ୱାର୍କଲୋଡ୍‌କୁ ନଜରରେ ରଖି ଅଭିଜ୍ଞ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ପୁଣିଥରେ ବିଶ୍ରାମ ଦେବାନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଛି । ଫଳରେ ପ୍ରଥମ ୩ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ନ ଥିବା ଅର୍ଶଦୀପ୍ ଏଠାରେ ଟେଷ୍ଟ ପଦାର୍ପଣ କରିପାରନ୍ତି ।


ଏକ ହାଲ୍‌କା ମୁହୂର୍ତ୍ତରେ କୋଚ୍ ଗମ୍ଭୀରଙ୍କ ସହ ଜାଡେଜା

## ଭାରତ ପାଇଁ ମାଞ୍ଚେଷ୍ଟର ଅଭେଦ୍ୟ ଦୁର୍ଗ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଭାରତୀୟ ଦଳର ରେକର୍ଡ ବହୁତ ଖରାପ ରହିଛି । ୮୯ ବର୍ଷ ହେଲା ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିପାରିନି । ୧୯୩୬ରେ ଭାରତ ଏଠାରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲା । ରାଜକୁମାର ଅଫ୍ ବିଜିନଗରମ ଭାବେ ପରିଚିତ ବିଜୟ ଆନନ୍ଦଙ୍କ ନେତୃତ୍ୱରେ ଭାରତ ଏହି ଟେଷ୍ଟ ଖେଳିଥିଲା । ଭାରତ ପ୍ରଥମ ପାଳିରେ ମାତ୍ର ୨୦୩ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଘରୋଇ ଇଂଲଣ୍ଡ ୱାଲି ହାମଣ୍ଡଙ୍କ ୧୬୭ ରନ ବଳରେ ୫୭୧/୮ରେ ପ୍ରଥମ ପାଳି ଘୋଷଣା କରିଥିଲା । ଏହାପରେ ଭାରତ ଦୁଇ ଓପନର୍ ବିଜୟ ମର୍ଚ୍ଚାଣ୍ଟ (୧୧୪) ଓ ମୁସ୍ତାକ ଅଲି (୧୧୨)ଙ୍କ ଶତକ ବଳରେ ଦ୍ୱିତୀୟ ପାଳିରେ ୫ ୱିକେଟ୍‌ରେ ୩୯୦ ରନ କରି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲା । ଅଦ୍ୟାବଧି ଏହି ଗ୍ରାଉଣ୍ଡରେ ଭାରତ ୯ ଟେଷ୍ଟ ଖେଳି ୪ଟି ହାରିଥିବାବେଳେ ୫ଟି ଡ୍ର ରଖିଛି । ଶେଷଥର ଲାଗି ଭାରତ ୨୦୧୪ରେ ଏଠାରେ ଟେଷ୍ଟ ଖେଳି ଏକ ପାଳି ଓ ୫୪ ରନରେ ଆଲିଷ୍ଟର୍ କୁକ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡଠାରୁ ହାରିଥିଲା । ତେଣୁ ଏଥର ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏଠାରେ ସ୍ମରଣୀୟ ବିଜୟ ହାସଲ ଲକ୍ଷ୍ୟରେ ରହିଛି ।

# ଭାରତର ଦ୍ୱିତୀୟ ସର୍ବବୃହତ୍ ରନ୍‌ଚେଜ୍

ସାଉଥାମ୍ପଟନ, ୧୭ ।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି । ୨୫୯ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦୀପ୍ତି ଶର୍ମା ଅପରାଜିତ ଅର୍ଦ୍ଧଶତକ ବଳରେ ୬ ୱିକେଟ ହରାଇ ୧୦ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା । ଏହି ଫର୍ମାଟ୍‌ରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ରନ ଚେଜ୍ ହୋଇଛି । ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ ।

ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୬ ୱିକେଟ୍ ହରାଇ ୨୫୮ ରନ କରିଥିଲା । ଦଳ ପକ୍ଷରୁ ସୋଫି ଡଙ୍କଲୀ ୮୩, ଡେଭିଡସନ ରିଚାର୍ଡ୍ସ ୫୩, ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୪୧, ଇମା ଲାମ୍ବ୍ ୩୯ ଓ ସୋଫି ଇକଲେଷ୍ଟୋନ ଅପରାଜିତ ୨୩ ରନ କରିଥିଲେ । ଭ୍ରମଣକାରୀ ଭାରତୀୟ ଦଳ ପକ୍ଷରୁ ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ସହଜରେ ମ୍ୟାଚ୍ ଜିତିନେଇଥିଲା । ଦୁଇ ଓପନର୍ ସ୍ମୃତି ମନ୍ଧାନା ୩୬, ପ୍ରତୀକ ରାୱଲ ୨୮, ହର୍ଲିନ ଦେଓଲ ୨୭, ଜେମିମା ରୋଡ୍ରିଗ୍ସେଜ ୪୮, ଅଧିନାୟିକା ହର୍‌ମନପ୍ରୀତ୍ କୌର ୧୭ ରନ କରିଥିଲେ । ସେହିଭଳି ଦୀପ୍ତି ୬୨ ଓ ଅମନଜୋତ୍ କୌର ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ । ଦୀପ୍ତି ତାଙ୍କ ୧୪ତମ ଅର୍ଦ୍ଧଶତକୀୟ ପାଳିରେ ୬୪ ବଲ୍ ଖେଳି ୩ ଚୌକା ଓ ଗୋଟିଏ ହାତରେ ଏକ ସୁନ୍ଦର ଛକା ମାରିଥିଲେ । ଦୀପ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।



**ଏକଦିବସୀୟ ମହିଳା କ୍ରିକେଟ୍‌ରେ ଭାରତର ସଫଳ ରନଚେଜ୍**

| ଟାର୍ଗେଟ୍ | ପ୍ରତିପକ୍ଷ | ବର୍ଷ |
|---|---|---|
| ୨୬୫ | ଅଷ୍ଟ୍ରେଲିଆ | ୨୦୨୧ |
| ୨୫୯ | ଇଂଲଣ୍ଡ | ୨୦୨୫ |
| ୨୫୨ | ନ୍ୟୁଜିଲାଣ୍ଡ | ୨୦୨୨ |
| ୨୪୮ | ଦ.ଆଫ୍ରିକା | ୨୦୧୯ |
| ୨୪୫ | ଦ.ଆଫ୍ରିକା | ୨୦୧୭ |

## ଡୁରାଣ୍ଡ କପ୍ ପୁରସ୍କାର ରାଶି ୩ ଗୁଣା ବଢ଼ିଲା

କୋଲକାତା, ୧୭ ।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ଯାଉଛି । ସମ୍ମାନଜନକ ଡୁରାଣ୍ଡ କପ୍‌ର ଏହି ୧୩୪ତମ ସଂସ୍କରଣ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏଥର ପୁରସ୍କାର ବାବଦରେ ୩ କୋଟି ଟଙ୍କା ପ୍ରଦାନ କରାଯିବ । ଯାହାକି ଗତ ସଂସ୍କରଣ ତୁଳନାରେ ପାଖାପାଖି ୩ଗୁଣ ଅଧିକ । ଗତ ବର୍ଷ ପୁରସ୍କାର ବାବଦକୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଚାମ୍ପିଅନ ଓ ରନର୍ସଅପ୍ ବାଦ ଏଥର ସେମିଫାଇନାଲ, କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ଦିଆଯିବ । ସେହିଭଳି ୩ଟି ବ୍ୟକ୍ତିଗତ ପୁରସ୍କାର ବାବଦକୁ ୩ଟି ଏସ୍‌ୟୁଭି କାର୍ ପ୍ରଦାନ କରାଯିବ ବୋଲି ଡୁରାଣ୍ଡ କପ୍‌ର ଅଧ୍ୟକ୍ଷ ତଥା ଭାରତୀୟ ଆର୍ମିର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫନାଣ୍ଟ ଜେନେରାଲ ମୋହିତ ମାଲ୍‌ହୋତ୍ରା କହିଛନ୍ତି । ଜୁଲାଇ ୨୩ରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଓ ସାଉଥ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ ।

■ ଡ. ବିସି ରାୟ ଟ୍ରଫି

## ୨୧ ଜଣିଆ ଓଡ଼ିଶା ଦଳ ଘୋଷିତ



କଟକ,୧୭।୭(ସମିସ): ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି. ରାୟ ଟ୍ରଫି ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ । ପଞ୍ଜାବର ଅମୃତସରରେ ୧୦ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍ ନିମନ୍ତେ ଗୁରୁବାର ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ୨୧ ଜଣିଆ ରାଜ୍ୟ ଦଳ ଘୋଷଣା କରିଛି । ଦଳରେ ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍କା, ବିଷ୍ଣୁପ୍ରସାଦ ସାହୁ, କିରଣ ମୁଣ୍ଡା, ଶିବ ମୁଣ୍ଡା, ଆୟୁଷ ଅଶ୍ରୁଜିତ, ଶଙ୍କର ଭୁଏ, ଜେଙ୍ଗା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସଦା, ଅନିକେତ ଖାଡିଆ, ସ୍ୱାଗତମ ସାହୁ, ସତ୍ୟ ନାଏକ, ରାଜ କୁମାର ରାଓ, ସମୀର ଟପ୍ପୋ, ଅମନ ଲାକ୍ରା, ପିଣ୍ଟୁ ନାଗ, ବିକି ମାଝୀ, ଇଶାନ୍ତ କୁଜୁର, ପ୍ରସନ୍ନଜିତ ବାଡା, ବିଜୟ ମୁର୍ମୁ, ମହମ୍ମଦ ଫରହାନ ଏହସାନ ସ୍ଥାନ ପାଇଛନ୍ତି । ସେଖ ମନଜୁର ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଧନେଶ୍ୱର ତିର୍କୀ ସହକାରୀ କୋଚ୍, ଚିତ୍ତରଞ୍ଜନ ବେହେରା ମ୍ୟାନେଜର, ସରୋଜ କୁମାର ବେହେରା ଫିଜିଓ ଭାବେ ଦଳ ସହ ଗସ୍ତ କରିବେ । ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି । ଏହି ଗ୍ରୁପରେ ଝାଡ଼ଖଣ୍ଡ, ମଣିପୁର ଏବଂ କର୍ଣ୍ଣାଟକ ରହିଛନ୍ତି । ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ ।

## ଗୋଟିଏ ଓଭରରେ ହେଟ୍‌ମାୟରଙ୍କ ୫ ଛକା

ଗୁୟାନା, ୧୭ ।୭ (ଏଜେନ୍ସି): କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆନୁକୂଲ୍ୟରେ ଆୟୋଜିତ ଗ୍ଲୋବାଲ୍ ସୁପର୍ ଲିଗ୍‌ର ୯ମ ସଂସ୍କରଣରେ ସିମ୍‌ରନ ହେଟ୍‌ମାୟରଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ହେଟ୍‌ମାୟର ଗୋଟିଏ ଓଭରରେ ୫ଟି ଛକା ମାରିଛନ୍ତି । ହୋବାର୍ଟ ହରିକେନ୍ସ ଓ ଗୁୟାନା ଆମାଜନ ୱାରିୟର୍ସ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଥିଲା । ଏଥିରେ ଗୁୟାନା ଆମାଜନ ପକ୍ଷରୁ ଖେଳୁଥିବା ହେଟ୍‌ମାୟର ପ୍ରତିପକ୍ଷ ବାମହାତୀ ସ୍ପିନର ଫାବିଆନ ଆଲେନଙ୍କ ଏକ ଓଭରରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ । ଗୁୟାନା ପାଳିର ୧୦ମ ଓଭର ବୋଲିଂ କରିଥିବା ଆଲେନଙ୍କ ପ୍ରଥମ ୪ଟି ବଲ୍‌କୁ ହେଟ୍‌ମାୟର ଛକା ମାରିଥିଲେ । ତେବେ ୫ମ ବଲ୍‌ରୁ ୨ ରନ ହୋଇଥିବାବେଳେ ଅନ୍ତିମ ବଲ୍‌ରୁ ପୁଣି ଏକ ଛକା ହୋଇଥିଲା । ଫଳରେ ଆଲେନ ଏହି ଓଭରରେ ୩୨ ରନ ବ୍ୟୟ କରିଥିଲେ । ହେଟ୍‌ମାୟର ୧୦ ବଲରେ ୩୯ ରନର ବିସ୍ଫୋରକ ପାଳି ଖେଳିବାରୁ ଗୁୟାନା ଆମାଜନ ୧୨୬ ରନର ଲକ୍ଷ୍ୟକୁ ୧୬.୩ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା ।

## ଡୋପ୍ ଟେଷ୍ଟରେ ରୁଥ୍ ବିଫଳ

ନାଇରୋବି, ୧୭ ।୭ (ଏଜେନ୍ସି): ମହିଳା ମାରାଥନରେ ବିଶ୍ୱ ରେକର୍ଡର ଅଧିକାରିଣୀ ରହିଥିବା କେନିଆର ରୁଥ୍ ଚେପନଗେଇଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ବାସନ୍ଦ ହୋଇଛନ୍ତି । ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ ଇଣ୍ଟେଗ୍ରିଟି ୟୁନିଟ୍ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି । ଗତ ଅକ୍ଟୋବରରେ ଅନୁଷ୍ଠିତ ଚିକାଗୋ ମାରାଥନରେ ୩୦ ବର୍ଷୀୟା ରୁଥ୍ ୨ ଘଣ୍ଟା ୯ ମିନିଟ୍ ଓ ୫୬ ସେକେଣ୍ଡରେ ରେସ୍ ଫିନିଶ କରି ବିଶ୍ୱରେକର୍ଡ କରିଥିଲେ ।

## ପ୍ରଫେସନାଲ୍ ଫୁଟ୍‌ବଲରୁ ଅବସର ନେଲେ ଆଦିତି



ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ପ୍ରଥମ ଭାରତୀୟ ମହିଳା ଭାବେ ୟୁରୋପ୍‌ରେ ପ୍ରଫେସନାଲ ଫୁଟ୍‌ବଲ୍ ଖେଳିଥିବା ଆଦିତି ଚୌହାନ ଅବସର ଘୋଷଣା କରିଛନ୍ତି । ୧୭ ବର୍ଷର ଲମ୍ବା କ୍ୟାରିୟରରେ ଗୋଲ୍‌ରକ୍ଷକ ଆଦିତି ଜାତୀୟ ଦଳ ପକ୍ଷରୁ ୫୭ ମ୍ୟାଚ୍ ଖେଳିଛନ୍ତି । ୨୦୧୨, ୨୦୧୬ ଓ ୨୦୧୯ରେ ସାଫ୍ ଚାମ୍ପିଅନସିପ୍ ଜିତିଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ । ୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଆଦିତି ୨୦୨୩ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ୩୨ ବର୍ଷୀୟା ଆଦିତି ୨୦୧୫ରେ ଇଂଲଣ୍ଡରେ ଆୟୋଜିତ ମହିଳା ସୁପର୍ ଲିଗ୍‌ରେ ୱେଷ୍ଟ ହାମ୍ ୟୁନାଇଟେଡ୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଥିଲେ । ଏଥିସହ ସେ ଦେଶର ପ୍ରଥମ ମହିଳା ଫୁଟ୍‌ବଲ ଖେଳାଳି ଭାବେ ୟୁରୋପ୍‌ରେ ପ୍ରଫେସନାଲ ଲିଗ୍ ଖେଳି ଚର୍ଚ୍ଚାକୁ ଆସିଥିଲେ । ୱେଷ୍ଟ ହାମ୍ ଦଳ ପାଇଁ ସେ ଦୁଇ ବର୍ଷ ଖେଳିଥିଲେ । ଅବସର ପରେ ଦେଶରେ ଫୁଟ୍‌ବଲର ଉନ୍ନତି ଲାଗି କାର୍ଯ୍ୟ କରିବେ ବୋଲି ଆଦିତି କହିଛନ୍ତି ।

**ଜାପାନ ଓପନ୍**

## ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗଙ୍କ ବିଦାୟ

ଟୋକିଓ, ୧୭ ।୭ (ଏଜେନ୍ସି): ଚଳିତ ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରୁ ଭାରତର ଲକ୍ଷ୍ୟ ସେନଙ୍କୁ ବିଦାୟ ନେବାକୁ ପଡ଼ିଛି । ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ଲକ୍ଷ୍ୟ ୧୯-୨୧, ୧୧-୨୧ ସିଧାସଳଖ ଗେମ୍‌ରେ ଘରୋଇ ଖେଳାଳି କୋଡାଇ ନାରାଓକାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି । ଫଳରେ ଚଳିତ ବର୍ଷ ଅଲ୍ ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟ ପରେ ଲକ୍ଷ୍ୟ କ୍ରମାଗତ ୫ମଥର ଲାଗି କ୍ୱାର୍ଟର ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି । ଅପରପକ୍ଷରେ ପୁରୁଷ ଡବଲ୍ସରେ ବିଶ୍ୱର ପୂର୍ବତନ ଏକ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଅଟକିଯାଇଛନ୍ତି । ଏହି ଭାରତୀୟ ଯୋଡ଼ି ୨୨-୨୪, ୧୪-୨୧ ଗେମ୍‌ରେ ଚାଇନାର ଲିଆଙ୍ଗ କେଙ୍ଗ୍ ୱି ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ନିକଟରୁ ପରାସ୍ତ ହୋଇଥିଲେ । ପୂର୍ବରୁ ଗତକାଲି ପିଭି ସିନ୍ଧୁ ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ ।

**ସାହାଣୀ କପ୍**

# ଇଞ୍ଜୁରୀ ଟାଇମ୍‌ରେ ଜିତିଲା ଖୋର୍ଦ୍ଧା

କଟକ,୧୭।୭(ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ୪ଟି ଜୋନ୍‌ରେ ଖେଳାଯାଉଛି । ଗୁରୁବାର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡ଼ା ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ଇଞ୍ଜୁରୀ ଟାଇମ୍‌ରେ ୨ଟି ଗୋଲ୍ ସ୍କୋର କରି ରୋମାଞ୍ଚକ ବିଜୟ ହାସଲ କରିଥିଲା । ଖୋର୍ଦ୍ଧା ଏବଂ ପାରାଦୀପ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଉଭୟ ଦଳ ପ୍ରଥମାର୍ଦ୍ଧରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ । ପାରାଦୀପର କେ. ରିତିକ୍, ପ୍ରକାଶ ନାୟକ, ଖୋର୍ଦ୍ଧାର ତୋଫାନ ନାୟକ ଏବଂ ରଞ୍ଜନ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୭୬ତମ ମିନିଟରେ ପ୍ରକାଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପାରାଦୀପକୁ ୩-୨ରେ ଆଗୁଆ ରହିଥିଲେ । ନିର୍ଦ୍ଧାରିତ ୯୦ ମିନିଟ ପର୍ଯ୍ୟନ୍ତ ପାରାଦୀପ ବିଜୟ ଆଶାରେ ରହିଥିଲା । ମାତ୍ର ଇଞ୍ଜୁରି ଟାଇମ୍‌ରେ ଖୋର୍ଦ୍ଧା ମ୍ୟାଚ୍‌ର ଚିତ୍ରପଟ୍ଟ ବଦଳାଇ ଦେଇଥିଲା । ୯୧ତମ ମିନିଟରେ ଚନ୍ଦନ ନାୟକ ଏବଂ ୯୫ତମ ମିନିଟରେ ତୋଫାନ ନାୟକଙ୍କ ଗୋଲ୍ ବଳରେ ଖୋର୍ଦ୍ଧା ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା । କେନ୍ଦ୍ରାପଡ଼ା ଜୋନରେ ଅନ୍ୟ ଏକ ମ୍ୟାଚ୍‌ରେ କଟକ ୫-୦ ଗୋଲରେ ପୁରୀକୁ ହରାଇଛି । ସେହିପରି ବୌଦ୍ଧ ଜୋନରେ ବରଗଡ ୪-୦ ଗୋଲରେ କଳାହାଣ୍ଡିକୁ, ଦେବଗଡ଼ ୨-୦ ଗୋଲରେ ନୟାଗଡ଼କୁ, କେନ୍ଦୁଝର ଜୋନରେ ସୁବର୍ଣ୍ଣପୁର ୬-୦ ଗୋଲରେ ବାଲେଶ୍ୱରକୁ ହରାଇଥିବା ବେଳେ ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନରେ କୋରାପୁଟ ୪-୦ ଗୋଲରେ ମୟୂରଭଞ୍ଜକୁ ଏବଂ ମାଲକାନଗିରି ୮-୧ ଗୋଲରେ ରାୟଗଡାକୁ ହରାଇଛି ।


କେଉଁଝରର ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍

ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍


# ଯୋଗ୍ୟତା ମାନଦଣ୍ଡ ଜାରି କଲା ଏଏଫ୍‌ଆଇ

ଭୁବନେଶ୍ୱର, ୧୭ ।୭ (ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍ ଅନୁଷ୍ଠିତ ହେବ । ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଏକଦିବସୀୟ ମେଗା ଇଭେଣ୍ଟ ଆୟୋଜିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ଏଏଫ୍‌ଆଇ ପକ୍ଷରୁ ଗୁରୁବାର ଯୋଗ୍ୟତା ମାନଦଣ୍ଡ ଘୋଷଣା କରାଯାଇଛି । ପୁରୁଷ ଓ ମହିଳା ୧୦୦ ମିଟର ଲାଗି ଯଥାକ୍ରମେ ଯୋଗ୍ୟତା ମାନଦଣ୍ଡ ୧୦.୬୦ ଓ ୧୧.୮୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି । ସେହିଭଳି ପୁରୁଷ ୨୦୦ ମିଟର ଲାଗି ୨୧.୩୦ ସେକେଣ୍ଡ ଓ ମହିଳାଙ୍କ ଲାଗି ୨୩.୫୦ ସେକେଣ୍ଡ ରଖାଯାଇଛି । ତେବେ ଜାଭେଲିନ୍ ଇଭେଣ୍ଟରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଭାଗନେବେ ନାହିଁ ବୋଲି ବୋଲି ଜଣାପଡ଼ିଛି ।

**ଭାଗନେବେନି ନୀରଜ**

ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆନୁକୂଲ୍ୟରେ ଆୟୋଜିତ ଏହି କଣ୍ଟିନେଣ୍ଟାଲ୍ ଟୁର୍ ହେଉଛି ଏକ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ଏକ ବାର୍ଷିକ ସିରିଜ । ସମ୍ମାନଜନକ ଡାଏମଣ୍ଡ ଲିଗ୍ ପରେ ଏହା ଦ୍ୱିତୀୟସ୍ତରର ଏକଦିବସୀୟ ପ୍ରତିଯୋଗିତା । ସେହିଭଳି ବ୍ରୋଞ୍ଜ-ଲେଭଲ୍ ଟୁର୍ ମିଟ୍ ସ୍ୱର୍ଣ୍ଣ ଓ ରୌପ୍ୟସ୍ତରଠାରୁ କମ୍ ମାନ୍ୟତା । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍‌ରେ ଆୟୋଜକ ଭାରତ ସମେତ ୧୦ ଦେଶର ୧୫୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗନେବେ । ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ୨୦ଟି କ୍ରୀଡ଼ା ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ସହ ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ଇଭେଣ୍ଟ ଫେରିଛି । ଶେଷ ଓ ପ୍ରଥମଥର ଲାଗି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା ।



**ଯୋଗ୍ୟତା ମାନଦଣ୍ଡ**

**ପୁରୁଷ**

| | |
|---|---|
| ୧୦୦ମି | ୧୦.୬୦ ସେକେଣ୍ଡ |
| ୨୦୦ମି | ୨୧.୩୦ ସେକେଣ୍ଡ |
| ୪୦୦ମି | ୪୬.୨୦ ସେକେଣ୍ଡ |
| ୮୦୦ମି | ୧:୪୮.୫୦ ସେକେଣ୍ଡ |
| ୫୦୦୦ମି | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗ ଜମ୍ପ | ୭.୮୦ ମିଟର |
| ଟ୍ରିପଲ ଜମ୍ପ | ୧୬.୬୦ ମିଟର |
| ଜାଭେଲିନ୍ | ୭୫ ମିଟର |

**ମହିଳା**

| | |
|---|---|
| ୧୦୦ମି | ୧୧.୮୦ ସେକେଣ୍ଡ |
| ୨୦୦ମି | ୨୩.୫୦ ସେକେଣ୍ଡ |
| ୪୦୦ମି | ୫୩.୦୦ ସେକେଣ୍ଡ |
| ୮୦୦ମି | ୨:୦୫.୦୦ ସେକେଣ୍ଡ |
| ୧୫୦୦ମି | ୪:୧୮.୦୦ ସେକେଣ୍ଡ |
| ୧୦୦ମି ହର୍ଡଲ୍ସ | ୧୩.୫୫ ସେକେଣ୍ଡ |
| ଲଙ୍ଗ ଜମ୍ପ | ୬.୦୦ ମିଟର |
| ଜାଭେଲିନ୍ | ୫୨ ମିଟର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS